

ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

## The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ସୋମବାର ୧୦ ଜୁଲାଇ ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 10 JULY 2023
Vol.No. 35 ■ No. 181 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ଓଟିପି ସ୍କାମରେ ପାକିସ୍ତାନ ଲିଙ୍କର ହେବ ପର୍ଦ୍ଦାଫାଶ

## ଅଭିଯୁକ୍ତ ଅଭିଜିତକୁ ପଚରାଉଚରା କଲା ମହାରାଷ୍ଟ୍ରର ଏଟିଏସ୍

ଭୁବନେଶ୍ୱର, ୦୯/୦୭ (ନି.ପ୍ର): ଓଟିପି ସେୟାରିଂ ସ୍କାମ ତଥ୍ୟ ଲିକ୍ ଘଟଣାରେ ଖୋଲିବ ପାକିସ୍ତାନ ଆଇଏସଆଇ ଏଜେଣ୍ଟଙ୍କ ସହ ଆର୍ଥିକ କାରବାରର ଲିଙ୍କ । ଅଭିଯୁକ୍ତ ଅଭିଜିତକୁ ଜେରା କରୁଛି ମହାରାଷ୍ଟ୍ର ଏଟିଏସ୍ । ଗିରଫ ଅଭିଜିତର ପାକିସ୍ତାନ, ଆଇଏସଆଇ ଓ ନାଇଜେରିଆ ଲିଙ୍କ ସାମ୍ନାକୁ ଆସିଛି । ତେଣୁ ଆତଙ୍କୀଙ୍କ ସହ ସଂପର୍କ ସନ୍ଦେହରେ ଏସିଟିଏଫ ଗୁଡେଇ ତୁଡେଇ ପଚରା ଉଚରା କରୁଛି । ଆବଶ୍ୟକ ହେଲେ ନିଆଯାଇପାରେ ଏନଆଇଏ ଓ ଆଇବିର ସହାୟତା । ଅଭିଜିତକୁ ଓଟିପି ସ୍କାମରେ ଓଡିଶା ଏସଟିଏଫ ଗିରଫ କରିବା ପରେ ମହାରାଷ୍ଟ୍ର ଏଟିଏସ୍ ବା ଆଣ୍ଟି ଟେରୋରିଷ୍ଟ ସ୍କ୍ୱାର୍ଡ ଭୁବନେଶ୍ୱର ଆସି ପଚରାଉଚରା କରୁଛି । ଓଟିପି ସେୟାରିଂ ସ୍କାମରେ ଗିରଫ ଅଭିଜିତର ପାକିସ୍ତାନ, ଆଇଏସଆଇ ଓ ନାଇଜେରିଆ ଲିଙ୍କ ସାମ୍ନାକୁ ଆସିଛି । ତେଣୁ ଆତଙ୍କୀଙ୍କ ସହ ସଂପର୍କ ସନ୍ଦେହରେ ଏସିଟିଏଫ ଗୁଡେଇ ତୁଡେଇ ପଚରାଉଚରା କରୁଛି । ଆଗକୁ ଏନଆଇଏ ଓ ଆଇବି ମଧ ଅଭିଜିତକୁ ଜେରା କରିପାରନ୍ତି ବୋଲି ସୂଚନା ମିଳିଛି । ପାକିସ୍ତାନ କରାଚୀର ସେନା ଗୁଇନ୍ଦା ଅଧିକାରୀ ଅବଦୁଲ ହମିଦ ଓରଫ ଖୁରାମଙ୍କ ସହ ଅଭିଜିତର ଲିଙ୍କ ସନ୍ଦେହ ବଢାଉଛି । କରାଚୀରୁ ଅଭିଜିତଙ୍କ ଆକାଉଣ୍ଟକୁ ଟଙ୍କା ଆସୁଥିଲା । ଆଉ ଭାରତର ବିଭିନ୍ନ ସ୍ଥାନରେ ଥିବା ପାକ ଏଜେଣ୍ଟଙ୍କ ପାଖକୁ ଟଙ୍କା ପଠାଉଥିଲା ଅଭିଯୁକ୍ତ । ତଦନ୍ତରୁ ଏହା ଜଣାପଡିବା ପରେ ଦେଶରେ ଆତଙ୍କବାଦୀ ଗତିବିଧି ସହ ଅଭିଜିତ ସଂପୃକ୍ତ ଥିବା ସନ୍ଦେହ କରାଯାଉଛି । ଏବେ ଅଭିଜିତ ଠାରୁ ପାକ୍ ଏଜେଣ୍ଟଙ୍କ ତଥ୍ୟ ସଂଗ୍ରହ କରିବାକୁ ଉଦ୍ୟମ କରୁଛି ମହାରାଷ୍ଟ୍ର ଏଟିଏସ୍ । ଏଭଳି ଅସମାହିତ ପ୍ରଶ୍ନର ଉତ୍ତର ଖୋଜୁଛି ଏଟିଏସ । ଖୁବଶୀଘ୍ର ଏନଆଇଏ ଓ ଆଇବି ଆସି ତଦନ୍ତରେ ସହଯୋଗ କରିବେ ବୋଲି ସୂଚନା ମିଳିଛି ।

### ଓଟିପି ସେୟାରିଂରୁ ଆତଙ୍କବାଦୀ ଲିଙ୍କ ସାମ୍ନାକୁ ଆସିବା ପରେ ପ୍ରଶ୍ନ ଉଠୁଛି...

- ଦେଶ ବିରୋଧୀ କାର୍ଯ୍ୟରେ ଲିପ୍ତ ଥିଲା କି ଅଭିଜିତ ?
- ପାକିସ୍ତାନର ଆର୍ମି ଇଣ୍ଟେଲିଜେନ୍ସ ଅଫିସର ଅବଦୁଲ ହମିଦ ଓରଫ୍ ଖୁରାମକୁ କେମିତି ଚିହ୍ନିଲା ଅଭିଜିତ ?
- ଖୁରାମ କଥାରେ କେତେ ଏଜେଣ୍ଟ ପାଖକୁ ଅଭିଜିତ ପଠାଇଛି ଟଙ୍କା ?
- ଦେଶଦ୍ରୋହ କାର୍ଯ୍ୟ ପାଇଁ କେତେ ଟଙ୍କାରେ ମୁଣ୍ଡ ବିକିଥିଲେ ଏଜେଣ୍ଟ ?
- ଭାରତରେ କେତେ ପାକିସ୍ତାନୀ ଏଜେଣ୍ଟ ସକ୍ରିୟ ଅଛନ୍ତି ?



# ଉତ୍ତର ଭାରତ ରାଜ୍ୟଗୁଡ଼ିକରେ ପ୍ରବଳରୁ ଅତି ପ୍ରବଳ ବର୍ଷା

ଦିଲ୍ଲୀ, ୦୯/୦୭ (ନି.ପ୍ର): ଲଗାଣ ବର୍ଷା ଯୋଗୁଁ ଉତ୍ତର ଭାରତରେ ଜଳ ପ୍ରଳୟ । ଉତ୍ତର ଭାରତର ଅଧିକାଂଶ ରାଜ୍ୟରେ ବନ୍ୟା ସ୍ଥିତି । ହିମାଚଳ ପ୍ରଦେଶରୁ ଆରମ୍ଭ କରି ପଞ୍ଜାବ ସବୁଠୁ ଲଗାଣ ବର୍ଷା ଓ ବନ୍ୟା ଯୋଗୁଁ ସାଧାରଣ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି । ଏଯାଏଁ ବନ୍ୟା ୧୪ରୁ ଅଧିକଙ୍କ ଜୀବନ ନେଲାଣି । ଏନଡିଆରଏଫ ଉଦ୍ଧାରକାର୍ଯ୍ୟରେ ଲାଗିଛି । ସେପଟେ ଗୁଜରାଟର କେତେକ ଜାଗା ଓ ଆସାମରେ ମଧ ବନ୍ୟା ସ୍ଥିତି ସୃଷ୍ଟି ହୋଇଛି । ଗୃହମନ୍ତ୍ରୀ ଅମିତ ଶାହା ବନ୍ୟା ପ୍ରଭାବିତ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ସହ କଥା ହୋଇ ସ୍ଥିତି ପଚାରି ବୁଝିଛନ୍ତି ।



ମୌସୁମୀ ପୁରା ସକ୍ରିୟ ହୋଇପଡ଼ିଥିବା ବେଳେ ଲଗାଣ ବର୍ଷାରେ ବେହାଲ ହୋଇପଡ଼ିଛି ପୁରା ଉତ୍ତର ଭାରତ । ପ୍ରବଳ ବର୍ଷା ପରେ ବନ୍ୟା ସ୍ଥିତି । ଉତ୍ତର ଭାରତର ଅଧିକାଂଶ ରାଜ୍ୟ ଦିଲ୍ଲୀ, ହରିୟାଣା, ହିମାଚଳ ପ୍ରଦେଶ, ଉତ୍ତରାଖଣ୍ଡ, ରାଜସ୍ଥାନ, ପଞ୍ଜାବ, ଜମ୍ମୁ-କାଶ୍ମୀର ସବୁଠି ବନ୍ୟା ସ୍ଥିତି ଦେଖାଦେଇଛି । ଜୁଲାଇ ମାସର ପ୍ରଥମ ୮ ଦିନରେ ୨୪୩.୨ ମିଲିମିଟର ବର୍ଷା ହୋଇଛି, ଯାହା ସ୍ୱାଭାବିକ ଠାରୁ ୨ ମିଲିମିଟର ଅଧିକ । ଜଳପ୍ରଳୟରେ ଏଯାଏଁ ୧୪ରୁ ଅଧିକ ଜୀବନ ଯାଇଥିବା ବେଳେ ହଜାର ହଜାର ଲୋକ ପ୍ରଭାବିତ ହୋଇଛନ୍ତି । ▶▶ପୃଷ୍ଠା ୭

# ପଶ୍ଚିମବଙ୍ଗରେ ନିର୍ବାଚନ ପରବର୍ତ୍ତୀ ହିଂସା

କୋଲକାତା, ୦୯/୦୭ (ନି.ପ୍ର): ପଶ୍ଚିମବଙ୍ଗରେ ତ୍ରିସ୍ତରିୟ ପଂଚାୟତ ନିର୍ବାଚନ ନିମନ୍ତେ ଭୋଟଗ୍ରହଣ ଶେଷ ହେବା ପରେ ରାଜ୍ୟର କେତେକ ସ୍ଥାନରେ ରାତିତମାମ ହିଂସାକାଣ୍ଡ ଘଟିଛି । ଗୋଟିଏ ସ୍ଥାନରେ ବାଲାଟ ବାକ୍ସ ଖୋଲି ଚଂଚକତା କରାଯାଇଛି । ନଦିୟା, ବାଙ୍କୁଡ଼ା, ଉତର ଏବଂ ଦକ୍ଷିଣ ୨୪ ପ୍ରଗଣା, କୁଚବିହାର, ମୁର୍ଶିଦାବାଦ, ମାଲଦା ଏବଂ ହାଓ୍ୱଡ଼ାରେ ଭାଜପା, ମାକପା ଏବଂ କଂଗ୍ରେସ କାର୍ଯ୍ୟକର୍ତା ମାନଙ୍କୁ ଟାର୍ଗେଟ୍ କରାଯାଇଛି । ଶାସକ ଦଳ ତୃଣମୂଳ କଂଗ୍ରେସର କାର୍ଯ୍ୟକର୍ତା ମାନେ ଏମାନଙ୍କ ଉପରେ ଆକ୍ରମଣ କରିଥିବା



ଅଭିଯୋଗ ହୋଇଛି । ହାଓ୍ୱଡ଼ାର ଜଗତବଲ୍ଲଭପୁର ବିଧାନସଭା ଅନ୍ତର୍ଗତ ପାର୍ବତୀପୁର ଗ୍ରାମପଂଚାୟତରେ ସ୍ୱାଧିନ ପ୍ରାର୍ଥୀ ଶେଖ୍ ଇସଲାମଙ୍କ ଘରେ ଶାସକ ଦଳର କେତେକ ସମର୍ଥକ ଧଶେଇ ପଶିବା ସହ ସେଠାରେ ବ୍ୟାପକ ଭଙ୍ଗାରୁଜା କରିଥିଲେ ଏବଂ ନିଆଁ ଲଗାଇ ଦେଇଥିଲେ । ଶେଖ୍ ଏନେଇ ପୋଲିସକୁ ଅନେକ ଥର ଫୋନ୍ କରିଥିଲେ । ହେଲେ ପୋଲିସ ▶▶ପୃଷ୍ଠା ୭

# ଶ୍ରାବଣରେ ନାହିଁ ବର୍ଷା: ଫାଟି ଆଁ କରିଛି ଚାଷ ଜମି

## ଉପକୂଳରୁ ପଶ୍ଚିମ ଓଡିଶା, ସବୁଆଡେ ଚାଷ କାମରେ ବାଧକ ସାଜିଛି ପାଣି

ଭୁବନେଶ୍ୱର, ୦୯/୦୭ (ନି.ପ୍ର): ଶ୍ରାବଣ ମାସରେ ଚାଷୀଙ୍କୁ ଡର ନଥାଏ । ଜମିରେ ପାଣି କାଦୁଅରେ କାମ କରୁଥାଏ ଚଷା ପୁଅ । ହେଲେ ଚଳିତ ବର୍ଷ ସେ ଚିତ୍ର ବଦଳିଯାଇଛି । ଶ୍ରାବଣରେ ଜମି ଶୁଖିଲା ପଡିଛି । ବର୍ଷାର ଲୁଚକାଳି ଖେଳ ଯୋଗୁଁ ଖରିଫ ଧାନ ଚାଷ ପ୍ରଭାବିତ ହୋଇଛି । ଆଉ ଚାଷୀ ଚାଷ କାମ କରିବା ଆଗରୁ ମରୁଡି ଚିନ୍ତାରେ ଘାଣ୍ଟି ହେଉଛନ୍ତି । ପୁରୀ, କଳାହାଣ୍ଡି, କେନ୍ଦ୍ରାପଡା । ରାଜ୍ୟର ତିନି ଜିଲ୍ଲାରୁ ଆସିଥିବା ଦୃଶ୍ୟ ହିଁ କହୁଛି, ନିଅଁଣ୍ଟିଆ ବର୍ଷା ସଙ୍କଟ ସୃଷ୍ଟି



କରିଛି । ଯେତେବେଳେ ଚାଷ ଜମି ସବୁଜ ଫସଲରେ ହସିବା କଥା ସେତିକି ବେଳେ ମାଟି ଫାଟି ଆଁ କରିଛି । ଯେଉଁଠି ଚାଷୀମାନେ ଧାନ ଚାଷ ପାଇଁ ଆଗୁଆ ତଳି ପକାଇଥିଲେ, ଏବେ ସେଗୁଡିକ ପାଣି ଅଭାବରୁ ହଳଦିଆ ପଡିଲାଣି । କେତେକ ସ୍ଥାନରେ ତଳି ମରିବାକୁ ବସିଲାଣି । କେତେକ ଚାଷୀ ସୁଖିଲା ଜମିକୁ ହଳ କରି ପ୍ରସ୍ତୁତ ରଖିଥିବା ବେଳେ ଅଧିକାଂଶ ଚାଷୀ ବର୍ଷା ହେଲେ ହଳ କରିବେ ବୋଲି ଅପେକ୍ଷା କରିଛନ୍ତି । ଶ୍ରାବଣରେ ମୁଣ୍ଡ ଫଟା ଖରା ସାଙ୍ଗକୁ ବର୍ଷାର ଲୁଚକାଳି ଖେଳ କଳାହାଣ୍ଡି ଜିଲ୍ଲା ଜୟପାଟଣା ଅଞ୍ଚଳର ଚାଷୀଙ୍କ ପାଇଁ କାଳ ହୋଇଛି । ଶ୍ରାବଣ ମାସରେ ଚାଷ ଜମି ଗୁଡିକ ସବୁଜ ସୁନ୍ଦର ଦେଖାଯିବା କଥା, ହେଲେ ବର୍ଷା ଅଭାବରୁ ଏବେ ଶୁଖିଲା ପଡିଛି । ତେବେ ଜୁନ୍ ମାସରେ କଳାହାଣ୍ଡି ଜିଲ୍ଲାରେ ୨୬ ପ୍ରତିଶତ କମ୍ ବର୍ଷା ରେକର୍ଡ ହୋଇଛି । ଆଗକୁ ଯଦି ବର୍ଷାଭାବ ଲାଗି ରୁହେ, ତେବେ ମରୁଡି ନିଶ୍ଚିନ୍ତ ବୋଲି ଚାଷୀମାନେ ଆଶଙ୍କା କଲେଣି । ଚଳିତ ବର୍ଷ ଅନିଶ୍ଚିତ ବର୍ଷାକୁ ନେଇ ସଙ୍କଟରେ ଚାଷୀ । ▶▶ପୃଷ୍ଠା ୭

# ଲୋକନାଥଙ୍କ ପୀଠରେ କାଉଡ଼ିଆଙ୍କ ଭିଡ଼ ଲାଗିଛି

ପୁରୀ, ୦୯/୦୭ (ନି.ପ୍ର): ଚଳିତ ବର୍ଷ ଯୋଡ଼ା ଶ୍ରାବଣ ଓ ୮ଟି ସୋମବାର ପଡୁଥିବାରୁ ପ୍ରଥମ ଶ୍ରାବଣର ୨ଟି ସୋମବାର ଓ ଦ୍ୱିତୀୟ ଶ୍ରାବଣର ୨ଟି ସୋମବାର ଜଳଲାଗି ପାଇଁ କାଉଡ଼ିଆମାନେ ପ୍ରସ୍ତୁତ ହେବା ସହ ପୁରୀ ଲୋକନାଥଙ୍କ ପୀଠକୁ ଆସୁଛନ୍ତି। ରବିବାର ରାତି ୧୨ ଟା ୧୫ରୁ ଶ୍ରୀ ଲୋକାନାଥଙ୍କ ମନ୍ଦିର ଦ୍ୱାର ଫିଟାଯିବ । ୧୨ଟା ୪୫ରୁ କାଉଡ଼ିଆମାନେ ଠାକୁରଙ୍କୁ ଜଳଲାଗି କରି ପାରିବେ ବୋଲି ଟ୍ରଷ୍ଟ ବୋର୍ଡ଼ ବୈଠକରେ ନିଷ୍ପତି ହୋଇଛି । ପାର୍ବତୀ ସାଗର ଚାରିପଟେ ଜଳ ବାହୁଙ୍ଗି ରଖିବା ପାଇଁ ବାଉଁଶ ପୋତାଯାଇଛି । କାଉଡ଼ିଆମାନେ ଜଳଲାଗି ପାଇଁ ୨୦ ଟଙ୍କା ଟିକେଟ ମୂଲ୍ୟ ଧାର୍ଯ୍ୟ କରାଯାଇଛି । ଜୁଲାଇ ୧୦ ଓ ୧୭ ଅଗଷ୍ଟ ୨୧ ଓ ୨୮ ଏହି ୪ଟି ସୋମବାରରେ କାଉଡ଼ିଆମାନେ ଜଳଲାଗି କରିପାରିବେ । କାଉଡ଼ିଆମାନେ ପାର୍ବତୀ ସାଗର ନିକଟରୁ ବ୍ୟାରିକେଡ଼ ଯାଇ ମନ୍ଦିର ପଛ ପାର୍ଶ୍ୱ ରୋଷଘର ▶▶ପୃଷ୍ଠା ୭

# ଦିଲ୍ଲୀରେ ଲାଗୁ ହେବ ଗୁଜରାଟର ଆଇନ୍ !



ଦିଲ୍ଲୀ , ୦୯/୦୭ (ନି.ପ୍ର): ଦିଲ୍ଲୀରେ ଲାଗୁହେବ ଗୁଜରାଟର ଆଇନ୍। ଦିଲ୍ଲୀ ଉପରାଜ୍ୟପାଳ ବିନୟ କୁମାର ସକ୍ସେନା ରାଷ୍ଟ୍ରୀୟ ରାଜଧାନୀ ଦିଲ୍ଲୀରେ 'ଦ ଗୁଜରାଟ ପ୍ରଭେନ୍ସନ୍ ଅଫ୍ ଆଣ୍ଟି-ସୋସିଆଲ୍ ଆକ୍ଟିଭିଟି ଆକ୍ଟ ୧୯୮୫' ଲାଗୁ କରିବାକୁ ସୁପାରିଶ କରିଛନ୍ତି । ଏ ସମ୍ପର୍କରେ ସେ ଗୃହ ମନ୍ତ୍ରାଳୟକୁ ପ୍ରସ୍ତାବ ମଧ ପଠାଇଛନ୍ତି । ତେବେ ଜାଣନ୍ତୁ, କଣ ଏହି, 'ଦ ଗୁଜରାଟ ପ୍ରଭେନ୍ସନ୍ ଅଫ୍ ଆଣ୍ଟି-ସୋସିଆଲ୍ ଆକ୍ଟିଭିଟି ଆକ୍ଟ ୧୯୮୫' ? ଏହି ଆଇନ୍ ଅନୁସାରେ, ସାର୍ବଜନୀନ ବ୍ୟବସ୍ଥାକୁ ସଠିକ୍ ରଖିବାକୁ ଦୁର୍ଦ୍ଦାନ୍ତ ଅପରାଧୀ, ମଦ ବିକ୍ରି କରୁଥିବା ଲୋକ, ନିଶାଖୋର ଅପରାଧୀ, ଟ୍ରାଫିକ୍ ଆଇନ୍ ଭାଙ୍ଗୁଥିବା ଲୋକ ଏବଂ ସମ୍ପତି ହଡପ କରୁଥିବା ଲୋକଙ୍କୁ ଯେକୌଣସି ସମୟରେ ଗିରଫ କରାଯାଇପାରିବ । ତେବେ ଗୁଜରାଟରେ ଲାଗୁ ହେଇଥିବା ଏହି ଆଇନକୁ ନେଇ ଅନେକ ସମୟରେ ବିବାଦ ଦେଖାଦେଇଛି । ରାଜନୈତିକ ଏବଂ ସାମାଜିକ ସଙ୍ଗଠନମାନେ ▶▶ପୃଷ୍ଠା ୭

# କାହିଁକି ଅଟକିଛି ପାଇକ ବିଦ୍ରୋହ ସ୍ମାରକୀ କାମ ?

ଭୁବନେଶ୍ୱର, ୦୯/୦୭ (ନି.ପ୍ର): ୨୦୧୭ରେ ଯେତେବେଳେ ପାଇକ ବିଦ୍ରୋହ ସ୍ମାରକୀର ପରିକଳ୍ପନା କରାଯାଇଥିଲା, ସେତେବେଳେ ସମଗ୍ର ଓଡିଆ ଜାତି ପାଇଁ ଗର୍ବର ବିଷୟ ହୋଇଥିଲା । ଆଉ ଯେତେବେଳେ ଖୋର୍ଦ୍ଧା ବରୁଣେଇରେ ପାଇକ ବିଦ୍ରୋହ ସ୍ମାରକୀ ସ୍ଥଳ ନିର୍ମାଣ ପାଇଁ ଯୋଜନା ହୋଇଥିଲା, ସେତେବେଳେ ନୂଆ ସମ୍ଭାବନା ସୃଷ୍ଟି ହୋଇଥିଲା । ଉଭୟ କେନ୍ଦ୍ର ସରକାର ଓ ରାଜ୍ୟ ସରକାର ଏହି ପ୍ରକଳ୍ପ ପାଇଁ



ସହଯୋଗର ହାତ ବଢ଼ାଇଥିବାରୁ ଖୁବଶୀଘ୍ର ସ୍ମାରକୀର ନିର୍ମାଣ କାର୍ଯ୍ୟ ଶେଷ ହେବ ବୋଲି ଆଶା କରାଯାଉଥିଲା । ହେଲେ ପ୍ରକଳ୍ପ କାର୍ଯ୍ୟ ବିଳମ୍ବ ହେଉଥିବାରୁ, ଏଥିପାଇଁ କିଏ ଦାୟୀ, ରାଜ୍ୟ ସରକାର ନା କେନ୍ଦ୍ର ସରକାର ସେନେଇ ପୁଣି ଥରେ ବିଜେପି ଓ ବିଜେଡି ମଧରେ ଆରମ୍ଭ ହୋଇଛି ବୟାନବାଜି । ଶୁକ୍ରବାର ଦିନ ଖୋର୍ଦ୍ଧା ବରୁଣେଇ ଠାରେ ପାଇକ ବିଦ୍ରୋହ ସ୍ମାରକୀ ସ୍ଥଳକୁ ଯାଇଥିଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ପରିଦର୍ଶନ ସମୟରେ ତାଙ୍କ ସହ ଥିଲେ ବିଜେଡି ସାଂସଦ ଭର୍ତୃହରି ମହତାବ । ▶▶ପୃଷ୍ଠା ୭

# ଶକ୍ତିପଦ ପଣ୍ଡାଙ୍କ 'ଅଶ୍ରୁଧାରା' ପୁସ୍ତକ ଉନ୍ମୋଚିତ



ରେମୁଣା, ୦୯/୦୭ (ନି.ପ୍ର): ଔପନ୍ୟାସିକ ପଣ୍ଡିତରତ୍ନ ଶକ୍ତିପଦ ପଣ୍ଡାଙ୍କ ୧୦ମ ପୁସ୍ତକ 'ଅଶ୍ରୁଧାରା' କନକଦୁର୍ଗା ମନ୍ଦିର ପରିସରରେ ଅନୁଷ୍ଠିତ ହୋଇ ଯାଇଛି । ସଭାପତି ଡା. ସତ୍ୟରଂଜନ ଦାସଙ୍କ ପୌରୋହିତ୍ୟ ଓ ଡ. ଭାଗବତ ପ୍ରସାଦ ଦାସଙ୍କ ସଭା ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା କବି କାଳୀପଦ ପଣ୍ଡା, ସଦସ୍ୟ ଓଡ଼ିଶା ସାହିତ୍ୟ ଏକାଡେମୀ, ମୁଖ୍ୟ ଅତିଥି ପ୍ରଫେସର ଡ.ଦେବାଶିଷ ପାତ୍ର, ସମ୍ମାନନୀୟ ଅତିଥି ସାହିତ୍ୟିକ ସୃଷ୍ଟିଧର ପରିଡ଼ା, ସରୋଜ କୁମାର ପାତ୍ର, ସମୀକ୍ଷକ କବି ନିରଂଜନ ସାହୁ, ନାଟ୍ୟକାର ପ୍ରଦୀପ କୁମାର ମିଶ୍ର ପ୍ରମୁଖ ଯୋଗଦେଇ 'ଅଶ୍ରୁଧାରା' ଉପନ୍ୟାସ ଅଧୁନାତନ ସମାଜ ଜୀବନର ଏକ ସାର୍ଥକ ପ୍ରତିଲିପି ବୋଲି ବ୍ୟକ୍ତ କରିବା ସହ ତାଙ୍କର ଏହି ସାଧୁଉଦ୍ୟମକୁ ପ୍ରଶଂସା କରିଥିଲେ । ଗର୍ଗପଦ ପଣ୍ଡା ଅତିଥି ପରିଚୟ ଦେଇଥିବାବେଳେ ହରିଶ୍ଚନ୍ଦ୍ର ପତି ମଙ୍ଗଳାଷ୍ଟକ ପାଠ କରିଥିଲେ । ଔପନ୍ୟାସିକ ଶ୍ରୀ ପଣ୍ଡା ଲେଖନୀୟ ଅଭିବ୍ୟକ୍ତ ପ୍ରକାଶ କରିଥିବାବେଳେ ପ୍ରକାଶକ ଡା. ଗୌର ସାଧନ ମିଶ୍ର ପ୍ରକାଶକୀୟ ଅଭିମତ ରଖିଥିଲେ । ପଦ୍ମଲୋଚନ ପ୍ରଧାନ ଧନ୍ୟବାଦ ଦେଇଥିଲା ବେଳେ ଉପେନ୍ଦ୍ର ପୁହାଣ ସ୍ୱାଗତ ଭାଷଣ ଦେଇଥିଲେ । ପ୍ରଥମ ଅଧିବେଶନରେ ବର୍ଷା କବିତା ଆସର ଶିକ୍ଷାବିତ ବିଷ୍ଣୁପଦ ପଣ୍ଡା ସଭାପତିତ୍ୱ ଓ କବି ପ୍ରଭାତ ଆଚାର୍ଯ୍ୟ, ଦୀନବନ୍ଧୁ ଦାସଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିଲା । ଏଥିରେ କବି ଯୋଗେଶ ଚନ୍ଦ୍ର ବେହେରା, ଷ୍ଟାଲିନ୍ ମିଶ୍ର, ଦିବେନ୍ଦୁ ମଲ୍ଲିକ, ଜଳଧର ପଣ୍ଡା, ତପନ କୁମାର ଦାସ, ଅଭିମନ୍ୟୁ କାନୁନ୍ ଗୋ, ବିଧାନ ଚନ୍ଦ୍ର ରାୟ, ଚକ୍ରଧର ଦାସ, ପ୍ରଭାକର ସାହୁ, ଦୁଷ୍ମନ୍ତ ଦାସ, ସୁନାମଣି ଜେନା, ଜୟଶ୍ରୀ ମିଶ୍ର, ବାସନ୍ତୀ ଦାସ, ମଧୁସୂଦନ ମାଝୀ ଶାନ୍ତି ସ୍ୱରୂପ ମିଶ୍ର ସମେତ ୩୦ ରୁ ଊର୍ଦ୍ଧ୍ୱ କବି କବୟିତ୍ରୀ ନିଜସ୍ୱ କବିତା ପାଠ କରିଥିଲେ । ଏହି କାର୍ଯ୍ୟକ୍ରମ ପରିଚାଳନାରେ ଭବାନୀଶଙ୍କର ପଣ୍ଡା, ଦୀପ୍ତି ଓ ଦେବବ୍ରତ ସହାୟତା କରିଥିଲେ ।

# ନନ୍ଦନକାନନ ସିଂହ ସଫାରୀରେ ଫସିଗଲା ବସ୍ : ଭୟଭୀତ ହୋଇପଡ଼ିଲେ ପର୍ଯ୍ୟଟକ

ଭୁବନେଶ୍ୱର, ୦୯/୦୭ (ନି.ପ୍ର): ନନ୍ଦନକାନନ ସିଂହ ସଫାରିରେ ଫସିଲା ବସ୍ । ଭୟଭୀତ ହୋଇପଡ଼ିଲେ ପର୍ଯ୍ୟଟକ । ପାଖାପାଖି ଘଣ୍ଟାଏ ପରେ ସବୁ ପର୍ଯ୍ୟଟକଙ୍କୁ ଉଦ୍ଧାର କରାଯାଇଛି । ସିଂହଗୁଡିକୁ କାବୁ କରି ଫିଡିଂ ଚାମ୍ବରରେ ରଖାଯିବା ପରେ ଅନ୍ୟ ଏକ ବସରେ ପର୍ଯ୍ୟଟକମାନଙ୍କୁ ବାହାରକୁ ଅଣାଯାଇଥିଲା । ଘଟଣାର ଯାଞ୍ଚ କରିବା ପାଇଁ ପ୍ରାଣୀ ଉଦ୍ୟାନର ସହକାରୀ ବନ ସଂରକ୍ଷକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ନନ୍ଦନକାନନ ଉପ ନିର୍ଦ୍ଦେଶକ। ସବୁଦିନ ଭଳି ଶନିବାର ଦିନ ବି ନନ୍ଦନକାନନ ବୁଲିବାକୁ ଆସିଥିଲେ ହଜାର ହଜାର ପର୍ଯ୍ୟଟକ । ଆଉ କିଛି ପର୍ଯ୍ୟଟକ ବାଘ ସଫାରୀ ଓ ସିଂହ ସଫାରୀରର ଆନନ୍ଦ ନେଉଥିଲେ । ବସ ପାଖ ଦେଇ ବାଘ ଓ ସିଂହ ବୁଲୁଥିଲେ । ବାଘ ଓ ସିଂହକୁ ଅତି ନିକଟରୁ ଦେଖି ଏହାର ମଜା ନେଉଥିଲେ ପର୍ଯ୍ୟଟକ। କିନ୍ତୁ କେଇ ସେକେଣ୍ଡରେ ସବୁ ମଜା ଫିକା ହୋଇଗଲା । ପର୍ଯ୍ୟଟକମାନେ ବାଘ ସଫାରୀ ବୁଲି ସିଂହ ସଫାରୀ ଭିତରେ ଯାଉଥିବା ବେଳେ ବସ୍ଟି ଏକ ଗାତରେ ପଡ଼ିଯାଇଥିଲା । ଯେତେ ଚେଷ୍ଟା କଲେ ବି ଗାତରୁ ବାହାରି ପାରିନଥିଲା ବସ ଚକ । ଭୟଭୀତ ହୋଇଯାଇଥିଲେ ସବୁ ଯାତ୍ରୀ । ପାଖାପାଖି ୧ ଘଣ୍ଟା ରହିବା ପରେ ନନ୍ଦନକାନନ କର୍ତୃପକ୍ଷଙ୍କ ନିର୍ଦ୍ଦେଶରେ କର୍ମଚାରୀମାନେ ସିଂହ ଗୁଡ଼ିକୁ କାବୁ କରି ଫିଡିଂ ଚାମ୍ବରରେ ରଖିଥିଲେ । ପରେ ଅନ୍ୟ ଏକ ବସ୍ରେ ପର୍ଯ୍ୟଟକମାନଙ୍କୁ ବାହାରକୁ ଅଣାଯାଇଥିଲା । ସିଂହ ସଫାରିରେ ଅଚାନକ୍ କାହିଁକି ଅଟକିଲା ବସ୍ ? କାହାର ଥିଲା ଭୁଲ ? ଏହାର ଯାଞ୍ଚ କରିବା ▶▶ପୃଷ୍ଠା ୭



# ରଥଯାତ୍ରା ବିଶୃଙ୍ଖଳାର ସମୀକ୍ଷା ହେଲାନି : ମହାପ୍ରଭୁଙ୍କ ମୁଣ୍ଡରେ ଦୋଷ ଲଦି ଖସିବାକୁ ଚାଲ୍



ପୁରୀ , ୦୯/୦୭ (ନି.ପ୍ର): ଚଳିତ ରଥଯାତ୍ରାରେ ବ୍ୟାପକ ବିଶୃଙ୍ଖଳା ହେଲା । ବହୁ ବର୍ଷର ବ୍ୟବଧାନ ପରେ ଦୁଇ ଦିନରେ ତିନି ରଥ ଗୁଣ୍ଡିଚା ମନ୍ଦିରରେ ପହଂଚିଲା । ପହଣ୍ଡିଠାରୁ ଆରମ୍ଭ କରି ନୀତିକାନ୍ତି ଓ ବନକଲାଗିରେ ଚରମ ବିଶୃଙ୍ଖଳା ନଜରକୁ ଆସିଲା । ବହୁ ଅଣସେବକ ଓ ଅନଭିଜ୍ଞ ସେବକ ରଥରେ ଚଢ଼ି ଅଯଥା ଭିଡ଼ କରିବାରୁ ପହଣ୍ଡି ବେଳେ ଠାକୁର ଚାରମାଳ ଉପରେ ପଡ଼ିଗଲେ । କେହି ବ୍ୟବସ୍ଥାବଳୀକୁ ମାନିଲେନି । ଏହି ବିଶୃଙ୍ଖଳା ଉପରେ ଶ୍ରୀମନ୍ଦିର ପ୍ରଶାସନ କି କାର୍ଯ୍ୟାନୁଷ୍ଠାନ ନେଉଛି, ସାରା ବିଶ୍ୱର ଭକ୍ତଙ୍କ ନଜର ଥିବାବେଳେ ଶ୍ରୀମନ୍ଦିର ପ୍ରଶାସନ ନା ଚଳିତ ରଥଯାତ୍ରାର ସମୀକ୍ଷା କରୁଛି ନା କାହା ବିରୋଧରେ କିଛି କାର୍ଯ୍ୟାନୁଷ୍ଠାନ ନେଉଛି । ସ୍ନାନଯାତ୍ରା ସମୀକ୍ଷା ଅଟକିଥିବାରୁ ରଥଯାତ୍ରା ସମୀକ୍ଷା ବି ଝୁଲି ରହିଛି । ଶ୍ରୀମନ୍ଦିର ପ୍ରଶାସନର ଏଭଳି ଟାଳଟୁଳ ନୀତିକୁ ନେଇ ଭକ୍ତଙ୍କ ମହଲରେ ତୀବ୍ର ଅସନ୍ତୋଷ ସୃଷ୍ଟି କଲାଣି । ରଥଯାତ୍ରାର ପ୍ରଥମ ଦିନରୁ ହିଁ ବିଶୃଙ୍ଖଳା ଦେଖା ଦେଇଥିଲା । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପହଣ୍ଡି ବେଳେ ଠାକୁର ଚାରମାଳ ଉପରେ ଡାହାର ପାର୍ଶ୍ୱକୁ ପଡ଼ିଯାଇଥିଲେ । ସେତେବେଳେ ଏତେ ସଂଖ୍ୟାରେ ସେବକ ଚାରମାଳ ଉପରେ ଥିଲେ ଯେ ଅନେକ ସେବକ ମଧ୍ୟ ଚାରମାଳ ଉପରୁ ତଳକୁ ଖସି ପଡ଼ିଥିଲେ । ଯାହାର ଭିଡିଓ ବି ସାମାଜିକ ଗଣମାଧ୍ୟମରେ ପ୍ରବଳ ମାତ୍ରାରେ ଭାଇରାଲ୍ ହେଉଛି । ୨୦୧୮ ମସିହାରେ ଶେଷ ଥର ବଳଗଣ୍ଡି ବିଦ୍ୟାଳୟଠାରେ ନନ୍ଦିଘୋଷ ରଥ ଗଛରେ ଲାଗି ଯିବାରୁ ତାଳଧ୍ୱଜ ଓ ଦର୍ପଦଳନ ରଥ ଶ୍ରୀଗୁଣ୍ଡିଚା ମନ୍ଦିରଠାରେ ପହଂଚିଥିଲେ ବି ନନ୍ଦିଘୋଷ ରଥ ପହଂଚି ପାରିନଥିଲା । ସେବେଠୁ କେବେ ରଥଯାତ୍ରାରେ ରଥଟଣାରେ ବିଶୃଙ୍ଖଳା ଦେଖାଦେଇନି । ଯେଉଁଦିନ ରଥଟଣା ହୋଇଛି, ସେହି ଦିନ ରଥ ଶ୍ରୀଗୁଣ୍ଡିଚା ମନ୍ଦିରଠାରେ ପହଂଚିଛି । କିନ୍ତୁ ଚଳିତବର୍ଷ ତିନି ରଥ ବାରମ୍ବାର ଡାହାଣ କଡ଼ ମାଡ଼ି ଚାଲିବାରୁ କେବଳ ତାଳଧ୍ୱଜ ରଥ ଶ୍ରୀଗୁଣ୍ଡିଚା ମନ୍ଦିରଠାରେ ପହଂଚି ପାରିଥିଲା । ଅନ୍ୟ ଦୁଇ ରଥ ଅଧାବାଟରେ ଅଟକି ରହିଥିଲେ । ଅଭିଯୋଗ ଉଠିଥିଲା, ରଥ ଉପରେ ଅଧିକ ସଂଖ୍ୟକ ସେବକ ଚଢ଼ିବା ଓ ରଥ ଟାଣିବା ନେଇ ରଥ ଉପରେ, ତଳେ ଥିବା ଜେଟିପି ଓ ପୁଲିସଙ୍କ ଭିତରେ ତାଳମେଳ ନ ରହିବାରୁ ରଥ ଟଣା ବିଳମ୍ବ ହୋଇଥିଲା । ସବୁ ମହାପ୍ରଭୁଙ୍କ ଇଚ୍ଛା କହି ଅର୍ଥାତ୍ ମହାପ୍ରଭୁଙ୍କୁ ଦୋଷ ଦେଇ ଖସିବାକୁ ଚେଷ୍ଟା କରିଛନ୍ତି ଉଭୟ ସେବକ ଓ ପ୍ରଶାସକ । କିନ୍ତୁ ଯେଉଁ ଦିନ ତିନି ରଥ ଶ୍ରୀଗୁଣ୍ଡିଚା ମନ୍ଦିର ସିଂହଦ୍ୱାରରେ ବିରାଜମାନ କଲେ, ସେଦିନ ନୀତିକାନ୍ତିରେ ଚରମ ବିଶୃଙ୍ଖଳା କରାଗଲା । ରଥ ପହଂଚିବାର ୪ ଘଂଟା ବିଳମ୍ବରେ ମହାପ୍ରଭୁଙ୍କ ନୀତିକାନ୍ତି ଆରମ୍ଭ ହେଲା ଓ ମହାପ୍ରଭୁଙ୍କୁ ୪ ଘଂଟା ଭୋକରେ ରଖାଗଲା । ଗୋପଳବଲ୍ଲଭ ଓ ସକାଳଧୂପ ସଂଧ୍ୟାରେ ହେଲା । ତଥାପି ଚେତା ପଶିଲାନି ସେବକଙ୍କର । ଆଡ଼ପ ପହଣ୍ଡି ବେଳେ ପୁଣିଥରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଚାରମାଳ ଉପରେ ପକାଇଦେଲେ । ପହଣ୍ଡିରେ ଚାରମାଳରେ ଓହ୍ଲାଇବା ବେଳେ ଡାହାଣପାର୍ଶ୍ୱକୁ ପଡ଼ିଗଲେ ଠାକୁର । ସେ ସମୟରେ ଅଧିକ ସଂଖ୍ୟକ ସେବକ ଅଯଥାରେ ରଥ ଉପରେ ଚଢ଼ିବାରୁ ଏଭଳି ବିଶୃଙ୍ଖଳା ହେଲା ବୋଲି ବରିଷ୍ଠ ଦଇତାପତିମାନେ ଅଭିଯୋଗ କରିଥିଲେ । ଆଡ଼ପମଣ୍ଡପ ବିଜେ ପରେ ବି ନୀତିକାନ୍ତିରେ ଶୃଙ୍ଖଳା ଦେଖାଦେଲାନି । ତିନି ରାତି ଠାକୁରଙ୍କୁ ଅନିଦ୍ରା ରଖାଗଲା । ବିନା ପହୁଡ଼ରେ ତିନି ଦିନ ନୀତିକାନ୍ତି କରାଗଲା । ବନକଲାଗି ଦିନ ସଅଳ ସର୍ବସାଧାରଣ ଦର୍ଶନ ବନ୍ଦ ହୋଇ ସାରିଥିଲେ ବି ବରିଷ୍ଠ ଦଇତାପତିମାନେ ନିଜ ପରିଚିତ ଲୋକଙ୍କୁ ଦର୍ଶନ ପାଇଁ ଗର୍ଭଗୃହରେ ଭର୍ତ୍ତି କରାଇବାରୁ ବନକଲାଗି ବିଳମ୍ବ ହୋଇଥିଲା । ଦତ ମହାପାତ୍ର-ଦଇତାପତିଙ୍କ ଭିତରେ ଏହାକୁ ନେଇ କଥା କଟାକଟି ପରେ ଦତ ମହାପାତ୍ର ସେବକ ବନକପେଡ଼ିରେ ତାଲା ପକାଇ ପଳାଇଥିଲେ । ପ୍ରଶାସନିକ ଅଧିକାରୀ ପହଂଚି ବୁଝାସୁଝା କରିବା ପରେ ରାତି ୮ଟାରୁ ଆରମ୍ଭ ହେବାକୁ ଥିବା ବନକଲାଗି ବିଳମ୍ବିତ ରାତିରେ ଆରମ୍ଭ ହୋଇଥିଲା । ପରେ ଶ୍ରୀଗୁଣ୍ଡିଚା ମନ୍ଦିରରେ ଜରୁରୀ ବୈଠକ ଡାକି ନୀତିକାନ୍ତି, ବାହୁଡ଼ା ପହଣ୍ଡିରେ ଶୃଙ୍ଖଳା ଅଣାଗଲା ସତ, କିନ୍ତୁ ନୀଳାଦ୍ରି ବିଜେରେ ପୁଣିଥରେ ପହଣ୍ଡି ବେଳେ ବହୁ ସଂଖ୍ୟାରେ ସେବକ ଚଢ଼ି ବିଶୃଙ୍ଖଳା କଲେ । ପ୍ରତିବର୍ଷ ରଥଯାତ୍ରା ଶେଷ ପରେ ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକ ବସେ । ରଥଯାତ୍ରା ଆୟୋଜନ ଉପରେ ବିସ୍ତୃତ ସମୀକ୍ଷା ହୁଏ । ସେହି ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ବି ନିଆଯାଏ । କିନ୍ତୁ ଚଳିତବର୍ଷ ବୈଠକରେ ବହୁ ବିଳମ୍ବ କରାଯାଉଛି । ସେପଟେ ରଥଯାତ୍ରାରେ ବିଶୃଙ୍ଖଳା ଭୟରେ ସ୍ନାନଯାତ୍ରା ବିଶୃଙ୍ଖଳାକୁ ଚପାଇ ଦିଆଯାଇଥିଲା । ରଥଯାତ୍ରା ସମୀକ୍ଷା ବେଳେ ସ୍ନାନଯାତ୍ରା କଥା ଆଲୋଚନା ହେବ ବୋଲି କୁହାଯାଇଥିଲା । ଏଭଳି ସ୍ଥିତି କେବେ ଉଭୟ ସ୍ନାନଯାତ୍ରା ଓ ରଥଯାତ୍ରାର ସମୀକ୍ଷା ହେବ, ତା ଉପରେ ସମସ୍ତଙ୍କ ନଜର ରହିଛି ।

# କ୍ଷମତା ଥାଇ ବି ଉପଯୋଗ ହେଉନି ୪୦% ଜଳସେଚନ

ଭୁବନେଶ୍ୱର, ୦୯/୦୭ (ନି.ପ୍ର): ରାଜ୍ୟରେ ଯେତେ ଜଳସେଚନ କ୍ଷମତା ସୃଷ୍ଟି କରାଯାଇଛି ତାର ୪୦% ବ୍ୟବହାର କରାଯାଇ ପାରୁନାହିଁ । ଅର୍ଥାତ ପ୍ରତିବର୍ଷ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଇ ଯେତେ ସଂଖ୍ୟକ ବୃହତ, ମଧ୍ୟମ, କ୍ଷୁଦ୍ର, ଉଠାଜଳସେଚନ ପ୍ରକଳ୍ପ ନିର୍ମାଣ କରାଯାଉଛି ସେହି ଅନୁଯାୟୀ ଚାଷୀଙ୍କୁ ଏହାର ଲାଭ ମିଳିପାରୁ ନାହିଁ । କିନ୍ତୁ ପ୍ରତିବର୍ଷ ଜଳସେଚନ କ୍ଷମତା ବୃଦ୍ଧି ଏବଂ ଏହାର ଉପଯୋଗ ମଧ୍ୟରେ ବ୍ୟବଧାନ ହ୍ରାସ ପାଇବା ଉଚିତ । ମାତ୍ର ୨୦ ବର୍ଷ ମଧ୍ୟରେ ଏହା ବୃଦ୍ଧି ପାଇବା ଚିନ୍ତାଜନକ ବୋଲି କହିଛନ୍ତି ଗବେଷକ ବିମଳ ପାଣ୍ଡିଆ । ୨୦୨୦ ମସିହା ତୁଳନାରେ ୨୦୨୧ ମସିହାରେ ଜଳସେଚନ ଉପଯୋଗର ୩ ପ୍ରତିଶତ ହ୍ରାସ ପାଇବା ଯୋଗୁଁ ସ୍ଥିତି ଆହୁରି ଉଦବେଗଜନକ ହୋଇଛି । ୨୦୦୦ ମସିହାରେ ୨୫ ଲକ୍ଷ ୩୦ ହଜାର ହେକ୍ଟର କ୍ଷମତାରୁ ୧୫ ଲକ୍ଷ ୯ ହଜାର ହେକ୍ଟର(୬୨.୮୪%) ଜଳସେଚନ ଉପଯୋଗ ହୋଇ ପାରୁଥିଲା । ୨୦୨୧ ମସିହା ବେଳକୁ ଏହା ବଢ଼ିବା ବଦଳରେ ୬୦.୮%କୁ ହ୍ରାସ ପାଇଛି । ୨୦୨୩ ମସିହାରେ ୪୭ ଲକ୍ଷ ୯୭ ହଜାର ହେକ୍ଟର ଚାଷ ଜମିରେ ଜଳସେଚନ କ୍ଷମତା ସୃଷ୍ଟି କରାଯାଇଛି । ସେଥିରୁ ବର୍ତ୍ତମାନ କେତେ ଉପଯୋଗ କରାଯାଇପାରୁଛି ସେହି ସଂଖ୍ୟା ଆକଳନ କରାଯାଇ ନାହିଁ । ଏହା ୬୦% ସହିତ ପାଖପାଖି ଥିବା ନେଇ କୁହାଯାଉଛି । ଜଳସମ୍ପଦ ବିଭାଗର ସୂଚନା ଅନୁସାରେ, ଖରିଫରେ ରାଜ୍ୟରେ ୬୧ ଲକ୍ଷ ୮୦ ହଜାର ୨୪୬ ହେକ୍ଟର ଚାଷ କାର୍ଯ୍ୟକ୍ରମ ରହିଛି । ଏଥିରୁ ୭୭.୬୩ ପ୍ରତିଶତ ଜଳସେଚନର କ୍ଷମତା ରହିଛି । ବୌଦ୍ଧ ଜିଲ୍ଲା ସମେତ ରାଜ୍ୟର ୪୭ ବ୍ଲକର ଜଳସେଚନ ୧୦୦ ପ୍ରତିଶତରୁ ଅଧିକ ରହିଛି । ଅର୍ଥାତ ବର୍ଷାହାନୀର ଭୟଙ୍କର ପରିସ୍ଥିତି ସୃଷ୍ଟି ନ ହେବା ପର୍ଯ୍ୟନ୍ତ ଚାଷ ଜମି ଶୁଖିଲା ହେବା ଉଚିତ ନୁହେଁ । ମାତ୍ର ବାସ୍ତବତା ସମ୍ପୂର୍ଣ୍ଣ ଭିନ୍ନ । ରାଜ୍ୟର ଅଧିକାଂଶ ଅଂଚଳର ଚାଷ ଜମି ଶୁଖିଲା ପଡ଼ିଛି । ୨୦୨୧ ମସିହାର ତଥ୍ୟକୁ ନେଇ ୨୦୨୨ ମସିହାରେ ଜାରି ଜଳସମ୍ପଦ ବିଭାଗର ଆକ୍ଟିଭିଟି ରିପୋର୍ଟରେ ଦର୍ଶାଯାଇଛି ଯେ ଅଚଳ ଉଠାଜଳସେଚନ ପ୍ରକଳ୍ପ, ଲଘୁଜଳସେଚନ ପ୍ରକଳ୍ପ ବର୍ଷାଧିକ ସମୟ ଧରି ନିମ୍ନମାନର ଜଳସେଚନ ବିତରଣ ବ୍ୟବସ୍ଥା ଯୋଗୁଁ କ୍ଷମତାର ଶତପ୍ରତିଶତ ଜଳସେଚନର ଉପଯୋଗ କରାଯାଇ ପାରୁନାହିଁ । କ୍ଷୁଦ୍ର ଏବଂ ବୃହତ ଜଳସେଚନ ପ୍ରକଳ୍ପର କେନାଲ ଉନ୍ନତୀକରଣ କରାଯାଇ ଜଳସେଚନ କ୍ଷମତା ଏବଂ ଏହାର ଉପଯୋଗ ମଧ୍ୟରେ ବ୍ୟବଧାନକୁ ହ୍ରାସ କରାଯାଉଛି । ବିଭାଗ ପକ୍ଷରୁ ଭୂତଳ ପାଣି ଉପଯୋଗ ପାଇଁ ଉଠାଜଳସେଚନ ଏବଂ ଭୂମି ଉପର ପାଣି ଉପଯୋଗ ପାଇଁ କ୍ଷୁଦ୍ର, ମଧ୍ୟମ, ବ୍ୟାରେଜ ସମେତ ସବୁ ପ୍ରକାର ଜଳସେଚନ ପ୍ରକଳ୍ପ ନିର୍ମାଣ କରାଯାଉଛି । ଏଥିରୁ ୨୦୨୨ ମସିହା ମାର୍ଚ୍ଚ ସୁଦ୍ଧା ବୃହତ ଏବଂ ମଧ୍ୟମ ଜଳସେଚନ ପ୍ରକଳ୍ପ ଜରିଆରେ ୧୫ ଲକ୍ଷ ହେକ୍ଟର ଜମି ଜଳସେଚନ ପାଇଁ କ୍ଷମତା ସୃଷ୍ଟି କରାଯାଇଛି । ଏଥିପାଇଁ ୧୭ ହଜାର ୩୧୭ କୋଟି ଟଙ୍କା ଖର୍ଚ୍ଚ କରାଯାଇଛି । ଏହା କେବଳ ଉଦାହରଣ ମାତ୍ର । ପ୍ରତିବର୍ଷ ଏହି ଜଳସେଚନ ପ୍ରକଳ୍ପ ପାଇଁ ସରକାର ଯେଉଁଭଳି ଟଙ୍କା ଖର୍ଚ୍ଚ କରନ୍ତି ଚାଷୀଙ୍କ ନିକଟରେ ସେହି ଅନୁଯାୟୀ ଜଳସେଚନ ଲାଭ ମିଳିପାରୁ ନାହିଁ । ସାମାଜିକ କର୍ମକର୍ତ୍ତା ବିମଳ ପାଣ୍ଡିଆ କହନ୍ତି, କେନାଲ ପୁରୁଣା ହେବା ପରେ ତା'ର ଜଳସେଚନ କ୍ଷମତା ହ୍ରାସ ପାଏ । ଏହାର ରକ୍ଷଣାବେକ୍ଷଣ ନେଇ ସରକାରଙ୍କ ସ୍ୱତନ୍ତ୍ର ପାଣ୍ଠି ରହିଛି । ଏହି କାର୍ଯ୍ୟ ପ୍ରତିବର୍ଷ ଠିକ ଭାବରେ ହେବା ନେଇ ସନ୍ଦେହ ସୃଷ୍ଟି ହେଉଛି । ହୀରାକୁଦ ଜଳଭଣ୍ଡାର ଅନ୍ତର୍ଗତ ଶାସନ କେନାଲ ପୁନରୁଦ୍ଧାର ନେଇ ସରକାର ଖର୍ଚ୍ଚ କଲେ କିନ୍ତୁ କିଛି ବର୍ଷ ପରେ ଏହାର ପାଣି ତଳ ଅଂଚଳକୁ ପହଂଚୁ ନାହିଁ । ଦ୍ୱିତୀୟତଃ ଉଭୟ ଧାନ ଏବଂ ଅଣଧାନକୁ ମିଶାଇ ଜଳସେଚନ ପ୍ରକଳ୍ପ ତିଆରି କରାଯାଏ । କିନ୍ତୁ ଅଧିକାଂଶ ସ୍ଥାନରେ କେବଳ ଧାନ ଚାଷରେ ଏହାର ଉପଯୋଗ ହୋଇଥାଏ । ଧାନରେ ଅଧିକ ପାଣି ଖର୍ଚ୍ଚ ହେଉଥିବାରୁ ଆକଳନ ବଦଳି ଯାଏ । ତୃତୀୟତଃ ସରକାର କ୍ଷମତା ଠାରୁ ଅଧିକ ଜଳସେଚନ ଦର୍ଶାଉଥିବାରୁ ପ୍ରକୃତରେ ଜଳସେଚନର କେତେ କ୍ଷମତା ସୃଷ୍ଟି କରାଗଲା ତାହା ଜଣାପଡ଼େ ନାହିଁ ।

## ଦୁଇ ଦିନ ହେଲା ଫୁଲବାଣୀରେ ପିଇବା ପାଣି ଯୋଗାଣ ବନ୍ଦ

କନ୍ଧମାଳ, ୦୯/୦୭ (ନି.ପ୍ର): ଗତ ଦୁଇ ଦିନ ଧରି କନ୍ଧମାଳ ଜିଲ୍ଲା ଫୁଲବାଣୀ ପୌରାଂଚଳରେ ଜନ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପିଇବା ପାଣି ଯୋଗାଣ ବନ୍ଦ ହୋଇଯାଇଛି । ଫୁଲବାଣୀ ବିଦ୍ୟୁତ୍ ବିଭାଗର ଢିଲା ପଣ କାରଣରୁ ଏହା ଘଟିଛି ବୋଲି ଚର୍ଚ୍ଚା ହେଉଛି । ସ୍ଥାନୀୟ ନାରାୟଣୀ ରୋଡ ନିକଟସ୍ଥ ଏକ ବିଦ୍ୟୁତ୍ ଟ୍ରାନ୍ସଫର୍ମର ଖରାପ ଥିବା ଯୋଗୁଁ ଏହିଭଳି ପରିସ୍ଥିତି ସୃଷ୍ଟି ହୋଇଛି । ଗତ ଗୁରୁବାର ଦିନ ଅପରାହ୍ନରେ ଭୀଷଣ ବର୍ଷା ଯୋଗୁଁ ସେହି ଅଂଚଳରେ ବିଦ୍ୟୁତ୍ ସରବରାହ ନଥିବା ବେଳେ ବିଦ୍ୟୁତ୍ ବିଭାଗର ଜଣେ କର୍ମଚାରୀ ମରାମତି କରୁଥିବା ବେଳେ ବିଦ୍ୟୁତ୍ ଆଘାତରେ ମୃତ୍ୟୁବରଣ କରିଥିଲେ । ଏହି ଘଟଣା ପରେ ସ୍ଥାନୀୟ ଅଂଚଳରେ ଉତେଜନା ପ୍ରକାଶ ପାଇଥିଲା । ଚାରି ଘଂଟା ଧରି ରାସ୍ତାରୋକ ହୋଇଥିଲା । ମୃତକଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ ପ୍ରତିଶ୍ରୁତି ପରେ ରାସ୍ତାରୋକ ବନ୍ଦ ହୋଇଥିଲା । ହେଲେ ସେହି ଅଂଚଳର ବିଦ୍ୟୁତ୍ ସରବରାହ ବନ୍ଦ ରହିଥିଲା । ନାରାୟଣୀ ମନ୍ଦିର ପାଖରେ ଥିବା ସାଲୁଙ୍କି ନଦୀରୁ ସହରକୁ ଜଳ ଯୋଗାଣ ହେଉଥିବା ଯୋଗୁଁ ଏହି ସେବା ଆଜିକୁ ଦୁଇ ଦିନ ଧରି ବନ୍ଦ ରହିଛି । ଏଥିପାଇଁ ଫୁଲବାଣୀ ସହର ଲୋକେ ପାଣି ଅଭାବରୁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏ ନେଇ ଫୁଲବାଣୀ ଜନସ୍ୱାସ୍ଥ୍ୟ ବିଭାଗର ନିର୍ବାହୀ ଯନ୍ତ୍ରୀ ପ୍ରଶାନ୍ତ କୁମାର ଦାସଙ୍କୁ ପଚାରିବାରେ ଆଜି ସେଠାରେ ଥିବା ଟ୍ରାନ୍ସଫର୍ମର ଖରାପ ହୋଇଯାଇଛି । ତାକୁ ଆଜି ବଦଳା ଯିବା ପରେ ବିଦ୍ୟୁତ୍ ସରବରାହ ସ୍ୱାଭାବିକ୍ ହେଲେ ପିଇବା ପାଣି ମଧ୍ୟ ଯୋଗାଣ ସ୍ୱାଭାବିକ୍ ହେବ ବୋଲି ସୂଚନା ଦେଇଛନ୍ତି ।

## ବକ୍ସି ଜଗବନ୍ଧୁଙ୍କ ନାଁରେ ଖୋର୍ଦ୍ଧା ରୋଡ ରେଳ ଜଙ୍କସନ୍ ନାମିତ କରିବାକୁ ରେଳ ମନ୍ତ୍ରୀଙ୍କୁ ସମାଜବାଦୀ ପାର୍ଟିର ଚିଠି

ଭୁବନେଶ୍ୱର, ୦୯/୦୭ (ନି.ପ୍ର): କେନ୍ଦ୍ର ସରକାର ଅନ୍ୟ ରାଜ୍ୟର ରେଳ ଜଙ୍କସନ୍, ରେଳ ଷ୍ଟେସନ୍ ଓ ବନ୍ଦର, ନଦୀସେତୁ ଓ ରେଳ ଓଭରବ୍ରିଜ୍ ଗୁଡ଼ିକୁ ବିଭିନ୍ନ ସଂଗ୍ରାମୀମାନଙ୍କ ନାମରେ ନାମିତ କରୁଛନ୍ତି । ଓଡ଼ିଶାରେ ମଧ୍ୟ ବିଭିନ୍ନ ବିମାନ ବନ୍ଦରକୁ ସଂଗ୍ରାମୀ ମାନଙ୍କ ନାମରେ ନାମିତ କରାଯାଇଛି । କିନ୍ତୁ ଦୁଃଖର କଥା, ପାଇକ ବିଦ୍ରୋହର ନେତା ବିପ୍ଲବୀ ବକ୍ସି ଜଗବନ୍ଧୁଙ୍କ ନାଁରେ ଖୋର୍ଦ୍ଧା ରୋଡ ରେଳ ଜଙ୍କସନ୍‌କୁ ନାମିତ କରିବା ପାଇଁ ପାଇକ ବିଦ୍ରୋହର ଦ୍ୱିଶତବାର୍ଷିକୀ ଉପଲକ୍ଷେ ଦାବି ହୋଇଥିଲେ ହେଁ ଏହା ଆଜି ପର୍ଯ୍ୟନ୍ତ କେନ୍ଦ୍ର ସରକାରଙ୍କ ଦ୍ୱାରା ଗ୍ରହଣୀୟ ହୋଇପାରିନାହିଁ । ମାତ୍ର ଭାରତର ରାଷ୍ଟ୍ରପତି ଖୋର୍ଦ୍ଧାଠାରେ ପାଇକ ବିଦ୍ରୋହର ସ୍ମାରକୀର ଶୁଭ ଦେଇଥିଲେ ପ୍ରଧାନମନ୍ତ୍ରୀ ରାଜଭବନଠାରେ ପାଇକ ବିଦ୍ରୋହର ନେତୃତ୍ୱ ନେଇଥିବା ନେତୃମଣ୍ଡଳୀଙ୍କର ବଂଶଧରମାନଙ୍କୁ ପୁଷ୍ପଗୁଚ୍ଛ ଓ ଅଙ୍ଗବସ୍ତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ । କିନ୍ତୁ ଏ ସବୁ ସତ୍ୱେ ଆଜି ପର୍ଯ୍ୟନ୍ତ ଖୋର୍ଦ୍ଧା ରେଳ ଜଙ୍କସନ୍‌କୁ ବକ୍ସିଙ୍କ ନାମରେ ନାମିତ କରିବା ସମ୍ଭବପର ହୋଇପାରିଲା ନାହିଁ । ତେଣୁ ଆଜି ଯେତେବେଳେ ପୁନଶ୍ଚ ପାଇକ ବିଦ୍ରୋହର କଥା ମୁଣ୍ଡ ଟେକିଛି, ସେହି ପରୀପ୍ରେକ୍ଷୀରେ ସମାଜବାଦୀ ପାର୍ଟି ଓଡ଼ିଶା ରାଜ୍ୟ କମିଟି ପକ୍ଷରୁ ସଭାପତି ରବି ବେହେରା ଆଜି ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଏକ ପତ୍ର ଲେଖି ଖୋର୍ଦ୍ଧା ରୋଡ ରେଳ ଜଙ୍କସନଙ୍କୁ ବକ୍ସି ଜଗବନ୍ଧୁଙ୍କ ନାମରେ ନାମିତ କରିବା, ଖୋର୍ଦ୍ଧା ସହର ଉପକଣ୍ଠ ରେଳଷ୍ଟେସନକୁ ପାଇକ ବିଦ୍ରୋହର ନେତା ମାଧବ ରାଉତରାଙ୍କ ନାମରେ ନାମିତ କରିବା, ସେହିଭଳି ବୋଲଗଡ଼ ରେଳ ଷ୍ଟେସନକୁ ସଂଗ୍ରାମୀ ଗଙ୍ଗାଧର ପାଇକରାୟଙ୍କ ନାମରେ ଓ ନୟାଗଡ଼ ରେଳଷ୍ଟେସନକୁ ସଂଗ୍ରାମୀ ଶୁକ୍ର ବେହେରାଙ୍କ ନାମରେ ନାମିତ କରିବା ପାଇଁ ଦାବି କରିଛନ୍ତି । କେନ୍ଦ୍ର ରେଳ ବିଭାଗ ଯେହେତୁ ଓଡ଼ିଶାର ଜଣେ ନିର୍ବାଚିତ ସାଂସଦଙ୍କ ହାତରେ ଅଛି, ତେଣୁ ଏହିସବୁ ସଂଗ୍ରାମୀମାନଙ୍କ ନାମରେ ଏହି ରେଳ ଜଙ୍କସନ୍ ଓ ରେଳ ଷ୍ଟେସନ୍ ନାମିତ ହେବାରେ କୌଣସି ଅସୁବିଧା ହେବନାହିଁ ବୋଲି ଏହି ଚିଠିରେ ଆଶା ପ୍ରକାଶ କରାଯାଇଛି । ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କୁ ଏହି ଚିଠିର ଏକକିତା ନକଲ ପ୍ରଦାନ କରି ଏ କଥାକୁ କେନ୍ଦ୍ର ସରକାରଙ୍କ ସ୍ତରରେ ଉତଥାପନ କରିବା ପାଇଁ ଶ୍ରୀ ବେହେରା ଅନୁରୋଧ କରିଛନ୍ତି ।

## କାରଖାନା ପାଇଁ ଜମି ହରାଇ ଏବେ ରାସ୍ତାରେ : ମେସ୍କୋ କର୍ମଚାରୀ ଏବେ ଚା ବାଲା, ଉଠା ଦୋକାନୀ



ଦାନଗଦୀ, ୦୯/୦୭ (ନି.ପ୍ର): କଳିଙ୍ଗନଗର ଶିଳ୍ପାଂଚଳରେ କାରଖାନା ପ୍ରତିଷ୍ଠା ପାଇଁ ଦିନେ ବେଘର ହୋଇଥିଲେ । ଆଜି ସେହି କାରଖାନା ସେମାନଙ୍କୁ ବରୋଜଗାର କରି ରାସ୍ତାରେ ବସାଇ ଦେଇଛି । ପରିବାର ଚଳାଇବାକୁ ଶତାଧିକ ବିସ୍ଥାପିତ ପରିବାର ଆଜି ଜୀବିକା ଖୋଜୁଛନ୍ତି । କିଏ ରାସ୍ତାକଡ଼ରେ ପରିବା ବିକୁଛନ୍ତି ତ କିଏ ଚା ବିକୁଛନ୍ତି । ମାନପୁର ନୀଳପଦା ଗ୍ରାମର ଆନନ୍ଦ ସାହୁ ୧୯୯୬ ମସିହାରୁ ମେସ୍କୋରେ ପମ୍ପ ଅପରେଟର ଭାବେ ଚାକିରି କରି ମାସକୁ ୩୫ ହଜାର ଟଙ୍କା ଦରମା ପାଉଥିଲେ । କାରଖାନା ବନ୍ଦ ହେବା ପରେ ଦାନଗଦୀଠାରେ ଏକ ଚା ଦୋକାନ କରି ପେଟକୁ ଦାନା ଗଣ୍ଡେ ଯୋଗାଡ଼ କରୁଛନ୍ତି ମାତ୍ର । ପିଲାଙ୍କ ପାଠପଢ଼ାରେ ବହୁ ଅସୁବିଧା ହେଉଛି ବୋଲି କହିଛନ୍ତି । ସେହିପରି ବାଉରିବନ୍ଧୁ ସାହୁ ସିଆରିଆ ନୀଳପଦାରୁ ବିସ୍ଥାପିତ ହୋଇ ୧୯୯୬ରେ ମେସ୍କୋରେ ଲୋକୋ ଅପରେଟର ଭାବେ ଚାକିରି କରିଥିଲେ । ତାଙ୍କୁ ୪୦ ହଜାର ଟଙ୍କା ବେତନ ମିଳୁଥିଲା । ବେଶ୍ ସୁରୁଖୁରୁରେ ତାଙ୍କ ପରିବାର ଚଳିଯାଉଥିଲା । କାରଖାନା ବନ୍ଦ ହେବାର କିଛିଦିନ ପରେ ଅର୍ଥାଭାବ ଆରମ୍ଭ ହୋଇଥିଲା । ଶେଷରେ ଘର ଚଳାଇବାକୁ ସେ ଏବେ ଦାନଗଦୀ ଛକରେ ଏକ ଠେଲାରେ ବରା, ସିଙ୍ଗଡ଼ା ଦୋକାନ କରିଛନ୍ତି । ଏତିକି ରୋଜଗାରରେ ପିଲାଛୁଆଙ୍କୁ ପାଠ ପଢ଼ାଇବା ବହୁ କଷ୍ଟ ହେଉଛି ବୋଲି କୁହନ୍ତି ବାଉରିବନ୍ଧୁ । ନୀଳପଦାର ବାବୁଲି ସାହୁ କମ୍ପାନି ପାଇଁ ଭିଟାମାଟି ହରାଇଥିଲେ । କାରଖାନାରେ ଫାୟାରମ୍ୟାନ ଭାବେ ଚାକିରି କରିଥିଲେ । ମାସକୁ ୪୦ ହଜାର ଟଙ୍କା ଦରମା ମିଳୁଥିଲା । ଏବେ କାରଖାନା ବନ୍ଦ ପରେ ପରିବା ବିକି ନିଜର ପରିବାରକୁ ବହୁ କଷ୍ଟରେ ଚଳାଉଛନ୍ତି । ସୂଚନାଯୋଗ୍ୟ ଯେ ଇସ୍ପାତ ରାଜଧାନୀ କଳିଙ୍ଗନଗରରେ ପ୍ରଥମେ କାରଖାନା ସ୍ଥାପନ କରିଥିଲା ମେସ୍କୋ ଷ୍ଟିଲ । ସ୍ୱର୍ଗତ ବିଜୁ ପଟ୍ଟନାୟକ କାରଖାନା ସ୍ଥାପନ ପାଇଁ ୧୯୯୨ରେ ସ୍ୱରାଜ ପଲଙ୍କୁ ଆଣି ଯଖପୁରାଠାରେ ଏକ କଦମ୍ବ ଗଛ ଲଗାଇ ମୂଳଦୁଆ ପକାଇଥିଲେ । ପ୍ରଥମେ କାରଖାନା ଥାପିଥିବା ମେସ୍କୋ ୨୦୧୯ ଫେବ୍ରୁଆରି ମାସରୁ ବନ୍ଦ ହୋଇଯାଇଛି । ତା ସହିତ ବହୁ ପରିବାର ଜୀବିକା ବି ବୁଡ଼ିଯାଇଛି । କାରଖାନା ପାଇଁ ସିଆରିଆ, ମାନପୁର ନୀଳପଦାରୁ ୧୫୨ ପରିବାର ବିସ୍ଥାପିତ ହୋଇଥିଲେ । ଏମାନଙ୍କୁ ଭିଟାମାଟି ବଦଳରେ ମିଳିଥିଲା କିଛି ଟଙ୍କା ଏବଂ ପରିବାରର ଜଣଙ୍କୁ ସ୍ୱଳ୍ପ ବେତନର ଚାକିରି । ସଂପ୍ରତି ସେମାନେ ତ୍ରିଜଙ୍ଗା ବିସ୍ଥାପିତ କଲୋନିରେ ବସବାସ କରୁଛନ୍ତି । କାରଖାନା ବନ୍ଦ ପରେ ଅଧିକାଂଶ ପରିବାର ନିଜର ପରିବାର ଚଳାଇବା ପାଇଁ ଚା ଦୋକାନ, ପରିବା ବେପାର ଓ ଜଳଖିଆ ଦୋକାନ କରିଛନ୍ତି । ଅନ୍ୟପଟେ ମେସ୍କୋ ଷ୍ଟିଲ ମାଲିକ କାରଖାନା ବନ୍ଦ ପରେ ନିଜର ରେଲୱେ ସାଇଡିଂକୁ ବିଭିନ୍ନ କମ୍ପାନିକୁ ଭଡ଼ାରେ ଲଗାଇ କୋଟିକୋଟି ଟଙ୍କା ପାଉଛନ୍ତି ।

## କେନ୍ଦ୍ରାପଡ଼ାରେ ଜିଲ୍ଲାସ୍ତରୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ

କେନ୍ଦ୍ରାପଡ଼ା, ୦୯/୦୭ (ନି.ପ୍ର): କେନ୍ଦ୍ରାପଡାରେ ଜିଲ୍ଲା ସ୍ତରୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଶନିବାର ଅନୁଷ୍ଠିତ ହୋଇଯାଇଛି । ମାନ୍ୟବର ଜିଲ୍ଲା ଓ ଦୌରା ଜଜ ବିଶ୍ୱଜିତ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଲୋକ ଅଦାଲତରେ ସମାଧାନ ପାଇଁ ମୋଟ ୨୪୫୧ ଟି ପଞ୍ଜିକରଣ ହୋଇଥିବା ବେଳେ ଏଥି ମଧ୍ୟରୁ ୧୭୪୨ ଟି ମାମଲା ସମାଧାନ ହୋଇ ୧୪ ଲକ୍ଷ ୮୬ ହଜାର ୧୯୮ ଟଙ୍କା ଆଦାୟ ହୋଇଥିବା ଜଣାପଡିଛି । ଏହି ମାମଲା ଗୁଡିକ ମଧ୍ୟରୁ ମଟର ଯାନ ଦୁର୍ଘଟଣା ଜନିତ ଗୋଟିଏ ସମାଧାନ ହୋଇ ପିଡିତା ପରିବାରକୁ ୮ ଲକ୍ଷ ୨୦ ହଜାର ଟଙ୍କା ପ୍ରଦାନ କରାଯାଇଛି । ୧୩୫ ଟି ଚେକ ବାଉନ୍ସ ମାମଲା ପଞ୍ଜିକରଣ ହୋଇଥିବା ବେଳେ ୧୩ଟି ସମାଧାନ ହୋଇ ୩ ଲକ୍ଷ ୬୭ ହଜାର ୭୮୦ ଟଙ୍କା ଆଦାୟ କରାଯାଇଛି । ସେହିଭଳି ପରିବାର ଅଦାଲତରେ ୮୨ ଟି ମାମଲା ପଞ୍ଜିକରଣ ହୋଇ ୧୨ଟିର ସମାଧାନ କରାଯାଇ ଉଭୟ ପରିବାରକୁ ମିଳାମିଶା କରାଯାଇ ଥିବା ଜଣାପଡିଛି । ଜମିଜମା ମାମଲା ୧୬ଟି ପଞ୍ଜିକରଣ କରାଯାଇ ଥିବାବେଳେ କୌଣସି ସମାଧାନ ହୋଇନାହିଁ । ଅନ୍ୟ ମାମଲା ଗୁଡିକ ମଧ୍ୟରେ ୩୩ଟି ପଞ୍ଜିକରଣ କରାଯାଇ ଥିବା ବେଳେ ୪ଟି ସମାଧାନ କରାଯାଇଛି । ଖାଉଟୀ ମାମଲା ଗୁଡିକ ମଧ୍ୟରୁ ୬ ମାମଲା ପଞ୍ଜିକରଣ କରାଯାଇ ଥିବା ବେଳେ ୨ଟି ସମାଧାନ କରାଯାଇ ୪୦ ହଜାର ଟଙ୍କା ଆଦାୟ କରାଯାଇଛି । ୨୧୭୩ଟି ରାଜସ୍ୱ ମାମଲା ପଞ୍ଜିକରଣ କରାଯାଇ ଥିବା ବେଳେ ୧୭୧୦ଟି ସମାଧାନ କରାଯାଇ ୨ ଲକ୍ଷ ୫୮ ହଜାର ୪୦୮ ଟଙ୍କା ଆଦାୟ କରାଯାଇଛି । ଏହିଭଳି ଭାବରେ ମୋଟ୍ ୧୭୪୨ ଟି ମାମଲା ଫଏସଲା କରାଯାଇ ୧୪ ଲକ୍ଷ ୮୬ ହଜାର ୧୯୮ ଟଙ୍କା ଆଦାୟ କରାଯାଇ ଥିବା ଜଣାପଡିଛି ।

## ୨୭ ବର୍ଷ ପୁରୁଣା ରଷିକୁଲ୍ୟା ସେତୁ ସ୍ଲାବ୍ ଦୁର୍ବଳ

ଆସିକା, ୦୯/୦୭ (ନି.ପ୍ର): ଗଞ୍ଜାମ ଜିଲ୍ଲାର ଅନ୍ୟତମ ପ୍ରମୁଖ ସହର ଆସିକାକୁ ଯୋଗାଯୋଗର ପ୍ରମୁଖ ମାଧ୍ୟମ ରଷିକୁଲ୍ୟା ନଦୀ ସେତୁର ସ୍ଲାବ୍ କ୍ରମଶଃ ଦୁର୍ବଳ ହେବାରେ ଲାଗିଛି । ଗୋଟିଏପଟେ ଯାନବାହନ ସଂଖ୍ୟା ବଢୁଥିବା ବେଳେ ଅନ୍ୟପଟେ ଏହି ସେତୁକୁ ମରାମତି ପାଇଁ ସରକାର କେବଳ ତତ୍ପରତା ଦେଖାଉଛନ୍ତି । ହେଲେ ସହର ପାଇଁ ସାଂପ୍ରତିକ ପରିସ୍ଥିତିରେ ଅତି ଆବଶ୍ୟକ ପଡୁଥିବା ଦ୍ୱିତୀୟ ପୋଲ ନିର୍ମାଣକୁ ଏଯାବତ୍ ବିଚାରରେ ନିଆଯାଇନି । ଆସିକା ହେଉଛି ରାଜ୍ୟର ବ୍ୟାବସାୟିକ କେନ୍ଦ୍ରସ୍ଥଳୀ ଓ ସମବାୟ ସହର ଭାବେ ପରିଚିତ । ରଷିକୁଲ୍ୟା ଓ ବଡ଼ନଦୀ ମଧ୍ୟରେ ଅବସ୍ଥିତ ଏହି ସହରକୁ ଯାତାୟାତ କରିବା ପାଇଁ ଉଭୟ ନଦୀର ସେତୁ ପାର ହେବାକୁ ପଡ଼ିଥାଏ । ରଷିକୁଲ୍ୟା ସେତୁ ଦକ୍ଷିଣ ଓଡ଼ିଶାକୁ ସମଗ୍ର ରାଜ୍ୟ ସହ ଯୋଡ଼ିଛି ।

୧୯୯୦ ମସିହାରେ ଭୟଙ୍କର ବନ୍ୟାରେ ଆସିକାରେ ବ୍ରିଟିସ୍ ଶାସନ ଅମଳରେ ୧୮୫୦ ମସିହା ବେଳକୁ ନିର୍ମିତ ରଷିକୁଲ୍ୟା ନଦୀ ଉପର ଲୁହା ସେତୁ ସଂପୂର୍ଣ୍ଣ ଭାବେ ଭାଙ୍ଗି ବନ୍ୟାରେ ଭାସି ଯାଇଥିଲା । ଫଳରେ ଏହି ସହର ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇ ଯାଇଥିଲା । ଏହାପରେ ରଷିକୁଲ୍ୟା ନଦୀ ଉପରେ ନୂତନ ସେତୁ ନିର୍ମାଣ କରା ଯାଇଥିଲା । ୧୯୯୬ ମସିହା ଅଗଷ୍ଟ ୪ ତାରିଖରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଜାନକୀବଲ୍ଲଭ ପଟ୍ଟନାୟକ ଏହି ନବନିର୍ମିତ ସେତୁକୁ ଉଦ୍‌ଘାଟନ କରିଥିଲେ ।

ବର୍ତ୍ତମାନ ଏହି ସେତୁ ରାଂଚି-ବିଜୟୱାଡ଼ା କରିଡ ?ରେ ଅନ୍ତର୍ଭୁକ୍ତ ହୋଇ ଜାତୀୟ ରାଜପଥ ଅଧୀନରେ ରହିଛି । କିନ୍ତୁ ୨୭ ବର୍ଷ ବିତିସାରିଥିବାରୁ ଏହାର ସ୍ଲାବ୍ ଦୁର୍ବଳ ହେବା ଚିନ୍ତାଜନକ ପରିସ୍ଥିତି ସୃଷ୍ଟି କରିଛି । ଆସିକା-କାଳଷଣ୍ଢପୁର ମଧ୍ୟରେ ଥିବା ଏହି ସେତୁ ଦେଇ ପ୍ରତିଦିନ ସହସ୍ରାଧିକ ଯାତ୍ରାବାହୀ ବସ୍ ଯାତାୟାତ କରୁଛି । ଏହାବାଦେ ପ୍ରତିଦିନ ଚିନିଶିଳ୍ପକୁ ଟ୍ରକ୍ ସମେତ ଅନ୍ୟାନ୍ୟା ଭାରୀଯାନ ଯା'ଆସ କରିଥାଏ । ତେବେ ଯାନବାହନ ସଂଖ୍ୟା ପ୍ରତିଦିନ ବଢ଼ିବାରେ ଲାଗିଥିବା ବେଳେ ବାରମ୍ବାର ମରାମତି ଯୋଗୁଁ ଏହି ସେତୁର ସ୍ଥାୟୀତ୍ୱକୁ ନେଇ ବିରାଟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ସେତୁ ଉପରେ ପଡ଼ିଥିବା ସ୍ଲାବ୍ ନଷ୍ଟ ହେବାକୁ ବସିଲାଣି । ପୋଲର ଉପର ଅଂଶ ଧୀରେ ଧୀ ?ରେ ନଷ୍ଟ ହେବାକୁ ବସିଲାଣି । ପୂର୍ବରୁ ପୂର୍ତ୍ତ ବିଭାଗ ଓ ପରେ ଜାତୀୟ ରାଜପଥ ବିଭାଗ ପକ୍ଷରୁ ପର୍ଯ୍ୟାୟକ୍ରମେ ଏହାର ମରାମତି ହୋଇଛି । କିନ୍ତୁ ଧୀରେ ଧୀରେ ସ୍ଲାବ୍‌ର ବହୁ ସ୍ଥାନରେ ଦିଆଯାଇଥିବା ଲୁହାଖାଡ଼ି ବାହାରକୁ ଦେଖାଗଲାଣି । ଫଳରେ ସେତୁ ସାରା ଖାଲଖମାରେ ଭର୍ତ୍ତି ହୋଇଥିବାରୁ ପ୍ରତିଦିନ ଛୋଟବଡ଼ ଦୁର୍ଘଟଣା ଘଟୁଛି । ଯାନବାହନ ବୃଦ୍ଧିକୁ ନଜରରେ ରଖି ବର୍ତ୍ତମାନ ଆସିକାରୁ ବ୍ରହ୍ମପୁର ଓ ଆସିକାରୁ ଭଞ୍ଜନଗର ମଧ୍ୟ ଚାରିଥାକିଆ ରାସ୍ତା ନିର୍ମାଣ କାମ ଚାଲିଛି । ଆଉ ଏହାମଧ୍ୟରେ ସେତୁର ମଧ୍ୟ ମରାମତି ଚାଲିଥିବାରୁ ଟ୍ରାଫିକ୍ ସମସ୍ୟା ଚିନ୍ତାର କାରଣ ପାଲଟୁଛି । କୌଣସି କାରଣରୁ ରାସ୍ତା ଅବରୋଧ ହେଲେ ଘଂଟା ଘଂଟା ଧରି ଟ୍ରାଫିକ୍ ଜାମ୍ ହେଉଛି । ଫଳରେ ରଷିକୁଲ୍ୟା ନଦୀ ଉପରେ ଦ୍ୱିତୀୟ ସେତୁ ନିର୍ମାଣର ଆବଶ୍ୟକତା ରହିଥିବା ସହରର ବୁଦ୍ଧିଜୀବୀ କହିଛନ୍ତି ।

ଜାତୀୟ ରାଜପଥ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ସତ୍ୟଜିତ ପାଣିଗ୍ରାହୀଙ୍କ ସହ ଯୋଗାଯୋଗ କରିବାରୁ ସେ କହିଛନ୍ତି, ସେତୁ ଉପରେ ମରାମତି କାର୍ଯ୍ୟକୁ ଶୀଘ୍ର ଶେଷ କରିବା ଦିଗରେ ଉଦ୍ୟମ ଜାରି ରହିଛି । ବର୍ତ୍ତମାନ ସେତୁର ଏକ୍ସପାନସନ୍ ଜଏଂଟ୍ ମରାମତି କାର୍ଯ୍ୟ ଚାଲିଥିବା ବେଳେ ଚଳିତମାସ ୧୬ ତାରିଖ ସୁଦ୍ଧା ଶେଷ ହେବ । ଲୋକଙ୍କ ସୁବିଧା ଉପରେ ଖୋଳାଯାଇଥିବା ସ୍ଥାନରେ ବାଲିବସ୍ତା ରଖାଯାଇଛି । ତେବେ ଲୋକଙ୍କ ଆବଶ୍ୟକତାକୁ ନେଇ ସର୍ଭେ କରି ଆସିକାରେ ରଷିକୁଲ୍ୟା ନଦୀ ଉପରେ ଦ୍ୱିତୀୟ ସେତୁ ନିର୍ମାଣ ପାଇଁ କେନ୍ଦ୍ର ସରକାରଙ୍କ ନିକଟକୁ ଏକ ପ୍ରସ୍ତାବ ପଠାଯିବ ବୋଲି ସେ କହିଛନ୍ତି । ବର୍ତ୍ତମାନ ଆସିକା ଠାରୁ ବ୍ରହ୍ମପୁର ଓ ଆସିକା ଠାରୁ ଭଞ୍ଜନଗର ରାସ୍ତାକୁ ସଂପ୍ରସାରଣ କରାଯାଉଥିବା ସୂଚନା ମିଳିଛି ।

# ଆୟୁକୁ ବାନ୍ଧି ରଖିବ ଔଷଧ

ଆୟୁକୁ ବାନ୍ଧି ରଖିପାରିବା ପରି ଔଷଧ ପ୍ରସ୍ତୁତ କରିବାରେ ବୈଜ୍ଞାନିକଙ୍କୁ ସଫଳତା ମିଳିସାରିଛି । ଏହି ଔଷଧ କ୍ଷତିଗ୍ରସ୍ତ ହୋଇଥିବା ଡିଏନଏକୁ ସଜାଡ଼ି ପୂର୍ବାବସ୍ଥାକୁ ଫେରାଇ ଆଣିପାରିବ । ଏପରିକି ନାସାର ମହାକାଶଚାରୀଙ୍କୁ ମଙ୍ଗଳ ଗ୍ରହରେ ସୂର୍ଯ୍ୟ ବିକରଣ ପ୍ରଭାବରୁ ସୁରକ୍ଷା ଦେବ ବୋଲି କୁହାଯାଇଛି । ଏକ ଗବେଷକ ଦଳ ଏପରି ଏକ ଔଷଧରେ ବିକଶିତ କରିଛନ୍ତି, ଯାହାକି ଡିଏନଏର ମରାମତି କରିବା ସହିତ କୋଷିକାର ଆୟୁକୁ ରୋକିପାରିବ ।



ମୂଷାଙ୍କ ଉପରେ ଏହି ଔଷଧ ପ୍ରୟୋଗ କରି ଗବେଷକମାନେ ଜାଣିବାକୁ ପାଇଛନ୍ତି ଯେ, ଏହା ବିକରଣ ପ୍ରଭାବରେ ତଥା ବୟସାଧିକ ଯୋଗୁଁ ନଷ୍ଟ ହୋଇଯାଇଥିବା ଡିଏନଏକୁ ପୁଣିଥରେ ଠିକ୍ କରିପାରିବ । ଗବେଷକ ଦଳର ମୁଖ୍ୟ ଡେଭିଡ ସିନକ୍ଲେୟାର କିହଛନ୍ତି, ଔଷଧ ଦିଆଯିବା ପରେ ମାତ୍ର ସପ୍ତାହ ପରେ ବୁଢ଼ାମୂଷା ଓ ସାନ ସାନ ମୂଷାଙ୍କ କୋଷିକା ମଧ୍ୟରେ କୌଣସି ପ୍ରଭେଦ ଜଣାପଡ଼ି ନଥିଲା । ମାତ୍ର ୬ ମାସ ଭିତରେ ଏହି ଔଷଧକୁ ମଣିଷଙ୍କ ଉପରେ ପରୀକ୍ଷଣ କରାଯିବ । ପ୍ରଫେସର ସିନକ୍ଲେୟାରା କହିଛନ୍ତି, ଏହା ସବୁଠୁ ନିରାପଦ ଓ ପ୍ରଭାବଶାଳୀ ଆୟୁ ବୃଦ୍ଧି ପ୍ରତିରୋଧକ ଔଷଧ । ଯଦି ପରୀକ୍ଷଣ ଠିକ୍ ଭାବେ ଚାଲେ ତାହା ହେଲେ ଆଗାମୀ ୩ରୁ ୫ ବର୍ଷ ମଧ୍ୟରେ ଏହି ଔଷଧ ବଜାରରେ ଉପଲବ୍ଧ ହେବ ।

ଏହି ଔଷଧ ଏବେ ନାସା ଏହାରା ବୈଜ୍ଞାନିକଙ୍କ ଉପରେ ପରୀକ୍ଷଣ କରିବାକୁ ଚାହୁଁଛି । ନାସା ଆଗାମୀ ଦିନରେ ଏହାର ମହାକାଶଚାରୀଙ୍କୁ ଚାରିମାସ ପାଇଁ ମଙ୍ଗଳଗ୍ରହକୁ ପଠାଇବ । ମଙ୍ଗଳଗ୍ରହରେ ବାୟୁମଣ୍ଡଳ ନଥିବାରୁ ସେଠାରେ ସୂର୍ଯ୍ୟର ଅତିବାଇଗଣୀ ରଶ୍ମି ସିଧାସଳଖ ପଡ଼ିବାର ଆଶଙ୍କା ରହିଛି । ଏପରିସ୍ଥଳେ ଏହି ଔଷଧ ଉପଯୋଗୀ ହେବ ବୋଲି ନାସା ମନେ କରୁଛି । ଏମିତି ମହାଜାଗତିକ ବିକରଣ ପ୍ରଭାବରେ ଖୁବ୍ କମ୍ ଦିନ ପାଇଁ ମହାକାଶକୁ ଯାଉଥିବା ମହାକାଶଚାରୀଙ୍କ ଠାରେ ବାର୍ଦ୍ଧକ୍ୟର ଲକ୍ଷଣମାନ ଦେଖାଯାଏ । ମହାକାଶରୁ ଫେରିବା ପରେ ସେମାନଙ୍କ ମାଂସପେଶୀରେ ଦୁର୍ବଳତା, ସ୍ମୃତିଶକ୍ତି ହ୍ରାସ ପାଇବା ଓ ବାର୍ଦ୍ଧକ୍ୟର ଲକ୍ଷଣମାନ ପ୍ରକାଶ ପାଇଥାଏ । ଏଣୁ ମଙ୍ଗଳ ମିଶନରେ ଏସବୁ ଆଶଙ୍କା ଆହୁରି ଅଧିକ ଥିବାରୁ ନାସା ଏହି ଔଷଧ ପ୍ରୟୋଗ କରିବାକୁ ଚାହୁଁଛି ।

# ବାଥ୍‌ରୁମ୍ ରଖନ୍ତୁ ଚମକ୍‌ଦାର୍



ଘରର ବାଥ୍‌ରରୁମ୍ ଘର ଉପରେ ପକାଇଥାଏ ନାନା ପ୍ରକାର କୁପ୍ରଭାବ । ଏଥିପାଇଁ ଘରର ବାଥରୁମକୁ ସବୁବେଳେ ପରିଷ୍କାର ରଖିବା ଉଚିତ୍ । ନଚେତ କୀଟାଣୁ ସଂକ୍ରମଣ ଯୋଗୁ ନାନା ପ୍ରକାର ରୋଗ ସୃଷ୍ଟି ହୁଏ । ଏଥିପାଇଁ ବାଥରୁମକୁ ସଫା ରଖିବା ନିହାତି ଜରୁରି ।

- ପ୍ରଥମେ ବାଥରୁମରେ ଲାଗିଥିବା ୱାଶ ବେସିନକୁ ସଫା ରଖନ୍ତୁ । ଏହାକୁ ସଫା କରିବା ପାଇଁ କିଛି ପରିମାଣରେ ଲେମ୍ବୁରସ ନେଇ ସେଥିରେ କିଛି ଲୁଣ ମିଶାଇ ଏକ ଘୋଳ ପ୍ରସ୍ତୁତ କରନ୍ତୁ । ଏହି ଘୋଳକୁ ୱାଶଲ ବେସିନରେ ଦେଇ କିଛିସମୟ ପର୍ଯ୍ୟାପ୍ତ ଛାଡ଼ିଦିଅନ୍ତୁ । ୫ ମିନିଟ ପରେ ଏହାକୁ ଗରମ ପାଣିରେ ବ୍ୟବହାର କରି ଧୋଇ ଦିଅନ୍ତୁ । ଏହାଦ୍ୱାରା ବେସିନ ସଫା ହୋଇବା ସହ ଏଥିରୁ ବାହାରୁଥିବା ଦୁର୍ଗନ୍ଧ ମଧ୍ୟ କମହୋଇଯିବ ।

- ବାଥୁରୁମ ସଫା କରିବା ସମୟରେ ଟଏଲେଟକୁ ସଫା କରିବା ପାଇଁ ଭୁଲନ୍ତୁ ନାହିଁ । ଭିନେଗାରରେ କିଛି ପରିମାଣରେ ଲେମ୍ବୁ ରସ ଏବଂ ଲୁଣ ମିଶାନ୍ତୁ । ତାପରେ ଏହାକୁ ଟଏଲଟରେ ବ୍ରଶ ସାହାଯ୍ୟରେ ଭଲ ଭାବରେ ଲଗାନ୍ତୁ । ୨୦ ମିନିଟ ପର୍ଯ୍ୟନ୍ତ ଏହାକୁ ଏପରି ଲାଗି ରଖନ୍ତୁ । ତାପରେ ଟଏଲଟର ପ୍ଲାଶ ମାରିଦିଅନ୍ତୁ । ଏଭଳି କରିବା ଦ୍ୱାରା ଟଏଲଟରେ ଲାଗିଥିବା ସମସ୍ତ ଦାଗ ଦୂର ହୋଇଯିବ ।

- ବାଥରୁମର କବାଟ ଏବଂ ଝରକାକୁ ସଫା କିରବା ପାଇଁ ଆପଣ ଚାହିଁଲେ ପୁରୁଣା ଟୁଥବ୍ରଶର ବ୍ୟବହାର ମଧ୍ୟ କରିପାରିବେ । ସାବୁନ ଏବଂ ସର୍ଫର ଏକ ଘୋଳ ପ୍ରସ୍ତୁତ କରନ୍ତୁ । ଏହା ମଧ୍ୟରେ ବ୍ରଶ ବୁଡ଼ାଇ ଝରକା ଏବଂ କବାଟକୁ ଭଲ ଭାବରେ ସଫା କରନ୍ତୁ । ବାଥରୁମ ନଳରେ ମଇଳା ବସିଥିଲେ ଏହାକୁ ଛଡ଼େଇବା ପାଇଁ ଏକ କପଡ଼ାକୁ ଭିନେଗାରରେ ବୁଡ଼ାଇ ଏହି କପଡ଼ାକୁ ନଳ ଉପରେ ରଗଡ଼ନ୍ତୁ । ନଳା ସଫା ହୋଇଯିବ ।

ବାଥରୁମରେ ଚଟାଣ ସଫା କରିବା ପାଇଁ ଆଳୁ ବ୍ୟବହାର କରିପାରିବେ । ଆଳୁ କାଟି ଏହାକୁ ବାଥରୁମର ଟାଇଲ ଉପରେ ରଗଡ଼ନ୍ତୁ । ଶୁଖିବା ପାଇଁ ଏହାକୁ ୧୫ ମିନିଟ ପର୍ଯ୍ୟନ୍ତ ଛାଡ଼ିଦିଅନ୍ତୁ । ଗରମ ପାଣିରେ ଜରିଆରେ ଟାଇଲକୁ ଭଲ ଭାବରେ ଧୋଇ ଦିଅନ୍ତୁ ।

# ଶିଶୁକୁ ଗାଧୋଇଦେଲା ବେଳେ...



**ନବଜାତ ଶିଶୁକୁ ଗାଧୋଇ ଦେବା ସମୟରେ ମା'ମାନେ ଯଥେଷ୍ଟ ସତର୍କତା ଅବଲମ୍ବନ କରିବା ଜରୁରି । ନଚେତ୍ ଶିଶୁଟିର କାନରେ ପାଣି ପଶିବା ସହ ସଂକ୍ରମଣ ହେବାର ଆଶଙ୍କା ଅଧିକ ଥାଏ ।**

- ଜନ୍ମହେବାର ୭ଦିନ ପର୍ଯ୍ୟନ୍ତ ଡାକ୍ତରମାନେ ଛୁଆକୁ ଗାଧୋଇ ଦେବାକୁ ବାରଣ କରୁଛନ୍ତି । କାରଣ ଶିଶୁଟିର ନାଭି (ନାହି) ଶୁଖିବା ପର୍ଯ୍ୟନ୍ତ ଅତ୍ୟନ୍ତ ଯତ୍ନ ନେବାକୁ ହୋଇଥାଏ । ସାଧାରଣତଃ ଶିଶୁ ଜନ୍ମର ସପ୍ତାହକରୁ ଦଶଦିନ ପର୍ଯ୍ୟନ୍ତ ନାହିନାଡ଼ ଶୁଖିବାକୁ ସମୟ ନିଏ । ସେଥିପାଇଁ ଏହି ସମୟରେ ଗାଧୋଇବା ଦେବା ଦ୍ୱାରା ବାହାର ସଂକ୍ରମଣ ହେତୁ ଥଣ୍ଡା ହେବାର ଆଶଙ୍କା ଅଧିକଥାଏ । ଏନେଇ ଚିକିତ୍ସକଙ୍କ ପରାମର୍ଶ କ୍ରମେ ନାହି ସ୍ଥାନରୁ ପରିଷ୍କାର ଓ ଶୁଖିଲା ରଖିବାକୁ ହୋଇଥାଏ । ଯଦି ନାହି ସ୍ଥାନଟି ଲାଲ ଦେଖାଯାଏ କିମ୍ବା ସଂକ୍ରମଣରେ କୌଣସି ସଙ୍କେତ ମିଳେ ତେବେ ତୁରନ୍ତ ଚିକିତ୍ସକଙ୍କ ସହିତ ପରାମର୍ଶ କରନ୍ତୁ ।

- ପ୍ରଥମ କିଛି ସପ୍ତାହ ପର୍ଯ୍ୟନ୍ତ ଶିଶୁକୁ ଗାଧୋଇଦେବା ସକାଶେ ସାବୁନ କିମ୍ବା କୌଣସି ତରଳ ପଦାର୍ଥର ଆବଶ୍ୟକତା ପଡ଼ିନଥାଏ । ନବଜାତ ଶିଶୁକୁ ସପ୍ତାହରେ ଦୁଇରୁ ତିନିଥର ଗାଧୋଇ ଦିଅନ୍ତୁ । ନାହି ନ ଶୁଖିବା ପର୍ଯ୍ୟନ୍ତ ତାକୁ ବାଥଟବରେ ଗାଧୋଇ ଦିଅନ୍ତୁ ନାହିଁ । ସେ ପର୍ଯ୍ୟନ୍ତ କପଡ଼ା ଓଦାକରି ତା' ଶରୀରକୁ ପୋଛି ପାରିବେ । ଶିଶୁକୁ ଗାଧୋଇଦେବା ସମୟରେ ମା' ନିକଟରେ ଅନ୍ୟଜଣେ ଉପସ୍ଥିତ ରହିବା ମଧ୍ୟ ଜରୁରି । ସେହି ସମୟରେ ଶିଶୁ ସହିତ କଥା ହୁଅନ୍ତୁ, ଗୀତ ଗାଆନ୍ତୁ, ମଜା କରନ୍ତୁ । ଏହାଦ୍ୱାରା ଶିଶୁ ଅନେକ କିଛି ଶିଖିଥାଏ ।

- ସବୁ ସମୟରେ ହାତ ଚକଟି(ରିଷ୍ଟ) ପର୍ଯ୍ୟନ୍ତ ପାଣିରେ ବୁଡ଼ାଇ ପାଣିରେ ତାପମାତ୍ରା ଦେଖିବା ଦରକାର । କାରଣ କେବଳ ପାପୁଲି ବା ଆଙ୍ଗୁଠି ବୁଡ଼ାଇଲେ ପାଣିର ତାପମାତ୍ରା ଜଣାପଡ଼େ ନାହିଁ । ଏପରିକି ଶିଶୁକୁ ଗାଧୋଇ ଦେବା ପୂର୍ବରୁ ଏକ ବଥ୍ ଥର୍ମୋମିଟର ମଧ୍ୟ ବ୍ୟବହାର କରାଯାଇପାରିବ ।

- ବାଥରୁମରେ ପ୍ରଥମ ଥଣ୍ଡା ପାଣି ଜାଳି ପରେ ସେଥିରେ କିଛି ଉଷୁମ ପାଣି ମିଶାଇବା ଉଚିତ ହେବ । ଶିଶୁଟିକୁ ବାଥ ଟବରେ ଗାଧୋଇ ଦେଉଥିଲେ ତାକୁ ସିଧାକରି ଧରନ୍ତୁ । ତାହାର ଦୁଇ ପଟ କାନ୍ଧକୁ ପଛପଟୁ ଗୋଟିଏ ହାତରେ ଧରି ମୁଣ୍ଡ ଉପରକୁ ରଖନ୍ତୁ । ଫଳରେ ଆପଣ ଅନ୍ୟ ହାତରେ ତାକୁ ଗାଧୋଇ ଦେଇ ପାରିବେ ।

ତାକୁ ଖୁଆଇବା ପରେ ସଙ୍ଗେ ସଙ୍ଗେ ଗାଧୋଇବାକୁ ନିଅନ୍ତୁ ନାହିଁ ।

- ପିଲାକୁ ଗାଧୋଇଦେବା ସମୟରେ ତା ଶରୀରକୁ ହାଲକା ଭାବେ ମାଲିସ କରନ୍ତୁ । ଏହାଦ୍ୱାରା ଶିଶୁଟି ଉତ୍ତମ ଅନୁଭବ କରିବ ।



- ବେଳେବେଳେ ମା'ର ଅସାବଧାନତା କାରଣରୁ ଶିଶୁକୁ ଗାଧୋଇବା ସମୟରେ ତା' କାନରେ ପାଣି ପଶିଯାଏ । ସଂକ୍ରମଣ ହେବାର ଆଶଙ୍କା । ଏଣୁ ଶିଶୁକୁ ଗାଧୋଇବା ସମୟରେ ମଣ୍ଡ ନବୁଡ଼ାଇ ଯତ୍ନର ସହ ଗାଧୋଇ ଦେବା ଦରକାର ।

# ଭ୍ରାମରୀ ପ୍ରାଣାୟାମ



**ଇଣ୍ଟରନେଟ୍ ଯୁଗର ବ୍ୟସ୍ତବହୁଳ ଜୀବନରେ ମଣିଷକୁ ସୁସ୍ଥ ରଖିବାରେ ଭ୍ରମରୀ ପ୍ରାଣାୟମ ମହୌଷଧି ପରି କାର୍ଯ୍ୟ କରିବ । ଭ୍ରମର ଗୁଞ୍ଜନ ପରି ଶବ୍ଦ କରୁଥିବାରୁ ଏହାର ନାମ ଭ୍ରାମରୀ ପ୍ରାଣାୟାମ । ଯୋଗ ଶିକ୍ଷୟିତ୍ରୀ ସ୍ମିତା ଦାସଙ୍କ ଠାରୁ ଭ୍ରାମରୀର ଉପାଦେୟତା ସମ୍ପର୍କରେ ସବିଶେଷ ଜାଣିବା...**

ଆସନ ପ୍ରଣାଳୀ: ଭ୍ରାମରୀ ପ୍ରାଣାୟାମ ପ୍ରଣାଳୀ- ପ୍ରଥମ ପଦାସନ କିମ୍ବା ସୁଖାସନରେ ବସିଯାନ୍ତୁ ।

-ମନକୁ ଶାନ୍ତ ରଖି ଆଖି ବନ୍ଦ କରି ଦିଅନ୍ତୁ ।

- ଦୁଇ ହାତର ତର୍ଜନୀ ଆଙ୍ଗୁଠିରେ କାନକୁ ବନ୍ଦ କରି ଦିଅନ୍ତୁ । ବାହୁକୁ କାନ୍ଧ ସିଧା ରଖନ୍ତୁ ।

ପାଟିବନ୍ଦ କରି ଜିଭକୁ ଉପରେ ଆଡ଼କୁ ଭିତରକୁ ମୋଡ଼ି ତାଲୁକୁ ଲଗାନ୍ତୁ ।

କଣ୍ଠ ଓ ନାକରେ ଭ୍ରମର ପରି ଓ ଶବ୍ଦ ଉଚ୍ଚାରଣ କରନ୍ତୁ ।

ଓଁ କାର ଧ୍ୱନିକୁ ଲମ୍ବା ସ୍ୱରରେ ଧୀରରୁ ଜୋରରେ ଉଚ୍ଚାରଣ କରନ୍ତୁ । ଧୀରେ ବିଶ୍ୱାସ ଛାଡ଼ନ୍ତୁ ।

ଏହିପରି ୫ ମି. ସମୟରେ କରନ୍ତୁ ।

ଏହିପରି ୫ମି. ସମୟ କରନ୍ତୁ । ଧୀରେ ଧୀରେ ବଢ଼ାଇବେ ।

- ଦିନରେ ୩ରୁ ୪ଥ ଭ୍ରମରୀ ପ୍ରାଣାୟାମ କରିପାରିବେ ।

ଲାଭ : ମନକୁ ଏକାଗ୍ର କରି ଶାନ୍ତ ରଖେ ।

ସୁଖ ନିଦ୍ରା ହୁଏ

କ୍ରୋଧ, ଚିନ୍ତା ଭୟରୁ ମୁକ୍ତିମିଳେ ।

- ଉଚ୍ଚ ରକ୍ତଚାପ ଦୂର ହୋଇଯାଏ ଓ ଶରୀରରେ ରକ୍ତଚାପ ସ୍ୱାଭାବିକ ହୁଏ ।

- ଗଳାର ସ୍ୱର ସୁମଧୁର ହୁଏ ।

ସ୍ମରଣ ଶକ୍ତି ବୃଦ୍ଧି ହୁଏ ।

- ଆତ୍ମ ବିଶ୍ୱାସ ବଢ଼େ

ମୁଣ୍ଡ ବିନ୍ଧାରୁ ମୁକ୍ତି ମିଳେ ।

-ମୁଖ ମଣ୍ଡଳରେ ଉଜ୍ଜ୍ୱଳତା ଆସେ ।

ବିଶେଷ ସତର୍କତା ।

ଜୋରରେ କାନକୁ ଚାପି ଧରନ୍ତୁ ନାହିଁ ।

- ଓଁକାର ଧ୍ୱନି ଉଚ୍ଚାରଣ ସମୟରେ ପାଟି ବନ୍ଦ ରଖିବେ ।

- କାନରେ ପୀଡ଼ା କିମ୍ବା ସଂକ୍ରମଣ ଥିଲେ, ଏହି ପ୍ରାଣାୟାମ କରନ୍ତୁ ନାହିଁ ।

# ଆକର୍ଷଣୀୟ ତ୍ୱଚାପାଇଁ ତେନ୍ତୁଳି ରସ

- ପାଚିଲା ତେନ୍ତୁଳିକୁ ପାଣିରେ ଫୁଟାଇ ରସ ବାହାର କରନ୍ତୁ । ଦୁଇ ଚାମଚ ହଳଦି ଗୁଣ୍ଡ ଫେଣ୍ଟି ସପ୍ତାହରେ ତିନି ଥର ଲଗାନ୍ତୁ, ତ୍ୱଚା ସଫା ହେବ ।

- ଏକ ଚାମଚ ତେନ୍ତୁଳି ରସରେ ଏକ ଚାମଚ ମହୁ କିମ୍ବା ଲେମ୍ବୁ ରସ ଫେଣ୍ଟି ମୁହଁ, ବେକ, ହାତ, ପାଦରେ ସପ୍ତାହରେ ଦୁଇ-ତିନିଥର ଲଗାଇଲେ ଉଜ୍ଜ୍ୱଳତା ବଢ଼ିବାରେ ସାହାଯ୍ୟ କରେ ।

- ବୟସ ରେଖା କିମ୍ବା ତ୍ୱଚା କୁଞ୍ଚନ ଦୂର ପାଇଁ ଭିଟାମିନ୍ ଏ, ସି, ଏଣ୍ଟିଅକ୍ସିଡାଣ୍ଟ ଆବଶ୍ୟକ । ତେଣୁ ଏସବୁ ତେନ୍ତୁଳିରେ ଭରପୁର ରହିଥାଏ । ତେଣୁ ସମାନ ପରିମାଣର ତେନ୍ତୁଳି ରସ ସହ ମହୁ ଫେଣ୍ଟି ଲଗାନ୍ତୁ, ସୁଫଳ ପାଇବେ ।

- ଆଖି ତଳ କଳା ଦାଗ ଦୂର ପାଇଁ ତେନ୍ତୁଳି ରସ ବ୍ୟବହାର କରନ୍ତୁ । ଗୋଲାପୀ ଜଳରେ ତେନ୍ତଳି ରସ ଫେଣ୍ଟି ବ୍ରଣରେ ଲଗାଇଲେ ଉପଶମ ମିଳିଥାଏ । କିଛି ଦିନ ପରେ ବ୍ରଣ ଚାଲିଯାଏ ।

# ଅଧିକ ଫାଷ୍ଟ୍‌ଫୁଡ୍ ଖାଇଲେ ନିଶ୍ୱାସରୁ ଦୁର୍ଗନ୍ଧ ଆସେ

ସକାଳୁ ଉଠିଲେ ମୁହଁ ବା ପାଟିରରୁ ଗନ୍ଧ ଆସିବା ଏକ ସାଧାରଣ କଥା । କିନ୍ତୁ ଏକ ନୂତନ ରିସର୍ଚ୍ଚ ଅନୁଯାୟୀ ଯେଉଁମାନେ ଫାଷ୍ଟଫୁଡ଼ ଅଧିକ ପରିମାଣରେ ଖାଆନ୍ତି ସେମାନଙ୍କ ପାଟିରୁ ଅନ୍ୟ ସମୟରେ ମଧ୍ୟ ଦୁର୍ଗନ୍ଧ ଆସିଥାଏ । ଅନ୍ୟପକ୍ଷରେ ଯେଉଁମାନେ କଦବା କ୍ୱଚିତ ଫାଷ୍ଟଫୁଡ଼ ଖାଆନ୍ତି ସେମାନଙ୍କ ପାଟିରୁ ଦୁର୍ଗନ୍ଧ ଆସି ନଥାଏ । ଏହି ଷ୍ଟଡ଼ିରୁ ଦେଖିବାକୁ ମିଳିଛି ଫାଷ୍ଟଫୁଡ଼୍ ପ୍ରସ୍ତୁତ କରିବା ବେଳେ ପ୍ରୟୋଗ ହେଉଥିବା ତେଲରୁ ଲୋକଙ୍କର ଏସିଡିଟି ସମସ୍ୟାର ଆଶଙ୍କା ଦେଖାଦେଇଥାଏ । ଏସିଡିଟି କାରଣରୁ ଗ୍ୟାସଟ୍ରିକ ରିଫ୍ଲେକ୍ସ ହୋଇଥାଏ



ଯାହା ନିଶ୍ୱାସରେ ଦୁର୍ଗନ୍ଧର ଏକ ପ୍ରମୁଖ କାରଣ ଅଟେ । ଏଥିସହିତ ଯଦି ଡାଇବେଟିସ ଭଳି କୌଣସି ସମସ୍ୟା ଅଛି ତେବେ ମଠା ପଦାର୍ଥ ଖାଇଲେ ମୁହଁରେ ବ୍ୟାକ୍ଟେରିଆ ବଢ଼ିଯାଇଥାନ୍ତି । ଫଳରେ ନିଶ୍ୱାସରେ ଦୁର୍ଗନ୍ଧ ସମସ୍ୟା ବହୁଗୁଣରେ ବଢ଼ିଯାଇଥାଏ । ଯଦି ଆପଣ ପାଟିକୁ ଫ୍ରେସ ରଖିବାକୁ ଚାହୁଁଛନ୍ତି ତେବେ ପନିପରିବା ଓ ଫଳ ଆଦି ଖାଆନ୍ତୁ ସେଓ ଖାଇଲେ ନିଶ୍ୱାସ ପ୍ରଶ୍ୱାସ ତାଜା ରହିଥାଏ । କମଳା ଓ ଷ୍ଟ୍ରବେରୀ ମଧ୍ୟ ଆପଣଙ୍କ କାମରେ ଆସିପାରେ । ଏହି ଫଳରୁ ଭିଟାମିନ ସି ମିଳିଥାଏ ତାହା ଏସିଡିକୁ ପରିବେଶ ସୃଷ୍ଟି କରିଥାଏ । ତେଣୁ ଏଠାରେ ବ୍ୟାକ୍ଟେରିଆ ସୃଷ୍ଟି ହୋଇପାରି ନଥାଏ ଓ ମୁହଁରେ ଦୁର୍ଗନ୍ଧ ହୋଇ ନଥାଏ ।

# ଜାଣିଛନ୍ତି...

୧. ମହିଳାଙ୍କ ମସ୍ତିଷ୍କ ତୁଳନାରେ ପୁରୁଷଙ୍କ ମସ୍ତିଷ୍କ ୧୦ ପ୍ରତିଶତ ବଡ଼ ।

୨. ଆମ ମସ୍ତିଷ୍କ ସର୍ବଦା ୧୨ରୁ ୨୫ ୱାଟ୍ ବିଦ୍ୟୁତ ଉତ୍ପନ୍ନ କରିଥାଏ, ଯେଉଁଥିରେ ଏକ ଛୋଟ ଏଲଇଡି ବଲବ ଜଳିପାରିବ ।

୩. ମସ୍ତିଷ୍କରେ ଥିବା ଶିରା ପ୍ରଶିରାର ଲମ୍ବ ୬୪୫ କିଲୋମିଟର ।।

୪. ମସ୍ତିଷ୍କର ଆକାର ଧୀରେ ଧୀରେ ଅବକ୍ଷୟ ହେବାରେ ଲାଗିଛି । ବିଗତ ୨୦ ହଜାର ବର୍ଷରେ ଟେନିସ ବଲ ଆକାର ମସ୍ତିଷ୍କ ଛୋଟ ହୋଇଛି ।

୫. ମସ୍ତିଷ୍କକୁ କଷ୍ଟ ହୋଇନଥାଏ । ତେଣୁ ଯଦି ମସ୍ତିଷ୍କର ସର୍ଜରୀ କରାଯାଏ, ତେବେ ଅନାସ୍ଥେସିଆର ଆବଶ୍ୟକ ହେବନାହିଁ । କିନ୍ତୁ ଖପୁରି ପାଇଁ ଅନାସ୍ଥେସିଆର ଆବଶ୍ୟକତା ପଡ଼ିଥାଏ ।

୬. ମସ୍ତିଷ୍କ ନ୍ୟୁରେନ୍ସ ମାଧ୍ୟମରେ ପରିଚାଳିତ ହୋଇଥାଏ । ଏହା କମ୍ପ୍ୟୁଟରର ସିପିୟୁ ଭଳି କାମ କରିଥାଏ । ମନୁଷ୍ୟର ମସ୍ତିଷ୍କରେ ୧୦ହଜାର କୋଟି ନ୍ୟୁରେନ୍ସ ରହିଥାଏ । ୩୫ବର୍ଷ ପରେ ଦୈନିକ ୭୦୦୦ ନ୍ୟୁରେନନ୍ସ କମିବାରେ ଲାଗେ ।

୭. ଏକ ବୟସ୍କ ବ୍ୟକ୍ତି ମସ୍ତିଷ୍କର ଓଜନ ୧୪୦୦ରୁ ୧୫୦୦ଗ୍ରାମ ।

୮. ଆଲବର୍ଟ ଆଇନଷ୍ଟାଇନଙ୍କ ମସ୍ତିଷ୍କ ସାଧାରଣ ବ୍ୟକ୍ତିଙ୍କ ତୁଳନାରେ ୧୦% କମ୍ ଥିଲା । କିନ୍ତୁ ତାଙ୍କ ମସ୍ତିଷ୍କ ନ୍ୟୁରେନ୍ସ ଅଧିକ ରହିଥିଲା ଯାହା ମସ୍ତିଷ୍କକୁ ଅଧିକ କ୍ରିୟାଶୀଳ କରିଥାଏ ।

୯. ହସିଲେ ଆମ ମସ୍ତିଷ୍କର ୫ଟି ଭାଗ ଏକସଙ୍ଗେ କାର୍ଯ୍ୟ କରିଥାଏ ।

୧୦. ଅବଚେତନ ମସ୍ତିଷ୍କ ଚେତନ ମସ୍ତିଷ୍କ ଠାରୁ ୩୦,୦୦୦ ଗୁଣ ଅଧିକ ଶକ୍ତିଶାଳୀ ହୋଇଥାଏ ।

ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର ୪

୧୦ ଜୁଲାଇ ୨୦୨୩, ସୋମବାର

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଉପଯୁକ୍ତ ବ୍ୟବସ୍ଥା...

ବର୍ତ୍ତମାନ ସମୟରେ ଇଣ୍ଟରନେଟ ସମଗ୍ର ମାନବ ସମାଜର ଜୀବନରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି। ଅଙ୍ଗୁଳି ଟିପରେ ପୃଥିବୀର ଅନେକ ଜିନିଷ ବିଷୟରେ ମାତ୍ର କେଇ ସେକେଣ୍ଡ ଭିତରେ ଜାଣି ହେଉଛି; ପୃଥିବୀର ଗୋଟିଏ ମୁଣ୍ଡରୁ ଆଉ ମୁଣ୍ଡ ସହିତ ସମ୍ପର୍କ ସ୍ଥାପନ କରିହେବା ସଙ୍ଗେ ସଙ୍ଗେ ବହୁ କଷ୍ଟସାଧ୍ୟ, ସମୟସାପେକ୍ଷ କାମକୁ ବ୍ୟକ୍ତିଗତ ପରିଶ୍ରମ ବିନା ସହଜରେ କରି ହେଉଛି। କିନ୍ତୁ ଏଥିପାଇଁ ମଣିଷକୁ ତା' ନିଜ ବିଷୟରେ କେତେକ ତଥ୍ୟ ପ୍ରଦାନ କରିବାକୁ ପଡୁଛି, ଯେଉଁଥିରୁ ଅଧିକାଂଶ ତା'ର ବ୍ୟକ୍ତିଗତ ଗୋପନୀୟତା ସମ୍ପର୍କିତ। ଆଉ ଏଇ ତଥ୍ୟର ସୁରକ୍ଷାକୁ ନେଇ ବେଶ୍ କିଛି ଦିନ ହେବ ଚାଲି ଆସିଛି ମାନସ ମନ୍ଥନ। ପରିଶେଷରେ ସରକାର ପ୍ରସ୍ତୁତ କରିଛନ୍ତି ଏକ ଅତ୍ୟଧିକ ପରିମାଣରେ ଗୁରୁତ୍ୱପୂର୍ଣ୍ଣ ଡିଜିଟାଲ ବ୍ୟକ୍ତିଗତ ତଥ୍ୟ ସୁରକ୍ଷା ବିଲ୍ ଯାହା ବୁଧବାର ଦିନ କେନ୍ଦ୍ର କ୍ୟାବିନେଟର ଅନୁମୋଦନ ଲାଭ କରିବା ପରେ ଜୁଲାଇ ୨୦ ତାରିଖରୁ ଆରମ୍ଭ ହେବାକୁ ଯାଉଥିବା ସଂସଦର ମୌସୁମୀ ଅଧିବେଶନ ଲାଭ କରିବା ପରେ ଜୁଲାଇ ୨୦ ତାରିଖରୁ ଆରମ୍ଭ ହେବାକୁ ଯାଉଥିବା ସଂସଦର ମୌସୁମୀ ଅଧିବେଶନ କାଳର ସଦନରେ ଉପସ୍ଥାପିତ ହେବାକୁ ଯାଉଛି। ଛଅ ବର୍ଷ ପୂର୍ବେ ଦେଶର ସର୍ବୋଚ୍ଚ ଅଦାଲତ ପ୍ରତି ନାଗରିକଙ୍କ ବ୍ୟକ୍ତିଗତ ଗୋପନୀୟତାକୁ ଏକ ମୌଳିକ ଅଧିକାର ଭାବରେ ବିବେଚନା କରିବା ପରେ ସମ୍ପ୍ରତି ଏହି ବିଲ୍ ଏକ ଐତିହାସିକ ପଦକ୍ଷେପ ହେବାକୁ ଯାଉଥିବା ବେଳେ ଏହି ବିଲର କେତେକ ବିଧି ବ୍ୟବସ୍ଥାକୁ ନେଇ ଆଶଙ୍କା ପ୍ରକାଶ ପାଇଛି, ଯଦିଓ ଏହା ଅନେକଙ୍କୁ ଏକ ଅତ୍ୟଧିକ ମାତ୍ରାରେ କଷ୍ଟକର କାମ ମନେହେବାର ଯଥେଷ୍ଟ କାରଣ ରହିଛି, ଯେପରିକି ଏହାକୁ ପ୍ରସ୍ତୁତ କରିବା ନିମନ୍ତେ ସରକାରଙ୍କୁ ଦୀର୍ଘ ଛଅ ବର୍ଷ ଧରି କଠିନ ପରିଶ୍ରମ ଓ ଉଦ୍ୟମ କରିବା ସଙ୍ଗେ ସଙ୍ଗେ ଏଥିପାଇଁ ନିଜର ଗତିପଥକୁ ଚାରିଥର ବଦଳାଇବାକୁ ପଡ଼ିଛି ଅନୁପାଳନର ସହଜତା ଏବଂ ବ୍ୟକ୍ତିଗତ ସୁରକ୍ଷାଗୁଡ଼ିକ ମଧ୍ୟରେ ସନ୍ତୁଳନ ରକ୍ଷା କରିବାକୁ। ପରନ୍ତୁ, ପ୍ରତ୍ୟେକ ସ୍ତରରେ ଗୋପନୀୟତା ଏବଂ ଉଦ୍ୟୋଗ ବିଶେଷଜ୍ଞମାନେ ଉଠାଇ ଆସିଛନ୍ତି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗମାନ। ୨୦୧୯ରେ ପ୍ରଥମେ ଉପସ୍ଥାପିତ ହେବାପରେ ପରବର୍ତ୍ତୀ ସମୟରେ ତଥ୍ୟ ସୁରକ୍ଷା ବିଲରେ ଅନେକଗୁଡ଼ିଏ ସଂଶୋଧନ କରାଯାଇଛି। ସମ୍ପ୍ରତି ଏହି ବିଲଟି ବ୍ୟାପକ ପରିମାଣରେ ବୈଷୟିକ ନିୟମାବଳୀଗୁଡ଼ିକର ଏକ ବ୍ୟାପକ ଢ଼ାଞ୍ଚା ପ୍ରଦାନ କରିବାର ଉଦ୍ୟମ କରିଛି, ଯାହା ଆଇଟି ଆଇନ, ୨୦୦୦, ଟେଲି ଯୋଗାଯୋଗ ବିଲକୁ ହଟାଇ ଦେବା ଆଶା କରାଯାଉଛି। ସଙ୍ଗେ ସଙ୍ଗେ ଏହା ମଧ୍ୟ ଏକ ଅଣ-ବ୍ୟକ୍ତିଗତ ତଥ୍ୟ ପରିଚାଳନାର ନୀତି ଆଣିଦେବାର ଆଶ୍ୱାସନା ପ୍ରଦାନ କରୁଛି। ସାମ୍ପ୍ରତିକ ବିଲ୍ ତାର ଅଧିକାର ସହିତ ବ୍ୟକ୍ତିଗତ ତଥ୍ୟର ବ୍ୟବହାରକୁ ସୁରକ୍ଷିତ ରଖିବା ଏବଂ ପରିଚାଳନା କରିବା ନିମନ୍ତେ ବ୍ୟବହାରକାରୀମାନଙ୍କର କର୍ତ୍ତବ୍ୟ ଏବଂ ଦାୟିତ୍ୱଗୁଡ଼ିକୁ ନିର୍ଦ୍ଧାରିତ କରିଛି। ଏହି ବିଲ୍‌ଟି ସଂସଦରେ ପାରିତ ହୋଇଯିବା ପରେ ଏହା ଅନ୍ୟାନ୍ୟ ଦେଶମାନଙ୍କ ସହିତ ଭାରତର ବାଣିଜ୍ୟ ବ୍ୟବସାୟ କାରବାର ସମ୍ପର୍କିତ ବୁଝାମଣା କ୍ଷେତ୍ରରେ ଉଲ୍ଲେଖନୀୟ ଭୂମିକା ନିର୍ବାହ କରିବ। ତେଣୁ ସୂଚନା ଅଧିକାର କର୍ମୀମାନେ ଆପତ୍ତି ଉଠାଇଛନ୍ତି ଯେ ଏହି ଆଇନ୍ ସୂଚନା ଅଧିକାର ଆଇନକୁ କମ୍‌ଜୋର କରିଦେବ, ଯେହେତୁ ଏହା ରାଷ୍ଟ୍ରୀୟ ସୁରକ୍ଷା ଏବଂ ସର୍ବସାଧାରଣରେ ଆଇନ ଶୃଙ୍ଖଳା ରକ୍ଷା ଆଧାରରେ କେନ୍ଦ୍ର ସରକାର ଏବଂ ଏହାଙ୍କ ଏଜେନ୍ସିମାନଙ୍କୁ ତଥ୍ୟର ବ୍ୟବହାର କରିବାକୁ ଅବ୍ୟାହତି ପ୍ରଦାନ କରୁଛି। ସ୍ୱଚ୍ଛତା ରକ୍ଷାରେ ଅବନତି ଘଟିବା ହେଉଛି ଏହାର ଏକ ଅତ୍ୟଧିକ ପରିମାଣରେ ସମ୍ଭାବ୍ୟ ପରିଣତି। ଏହି ବିଲର ଅନ୍ୟ ଏକ ଚିନ୍ତା କରିବାର କ୍ଷେତ୍ର ହେଉଛି, ତଥ୍ୟର ବ୍ୟବହାରକୁ ନେଇ କୌଣସି ପ୍ରକାରର ବିବାଦ ଉପୁଜିଲେ, ସେ ସମ୍ପର୍କିତ ଦୁଇ ପକ୍ଷଙ୍କ ଅଭିଯୋଗକୁ ଶୁଣିବା ଏବଂ ତାର ସମାଧାନ କରିବା ପାଇଁ ପ୍ରତିଷ୍ଠା କରାଯିବାକୁ ଥିବା ତଥ୍ୟ ସୁରକ୍ଷା ବୋର୍ଡ଼ର ସଦସ୍ୟମାନଙ୍କ ନିଯୁକ୍ତିରେ କେନ୍ଦ୍ର ସରକାରଙ୍କ ନିୟନ୍ତ୍ରଣ। ଏହି ବୋର୍ଡ଼ ଯେହେତୁ ସବୁ ପ୍ରକାରର ଆପତ୍ତି ଅଭିଯୋଗର ଶୁଣାଣି କରିବ, ତେଣୁ ଏଥିରେ ସରକାରଙ୍କ ସମ୍ପୃକ୍ତି କୌଣସି ଦୃଷ୍ଟିରୁ ସ୍ପୃହଣୀୟ ନୁହେଁ, ବରଂ ନିରପେକ୍ଷ ସଦସ୍ୟମାନଙ୍କ ନିଯୁକ୍ତିର ବ୍ୟବସ୍ଥା ରହିବା ଉଚିତ୍ ବୋଲି କର୍ମୀମାନେ କୁହନ୍ତି, କାରଣ ଏହି ବୋର୍ଡ଼ରେ ମୁଖ୍ୟ କାର୍ଯ୍ୟନିର୍ବାହୀଙ୍କୁ କେନ୍ଦ୍ର ସରକାର ନିଯୁକ୍ତି ପ୍ରଦାନ କରିବେ ବୋଲି ବ୍ୟବସ୍ଥା ରହିଛି। ଏହାଦ୍ୱାରା ସରକାରୀ କର୍ମକର୍ତ୍ତାମାନଙ୍କର ଉତ୍ତରଦାୟିତ୍ୱ କମ୍ ହେବା ସହିତ ନ୍ୟାୟ ପ୍ରଦାନ କ୍ଷେତ୍ରରେ ଅସାଧୁ ପନ୍ଥା ଅବଲମ୍ବନ କରାଯିବାର ଆଶଙ୍କା କରାଯାଉଛି। କୁହାଯାଉଛି ଯେ ତଥ୍ୟ ସୁରକ୍ଷାର ଉଲ୍ଲଘଂନ ଏବଂ ଆକସ୍ମିକ ପ୍ରଘଟକୁ ପ୍ରତିରୋଧ କରିବା ପାଇଁ ରହିଥିବା ବ୍ୟବସ୍ଥାଗୁଡ଼ିକୁ ଏହା ଅଧିକ ସୁଦୃଢ଼ କରିବା ବ୍ୟତୀତ ତଥ୍ୟର ଅପବ୍ୟବହାର ପାଇଁ ବଡ଼ ବଡ଼ କମ୍ପାନୀ ବା ବିଗ୍ ଟେକମାନଙ୍କୁ ଆଇନର କାଠଗଡ଼ା ଭିତରକୁ ଆଣିବା ଏହାର ଲକ୍ଷ୍ୟ। ନିକଟ ଅତୀତରେ ଦିଲ୍ଲୀରେ କୃଷକମାନଙ୍କ ପ୍ରତିବାଦ, ଯାହା ସମଗ୍ର ଦେଶରେ ସେ ସମୟରେ ଚହଳ ସୃଷ୍ଟି କରିଥିଲା, ସେହି ସମୟରେ 'ଟୁଲକିଟ୍ ପ୍ରୋତ୍ସାହନ କ୍ଷେତ୍ରରେ ସାମାଜିକ ଗଣମାଧ୍ୟମ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିବା ନେଇ ହୋଇଥିବା ଅଭିଯୋଗ ପରିପ୍ରେକ୍ଷୀରେ ଏହା କରାଯାଇଥିବା କୁହାଯାଉଛି।

## ମୌସୁମୀର ଲୁଚକାଳି



### ସୌଭାଗ୍ୟ ରଂଜନ ମହାନ୍ତି

ଆମ ଦେଶରେ କୃଷି ଓ କୃଷକର ଜୀବନରେଖା ଭାବେ ପରିଚିତ ଦକ୍ଷିଣ-ପଶ୍ଚିମ ମୌସୁମୀର ଲୁଚକାଳି ଯୋଗୁଁ ଚଳିତ ବର୍ଷ ଆରମ୍ଭରୁ ରାଜ୍ୟରେ ମରୁଡି ଆଶଙ୍କା ସୃଷ୍ଟି ହୋଇଛି। ବର୍ଷାକୁ ଚାହିଁ ଚାହିଁ ଜୁଲାଇ ମାସର ପ୍ରଥମ ସପ୍ତାହ ଅତିକ୍ରମ କଲାଣି କିନ୍ତୁ ଲଗାଣ ବର୍ଷାର ଦେଖାନାହିଁ। ଚଳିତ ବର୍ଷ ଦେଶରେ ମୌସୁମୀ ବର୍ଷ ସ୍ୱଭାବିକ ଠାରୁ କମ୍ ରହିବା ନେଇ ଭାରତୀୟ ପାଣିପାଗ ବିଭାଗ (ଆଇଏମଡି) ଗତ ଏପ୍ରିଲ ମାସରେ ପୂର୍ବାନୁମାନ କରିଥିବାବେଳେ ପରବର୍ତ୍ତୀ ସମୟରେ ସ୍ୱଭାବିକ ବର୍ଷା ହେବା ନେଇ ଆକଳନ କରିଥିଲା। କିନ୍ତୁ ଆରମ୍ଭ ରୁ ହିଁ ବିକ୍ଷିପ୍ତ ମୌସୁମୀ ବର୍ଷା ଯୋଗୁଁ ଚାଷ କାର୍ଯ୍ୟ ପ୍ରଭାବିତ ହୋଇଛି। ସରକାରୀ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ରାଜ୍ୟର ୩୦ଟି ଜିଲ୍ଲା ମଧ୍ୟରୁ ୨୦ଟି ଜିଲ୍ଲାରେ ସ୍ୱଳ୍ପ ବୃଷ୍ଟିପାତ ହୋଇଛି। ୨୦ଟି ଜିଲ୍ଲାର ୨୧ଟି ବ୍ଲକ ନିଅଟିଂଆ ବର୍ଷାର ସମ୍ମୁଖୀନ ହୋଇଛି। ଯେଉଁଠି ବର୍ତ୍ତମାନ ସୁଦ୍ଧା ଚାଷ କାର୍ଯ୍ୟ ଆରମ୍ଭ ହୋଇନାହିଁ କି ଧାନ ବୁଣା ବୁଣି ଆରମ୍ଭ ହୋଇପାରିନାହିଁ। ସେହିପରି ତଳି ପାକ କାର୍ଯ୍ୟ ମଧ ହୋଇନାହିଁ।

ବର୍ତମାନ ସୁଦ୍ଧା ରାଜ୍ୟରେ ୨୮ପ୍ରତିଶତ ନିଅଟିଂଆ ବର୍ଷା ହୋଇଛି। ଆଗାମୀ ସପ୍ତାହକ ମଧରେ ଯଦି ପ୍ରଚୁର ବର୍ଷା ନହୁଏ, ତେବେ ଚାଷ ସ୍ଥିତି ସାଂଘାତିକ ହୋଇଯିବା ନେଇ ଚାଷୀ ଆଶଙ୍କା ପ୍ରକାଶ କଲେଣି। କେବଳ ଧାନ ନୁହେଁ ଅଣ ଧାନ ଫସଲ ମଧ ଗୁରୁତ୍ୱର ଭାବେ ବ୍ୟାହତ ହେବ। କୃଷି ବିଭାଗର ସୂଚନା ଅନୁଯାୟୀ ଚଳିତ ବର୍ଷ ରାଜ୍ୟରେ ମୋଟ ୬ଲକ୍ଷ ୮୦ହଜାର ୨୪୬ ହେକ୍ଟର ଜମିରେ ଚାଷ କାର୍ଯ୍ୟ ହୋଇଛି। ରାଜ୍ୟର ଭାତହାଣ୍ଡି ଭାବେ ପରିଚିତ କଳାହାଣ୍ଡି ଜିଲ୍ଲାରେ ବର୍ତମାନ ସୁଦ୍ଧା ୬୬ପ୍ରତିଶତ ନିଂଅଟିଆ ବର୍ଷା ହୋଇଥିବାରୁ ଭାତହାଣ୍ଡି ପ୍ରତି ଶକ୍ତ ଧକ୍କା ଲାଗିବା ଆଶଙ୍କାକୁ ଏଡାଇ ଦେଇ ହେଉନାହିଁ। କେବଳ କଳାହାଣ୍ଡି ନୁହେଁ, କନ୍ଧମାଳରେ ୬୬ପ୍ରତିଶତ, ରାୟଗଡାରେ ୨୫ପ୍ରତିଶତ, ମୟୂରଭଞ୍ଜରେ ୫୪%, ଗଂଜାମରେ ୪୭%, ବାଲେଶ୍ୱରରେ ୪୫%, ବଲାଙ୍ଗୀରରେ ୪୩%, ପୁରୀରେ ୪୨%, ଖୋର୍ଦ୍ଧାରେ ୩୯%, ଜଗତସିଂହପୁରରେ ୩୮%, କଟକରେ ୩୮%, ନୟାଗଡରେ ୪୧% ବର୍ଷା କମ ହୋଇଛି। ସପ୍ତାହକ ମଧରେ ଯଦି ଭଲ ବର୍ଷା ନହୁଏ, ତେବେ ଯେଉଁଠି ଧାନ ବୁଣା ହୋଇଛି, ଗଜା ମରୁଡି ନିଶ୍ଚିତ ବୋଲି କୃଷି ବିଶାରଦମାନେ ମତ ଦେଇଛନ୍ତି। ଏହା ସତ୍ୟ ଯେ, ବନ୍ୟା, ବାତ୍ୟା, ମରୁଡି ହେଉଛି ଓଡିଶାରେ ଚୀର ସହଚର। ଗତ ୨୦୧୬ ମସିହାରେ ରାଜ୍ୟରେ ମରୁଡି ହୋଇଥିବାବେଳେ ଭଲବର୍ଷା ଯୋଗୁଁ ଗତ ୭ବର୍ଷ ଧରି ରାଜ୍ୟରେ ମରୁଡି ହୋଇନଥିଲା। ଫଳସ୍ୱରୂପ ଓଡିଶା ଦେଶରେ ଚାଉଳ ଉତ୍ପାଦନରେ ତୃତୀୟ ବଳକା ରାଜ୍ୟରେ ମାନ୍ୟତା ହାସଲ କରିଛି। କିନ୍ତୁ ଚଳିତ ବର୍ଷ ମୌସୁମୀ ବର୍ଷା ସ୍ୱଭାବିକ ରହିବା ନେଇ ପାଣିପାଗ ବିଶାରଦମାନେ ପୂର୍ବାନୁମାନ କରିଥିବାବେଳେ ଏଲ-ନିନୋର ପ୍ରଭାବରେ ରାଜ୍ୟରେ ମରୁଡି ପରିସ୍ଥିତି ସୃଷ୍ଟି ହେବା ଆଶଙ୍କା ଅମୂଳକ ନୁହେଁ ବୋଲି କୁହାଯାଇଛି। ରାଜ୍ୟରେ ୪୦ପ୍ରତିଶତ ଜମି ଜଳସେଚିତ ହୋଇଥିବାବେଳେ ଅବଶିଷ୍ଟ ୬୦ପ୍ରତିଶତ ଜମି ଅଣଜଳସେଚିତ। ସେହିପରି ରାଜ୍ୟର ପ୍ରଧାନ ଫସଲ ଧାନ ଫସଲ ହୋଇଥିବାବେଳେ ରାଜ୍ୟ ଠାରୁ ଆରମ୍ଭ କରି ଧାନ ଧୋଡ ଧରିବା ପର୍ଯ୍ୟନ୍ତ ଅଧିକ ଜଳ ଆବଶ୍ୟକ କରିଥାଏ। ଆସନ୍ତା ଅକ୍ଟୋବର ମାସଠାରୁ ରାଜ୍ୟରେ ଏଲ-ନିନୋର ପ୍ରଭାବରେ ବର୍ଷାରେ ଅନିୟମିତତା ଦେଖାଦେବା ସମ୍ଭାବନା ରହିଛି। ଏଲ-ନିନୋର ପ୍ରଭାବରେ ବର୍ଷାରେ ଅନିୟମିତତା ଦେଖାଦେବା ସମ୍ଭାବନା ରହିଛି। ଏଲ-ନିନୋ ପ୍ରଭାବରେ ନିଅଟିଂଆ ତଥା ଅନିୟମିତ ମୌସୁମୀ ବର୍ଷା।ଯୋଗୁଁ ଅଣଜଳସେଚିତ ଜମିରେ ତଥା ଅଂଚଳରେ ମରୁଡି ପରିସ୍ଥିତି ଉପୁଜିବା ସମ୍ଭାବନାକୁ ଏଡାଇ ଦିଆଯାଇନପାରେ। କେବଳ ଅଣଜଳସେଚିତ ନୁହେଁ, ଜଳସେଚିତ ଜମିରେ ଅନୁରୂପ ମରୁଡି ଅବସ୍ଥା ଦେଖାଦେଇପାରେ। ଏଲ-ନିନୋ ପ୍ରଭାବରେ ଜଳ ଭଣ୍ଡାର ଗୁଡିକର ସ୍ଥିତି ମଧ ବିଗିଡିଯାଇପାରେ। ଯାହାର ପରିଣତି ସ୍ୱରୂପ ଜଳସେଚନ ବନ୍ଦ ହେବା ନିଶ୍ଚିତ। ଅକ୍ଟୋବର ମାସ ବେଳକୁ ଏଲ-ନିନୋର ପ୍ରଭାବରେ ଉଭୟ ଖରିଫ ଓ ରବି ଫସଲ କ୍ଷତିଗ୍ରସ୍ତ ହେବା ରହିଛି। କେବଳ ଏତକି ନୁହେଁ, ଏଲ-ନିନୋର ପ୍ରଭାବରେ ମୌସୁମୀ ଶୀଘ୍ର ପ୍ରତ୍ୟାବର୍ତନ କରିପାରେ। ଚଳିତବର୍ଷ ଭାରତୀୟ ଚାଷ ଓ ଚାଷୀଙ୍କ ପାଇଁ ଏକ ସଂକଟ ତଥା ଆଶଙ୍କା ପୂର୍ଣ୍ଣ ବର୍ଷ ହେବାକୁ ଯାଉଛି, ଏଥିରେ ସନ୍ଦେହ ନାହିଁ। ଆଇଏମଡିର ସୂଚନା ଅନୁଯାୟୀ ଚଳିତ ବର୍ଷ ପୂର୍ବ ବର୍ଷ ଗୁଡିକ ପରି ମୌସୁମୀ ବର୍ଷା ସ୍ୱଭାବିକ ରହିବ ବୋଲି ଯେଉଁ ଆକଳନ କରାଯାଇଥିଲା, ତାହା ନିଶ୍ଚିତ ଭାବରେ ଉଭୟ ଚାଷ ଓ ଚାଷୀଙ୍କ ପାଇଁ ଏକ ସୁଖଦ ଖବର ଥିଲା। ମାତ୍ର ଏବେ ଆମେରିକାର ଜାତୀୟ ପରିବେଶ ପୂର୍ବାନୁମାନ କେନ୍ଦ୍ର ପକ୍ଷରୁ ବିଶ୍ୱ ତାପମାତ୍ରା ବୃଦ୍ଧି ଓ ଏଲ-ନିନୋର ପ୍ରଭାବ ନେଇ ଯେଉଁ ଭବିଷ୍ୟବାଣୀ କରାଯାଇଛି, ତାହା ନିଶ୍ଚିତ ଭାବେ ଚିନ୍ତାଜନକ। ବିଶ୍ୱତାପମାତ୍ରା ବୃଦ୍ଧି ଏବଂ ଏଲ-ନିନୋର ପ୍ରଭାବକୁ ଦୃଷ୍ଟି ରାଜ୍ୟର କୃଷି ଓ କୃଷକଙ୍କ ପାଇଁ ଚିନ୍ତା କରିବା ପାଇଁ ଏବେ ସମୟ ଆସିଛି। କୃଷି, ପାଣିପାଗ ବିଶାରଦ ଓ ରାଜ୍ୟ ସରକାର ମିଳିତ ଭାବେ ପଦକ୍ଷେପ ଗ୍ରହଣ କରିବା ଜରୁରୀ। ଚାଷ ହୁଡିଲେ କେବଳ ଚାଷୀ କ୍ଷତିଗ୍ରସ୍ତ ହେବ ନାହିଁ, ଦେଶର ଅର୍ଥନୀତି ଉପରେ ଏହା ପ୍ରଭାବ ପକାଇବ। କହିବା ବାହୁଲ୍ୟ ଯେ ୨୦୨୦ରେ ତାଲାବନ୍ଦ ବେଳେ ଦେଶର ଅର୍ଥନୀତି ନିମ୍ନମୁଖୀ ହୋଇଥିବାବେଳେ କୃଷି କ୍ଷେତ୍ରରେ ହିଁ କେବଳ ଅଭିବୃଦ୍ଧି ବୃଦ୍ଧି ପାଇଥିଲା। ଚାଷ ଓ ଚାଷୀଙ୍କୁ ସୁରକ୍ଷିତ ରଖିବା ପାଇଁ ରାଜ୍ୟ ସରକାର ବେଳହୁଁ ସାବଧାନ ହେବେ ବୋଲି ଆମର ଆଶା।

+ସମ୍ମାନ ଭବନ,
ପ୍ଲଟ ନଂ-୫୮/୩୫୮୧,
ଗାଙ୍ଗୋତ୍ରୀ ନଗର,
ରୋଡ ନଂ-୩,
ଶିଶୁପାଳଗଡ,-୭୫୧୦୦୨
ମୋ:୯୪୩୭୯୯୪୩୭୯

## ଗିରି ଗୋବର୍ଦ୍ଧନ ପୂଜା

### ଶରତ କୁମାର ସାହୁ



ଗୋବର୍ଦ୍ଧନ ପର୍ବତ ମଥୁରା ନିକଟରେ ଅବସ୍ଥିତ । ଦୀପାବଳି ପର ଦିନ ଏଠାରେ ଗୋବର୍ଦ୍ଧନ ପୂଜା ଉତ୍ସବ ଅନୁଷ୍ଠିତ ହୁଏ । ଗୋବର୍ଦ୍ଧନ ପୂଜା ସମୟରେ ଏଠାକୁ ପ୍ରବଳ ଜନସମାଗମ ହୋଇଥାଏ । ଭକ୍ତ ଶ୍ରଦ୍ଧାଳୁମାନେ ଭଗବାନ ଶ୍ରୀକୃଷ୍ଣଙ୍କୁ ପୂଜା ଆରାଧନା କରିବା ସହ ଗୋବର୍ଦ୍ଧନ ପର୍ବତ ଚାରିପଟେ ପରିକ୍ରମା କରିଥାନ୍ତି । ଭଗବାନ ପବିତ୍ର ପର୍ବତ ଉଦ୍ଦେଶ୍ୟରେ ନାନା ଖାଦ୍ୟ ଦ୍ରବ୍ୟ ଭୋଗ ଆକାରରେ ଅର୍ପଣ କରିଥାନ୍ତି । କିମ୍ବଦନ୍ତୀ ଅନୁଯାୟୀ ବ୍ରଜବାସୀମାନେ ବର୍ଷା ତଥା ଉତ୍ତମ ଜଳବାୟୁ ପାଇଁ ଦେବରାଜ ଇନ୍ଦ୍ରଙ୍କୁ ପ୍ରାର୍ଥନା କରି ବିଫଳ ହୁଅନ୍ତେ କୃଷ୍ଣ ପରାମର୍ଶ ଦେଲେ ଇନ୍ଦ୍ରପୂଜା ଛାଡ଼ି ଗୋବର୍ଦ୍ଧନ ପୂଜା ଆରମ୍ଭ କରିବା ପାଇଁ। ଏହା କ୍ରୋଧିତ କଲା ଦେବରାଜଙ୍କୁ ଏବଂ ସେ କ୍ରମାଗତ ଭାବେ ବର୍ଷି ଚାଲିଲେ । ଆସିଲା ପ୍ରଳୟଙ୍କର ବନ୍ୟା । ଉଦ୍ଧତ ଇନ୍ଦ୍ରଙ୍କୁ ଶିକ୍ଷା ଦେବା ପାଇଁ ପ୍ରଭୁ ଶ୍ରୀକୃଷ୍ଣ ନିଜ ଅଙ୍ଗୁଳିରେ ଉଠାଇ ଧରିଲେ ଗୋବର୍ଦ୍ଧନ ପର୍ବତକୁ ଏବଂ ତା ତଳେ ଆଶ୍ରୟ ନେଲେ ମଣିଷ ଓ ଜୀବକୁଳ। ଇନ୍ଦ୍ରଙ୍କ ଦର୍ପ ଚୂର୍ଣ୍ଣ ହେଲା । ସେହିଦିନ ଠାରୁ କୃଷ୍ଣଙ୍କ ଉପଦେଶ କ୍ରମେ ସେଠାରେ ଗୋବର୍ଦ୍ଧନ ପୂଜା ହୋଇ ଆସିଅଛୁ। ଭକ୍ତମାନେ ସେଠାରେ ଏତେ ପରିମାଣର ଭୋଗ ଲଗାଇଥାନ୍ତି ଯେ ତାହା ଜମି ଜମି ପାହାଡ଼ ସୃଷ୍ଟି ହୋଇଥିବା ଜନଶ୍ରୁତି କୁହେ । ଏହାକୁ କୁହାଯାଏ 'ଅନ୍ନକୁଟ' ବା ଖାଦ୍ୟର ପର୍ବତ । ତ୍ରେତୟାର ଶ୍ରୀରାମ ଅବତାର ସହ ସଂଶ୍ଳିଷ୍ଟ ସେତୁବନ୍ଧ ନିର୍ମାଣ ସମୟରେ ମର୍କଟ ସେନା ହିମାଳୟରୁ ପଥର ଖଣ୍ଡ ଆଣି ବନ୍ଧ ତିଆରି କରୁଥିଲେ। ନିର୍ମାଣ ଶେଷ ହେବାରୁ ଭଗବାନ ରାମ ଆଦେଶ ଦେଲେ ଆଉ ପଥରର ଆବଶ୍ୟକତା ନାହିଁ। ଯିଏ ଯେଉଁ ପଥର ଆଣିଛି ସେହିଠାରେ ସ୍ଥାପନ କରି ଦିଅନ୍ତୁ। ଗୋବର୍ଦ୍ଧନ ପାହାଡ଼ ପ୍ରଭୁଙ୍କ କାର୍ଯ୍ୟରେ ନଲାଗିବାରୁ କ୍ରନ୍ଦନ କଲା। ଶ୍ରୀରାମ ଆଶ୍ୱସନା ଦେଇ କହିଲେ ଦ୍ୱାପର ଯୁଗରେ ତୁମକୁ ମୁଁ ମୋ ପବିତ୍ର କାର୍ଯ୍ୟରେ ଲଗାଇବି। ସେହି ଘଟଣା ଦ୍ୱାପରରେ ଏପରି ଘଟିଲା। ଏହା ହିନ୍ଦୁ ମାନଙ୍କର ଏକ ପବିତ୍ର କ୍ଷେତ୍ର।

+ଉପକରଣ ହାଉସ,
ଚଣ୍ଡୀଖୋଲ, ଯାଜପୁର,
ମୋ : ୯୪୩୭୦୫୧୫୪୩

## ଉଚ୍ଚ ଶିକ୍ଷା ବିଭାଗ ୫-ଟିର ନଜରରେ ବାହାରେ କି ?

### ସୁବ୍ରତ କର



ସର୍ବ ଭାରତୀୟ ସ୍ତରରେ ହେଉ ବା ରାଜ୍ୟରେ ହେଉ ଉଚ୍ଚ ଶିକ୍ଷିତ ପିଲା ବାହାର କରିବାର ଦାୟିତ୍ୱ ହେଉଛି ଉଚ୍ଚ ଶିକ୍ଷିତ ବିଭାଗର, କିନ୍ତୁ ଦୁଃଖର ବିଷୟ ଯେ ସେ ସରକାର ହେଉ ବା ବିଭାଗଗ ଏହା ଉପରେ ବିଶେଷ ଗୁରୁତ୍ୱ ଦେଉନାହାନ୍ତି। ଆମ ରାଜ୍ୟରେ ପ୍ରାୟ ୧୨୭୫ଟି କଲେଜ ଅଛି। ଏହା ଭିତରୁ ସରକାରୀ ଡିଗ୍ରୀ କଲେଜର ସଂଖ୍ୟା ୪୪ ଏବଂ +୩ ସରକାରୀ କଲେଜ ଗୁଡ଼ିକରେ ଖାଲିଥିବା ଶିକ୍ଷକ ପଦର ସଂଖ୍ୟା ପ୍ରାୟ ୮୦୦। ବିଶ୍ୱ ବିଦ୍ୟାଳୟ ମାନଙ୍କର କଥା ନ କହିଲେ ଭଲ। ସରକାରୀ ଆନୁମାନିକ ଭାବେ ଆମେ ହିସାବ କରିଲେ ପ୍ରାୟ ୫୦ ଭାଗ ଶିକ୍ଷକ ପଦ ବିଭିନ୍ନ ସ୍ତରରେ ଖାଲି ପଡ଼ିଛି। ଖାଲି ଶିକ୍ଷକ ପଦ ନୁହ ଆଗେ ଶିକ୍ଷକ ପଦ ମଧ୍ୟ ସେହି ପ୍ରକାର ଅବସ୍ଥାରେ ରହିଛି। ୨୦୧୬ ମସିହାରୁ + ୨ କଲେଜକୁ ଅଲଗା କରିବା ପ୍ରକ୍ରିୟା ଆରମ୍ଭ ହୋଇଛି ସତ କିନ୍ତୁ ଏ ପର୍ଯ୍ୟନ୍ତ ଚୂଡ଼ାନ୍ତ ପର୍ଯ୍ୟାୟରେ ପହଂଚି ପାରିନାହିଁ। ପ୍ରଚୁର ଟଙ୍କା ସରକାରଙ୍କ ତରଫରୁ ଖର୍ଚ୍ଚ କରି କଲେଜର ଭିତ୍ତିଭୂମି ବିକାଶ କରିବାପାଇଁ ପଦକ୍ଷେପ ନିଆହୋଇଛି ସତ କିନ୍ତୁ ପାଠ ପଢ଼ାଇବା ପାଇଁ ଶିକ୍ଷକଙ୍କର ପ୍ରଚୁର ଅଭାବ। ପୁଣି ଏ ଅଭାବ କେବେ, କେମିତି ଦୂର ହୋଇପାରିବ ତାର ମଧ୍ୟ ସଠିକ୍ ଉତ୍ତର ଉଚ୍ଚ ଶିକ୍ଷା ବିଭାଗଠାରେ ନାହିଁ। ପିଲା ଉଚ୍ଚଶିକ୍ଷିତ ଏବଂ ଯୋଗ୍ୟ ହୋଇ ବାହାରିଲେ ତ ଶିକ୍ଷକ ପଦବୀ ଗୁଡ଼ିକ ଠିକ୍ ଭାବରେ ପୂରଣ ହୋଇପାରିବ। ଏଥିରୁ ଆମ ରାଜ୍ୟରେ ଥିବା ପ୍ରାୟ ୧୫ଟା ମେଡିକାଲ କଲେଜ ଏବଂ ସ୍କୁଲମାନଙ୍କର ଅବସ୍ଥା ମଧ୍ୟ ନକହିଲେ ଭଲ। ଯେ କୌଣସି ସରକାରୀ ମେଡିକାଲ କଲେଜ ଦେଖନ୍ତୁ ସବୁଠି ବିଭିନ୍ନ ବିଭାଗରେ ପ୍ରଫେସର, ଏସୋସିଏଟ ପ୍ରଫେସର ଏବଂ ଏସିଷ୍ଟାଣ୍ଟ ପ୍ରଫେସର ପଦବି ଗୁଡ଼ିକ ଖାଲି ପଡ଼ିଛି। ସାଧାରଣ କଲେଜ ବା ସ୍କୁଲ ମାନଙ୍କରେ କୌଣସିମତେ କିଛି କିଛି ଅତିଥି ଅଧ୍ୟାପକ ଏବଂ ଶିକ୍ଷକଙ୍କ ଦ୍ୱାରା ଚଳେଇବାର ଚେଷ୍ଟା ଚାଲିଛି ସତ କିନ୍ତୁ ଏହା ସେମିତି ସଫଳ ହେବାର ଦେଖାଯାଇନାହିଁ। ଏବେ ଅତିଥି ଶିକ୍ଷକ ସରକାର ରଖିବାପରେ ବ୍ୟସ୍ତ । କିନ୍ତୁ ଶିକ୍ଷକ ତିଆରି କରିପାରନ୍ତା ନିଶ୍ଚିତ ଭାବରେ ପାଠ ପଢୁଥିବା ପିଲାମାନେ ଜାତୀୟ ସ୍ତରରେ ଆହୁରି ଫଳପ୍ରଦ ହୋଇ ପାରନ୍ତେ ଏବଂ ବହୁତ ଉଚ୍ଚ ଶିକ୍ଷିତ ପିଲାମାନେ ନିଜ ରାଜ୍ୟରେ ଚାକିରୀ ପାଇପାରନ୍ତେ। ଏମିତି କେତେଦିନ ଅତିଥି ଶିକ୍ଷକରେ ଚଳେଇବେ ଏବଂ ବହୁତ ଯୋଗ୍ୟ ଉଚ୍ଚ ଶିକ୍ଷିତ ବ୍ୟକ୍ତି ବେକାର ହୋଇ ଘୁରି ବୁଲିବେ? ଯଦି ସବୁ କ୍ଷେତ୍ରରେ ରାଜ୍ୟ ସରକାରଙ୍କ ୫-ଟିର ନଜର ଅଛି ଏବଂ ଭଲ ଆଡ଼କୁ ନେବାର ଚେଷ୍ଟା ଜାରି ରହିଛି ତେବେ ଉଚ୍ଚ ଶିକ୍ଷା ବିଭାଗ କାହିଁକି ପଛରେ ପଡ଼ିବ? ସରକାର ଯଥାଶୀଘ୍ର ଏହାପାଇଁ ବ୍ୟବସ୍ଥା କରିବା ଉଚିତ୍ ଏବଂ ଅତିଥି ଶିକ୍ଷକ ବ୍ୟବସ୍ଥାକୁ ଉଠାଇଦେବାର ନିହାତି ଆବଶ୍ୟକ ରହିଛି।




### ଜୀବନ ଗଣିତ

**ସୁନନ୍ଦା ମହାନ୍ତି**

ଜୀବନ ଗଣିତ କରୁ କରୁ
ଯୁଗ୍ମ ଅଯୁଗ୍ମର ସଂଖ୍ୟା
ଜୀବନ ଗଣିତ କଷୁ କଷୁ
ଯୌଗିକ ଭଗ୍ନାଂଶ ବାଖ୍ୟା
ଜୀବନ ହରଣ ହରୁ ହରୁ
ଭାଗଶେଷ ଭଗଫଳ ଶିକ୍ଷା
ଜୀବନ ଗୁଣନ ଗୁଣୁ ଗୁଣୁ
ଲବ ସାଥେ ହର ଦୀକ୍ଷା
ଜୀବନ ମିଶାଣ କରୁ କରୁ
ଜୀବନେ କେତେ ପରୀକ୍ଷା
ଜୀବନ ଫେଡ଼ାଣ ଫେଡୁ ଫେଡୁ
ଜୀବନ ବିବିଧତା ତିତିକ୍ଷା
ଜୀବନ ଜ୍ୟାମିତି ବୃତ୍ତ ପରିମିତି
ବ୍ୟାସ ଜ୍ୟା ଚାପ ସମୀକ୍ଷା
ଜୀବନ ବୃତ୍ତାନ୍ତ ଭିତରେ ଗଣିତ
ଆଣେ ସାହିତ୍ୟ ସୁରକ୍ଷା
ଗଣିତରେ ସାହିତ୍ୟ ଉପକ୍ରମଣିକା
ଉପସଂହାର ପକ୍ଷ ପକ୍ଷା ଚରଖା
ଜୀବନ ଗଣିତ ଜନ୍ମରୁ ଜୁଇ
ଦେଇଥାଏ ନୀତିଶିକ୍ଷା
ଜୀବନ ଗଣିତ ସରଳ ସମାଧାନ
ଜଗନ୍ନାଥଙ୍କୁ ଖାଲି ଅପେକ୍ଷା
ଜୀବନ ଗଣିତ ଅମୂଳ ମୂଳ
ଧୂପ ଝୁଣା ନୈବେଦ୍ୟ ଦୀପ ଶିଖା
ଜୀବନ ଗଣିତ କହେ ସଦା ସତ
ନଶ୍ୱର ଦେହ ଈଶ୍ୱର ନେଲେ ଆଉକି
ହେବ ଏ ଜୀବନେ ଦେଖା
ମିଛ ସବୁ ଗାଣିତିକ ସମୀକରଣ ସୂତ୍ର
ଇର୍ଷା ରାଗ ଦ୍ୱେଷ ପ୍ରତାରଣା ଧୋକା।

+ସାକ୍ଷୀଗୋପାଳ, ପୁରୀ
ମୋ: ୯୦୪୦୯୭୭୩୨୭

### ମୌସୁମୀ ତୁମେ ଛୁଇଁଦେଲେ ଥରେ

**ବାଉରିବନ୍ଧୁ ଲେଙ୍କା**



ବକ୍ଷେ ତୁମ ଘନ କୃଷ୍ଣ
ମେଘମାଳା ଦେଖି ,
ଭୁଲିଯାଏ ନିଦାଘର
ଅସହ୍ୟ ଯାତନା,
ଇଚ୍ଛାହୁଏ— ତୁମେ ମୋତେ
ଛୁଇଁବା ପୂର୍ବରୁ
ବାନ୍ଧି ମୁଁ ରଖନ୍ତି ତୁମକୁ
ମୋ ନିବିଡ ବାହୁବନ୍ଧନରେ ?

ହେ ପ୍ରିୟ ମୌସୁମୀ !—
ପ୍ରତୀକ୍ଷାର ପ୍ରତିଟି ମୁହୂର୍ତ୍ତ
ଲାଗେ ସତେ ଶତ ଯୁଗ ପରି
ନିରସ ଉଷର ରୁକ୍ଷ ଲାଗେ
ଏ ଶରୀର
ତୁମ ପଥ ଚାହେଁ ଝୁରି ଝୁରି ?

ତୁମେ ଛୁଇଁଦେଲେ ଥରେ
ହୁଏ ମୁହିଁ ସୁଜଳା ସୁଫଳା
ଛାଇଯାଏ ସବୁଜିମା ଅଙ୍ଗେ
ଆନନ୍ଦେ ମୁଁ ହୁଏ ଉର୍ଜସ୍ୱଳା ?
ମୋ ବକ୍ଷେ ତଟିନୀ ଧାଏଁ
କ୍ଷିପ୍ର ବେଗେ ସାଗର ସଙ୍ଗମେ,
ନିର୍ଝରିଣୀ ଝରି ଯାଏ
ଝର ଝର ହୋଇ
ସୁର ତୋଳି କୁଳୁ କୁଳୁ ତାନେ ?

ରକ୍ତ ପ୍ରାୟ ତୁମ ବୃଷ୍ଟି ବାରି
ସତେକି ମୋ ଧମନୀ ଓ
ଶିରା ପ୍ରଶିରାରେ
ଧାଉଁଛନ୍ତି କ୍ଷିପ୍ର ବେଗେ
ତଟିନୀ ପରାୟେ
ମିଶିବାକୁ ମୋ ହୃଦ ସାଗରେ ?

ତୁମ ସ୍ପର୍ଶେ ସୁବାସିତା ହୁଏ,
ଯୂଇ ଜାଇ କେତକୀ ମହକେ
ସଜ ହୁଏ ନବବଧୂ ବେଶେ
ନେଇ ଇନ୍ଦ୍ରଧନୁ ସପ୍ତରଙ୍ଗ
ଆଉ ଚପଳାର ସ୍ୱର୍ଣ୍ଣାଭ ଚମକେ ?

ତୁମେ ଆସିଗଲେ ପାଶେ
ଭୁଲିଯାଏ ବିରହ ବେଦନା
ତୁମ ପ୍ରୀତି ଅଙ୍ଗ ସଙ୍ଗ ଲଭି
ଆରମ୍ଭଇ ନୂତନ ସର୍ଜନା ?
ମୋ ବକ୍ଷୋଜ ସମ ଶୈଳ ଶ୍ରେଣୀ
ପୂର୍ଣ୍ଣ ଯହିଁ ଘନ ଅରଣ୍ୟାନୀ,
ତୁମ ସ୍ପର୍ଶେ ଶ୍ୟାମଳ ସବୁଜ,
ସୌନ୍ଦର୍ଯ୍ୟ ତା ମନ ନିଏ କିଣି ?

ତୁମ ପାଇଁ ସାଜେ ମୁଁ ଶୃଙ୍ଗାର
ନାନା ବିଧ ପୁଷ୍ପ ଆଭୂଷଣେ
ଢାଳିଦେଇ ପ୍ରୀତି ବାରି ତୁମେ
ଚାଲିଯାଅ ଦୁଃଖ ଦେଇ ମନେ ?

ଯିବ ଯଦି କଥା ଦେଇଯାଅ
ଯଥା କାଳେ ଫେରିବ ନିଶ୍ଚିତ
ନ ଫେରିଲେ ତୁମ ବିନା ପ୍ରିୟ
ଆସିବନି ଶରତ ବସନ୍ତ ?

+ ଦି ପର୍ଲ ରେସିଡେନ୍ସି ,
ଦୁର୍ଗାମାଧବ ନଗର।
ଭୁବନେଶ୍ୱର
ମୋ: ୯୮୫୩୫୩୫୮୪୪

### ମୋ ଜୀବନେ ଆସିନି ପୂର୍ଣ୍ଣଚ୍ଛେଦ

**ବୈଷ୍ଣବ ମେହେର**

ହେବାକୁ ଚାହେଁନି...
ମୃତ୍ୟୁ ପଥଗାମୀ, ସତ ଏହା...
ଶୂନ୍ୟରେ ଆସିଥିଲି ।

କିନ୍ତୁ;
ବୟସର ତାଳେ ତାଳେ...
ସମୟ ସୁଅରେ...
ଗଡ଼ି ଚାଲିଛି...ଜୀବନ ଗାଡ଼ି ।

ଆଉ...
ପାଇବାକୁ ଅଛି ଅନେକ,
ସ୍ୱପ୍ନମାନେ ବି ଜାଗୃତ,
ମୋ ଜୀବନେ...ଆସିନି ପୂର୍ଣ୍ଣଚ୍ଛେଦ ।

ନରମି ଯାଇନି...
ସ୍ନାୟୁର ରକ୍ତ, ପୂର୍ବ ପରି...
ଆଜିବି ସତେଜ ।

ପାର୍ଥକ୍ୟ ଏତିକି...
ଦୁନିଆ ଆଗରେ...
ବଢି ଯାଇଛି...
ମୋ ବୟସ ।

ବୟସ ମାତ୍ର...
ଅଙ୍କ ଭଳି,
ମନପକ୍ଷୀ ଖୋଜେ...
ଭାବର ପୀରତି ।

ବିଶ୍ୱାସର କୋଠାଘରେ...
ଅବିଶ୍ୱାସର ସିନ୍ଦୁକ,
ସତରେ ଲାଗେ...
କିଏ ଜଣେ...
କାଟିଦେଇଛି ପର ।

ଅଧା ସ୍ୱପ୍ନମାନଙ୍କୁ...
ସଫଳ କରିବାକୁ...
ଅଛି କ୍ଷମତା ମୋର,
କାହିଁକିନା... ମୋ ଜୀବନେ...
ଆସିନି ପୂର୍ଣ୍ଣଚ୍ଛେଦ ।

+ ଗଣ୍ଡାବାହାଲ, ନୂଆପଡା
(ମୋ) ୬୨୬୪୩୦୫୦୦୩



ଲଳିତ ମୋହନ ମିଶ୍ର

# ସ୍ମୃତିର ସ୍ୱାକ୍ଷର

ଯେମିତି ସମୟ ସ୍ରୋତରେ ସେତେ ଝଡ ଆସିଲେ ମଧ ଲିଭେଇ ପାରେନି ସ୍ମୃତିର ଦୀପ । ସେମିତି ଜୀବନ ସାଗରରେ ଯେତେ ଢେଉ ଆସିଲେ ମଧ ଧୋଇ ଦେଇ ପାରେ ନାହିଁ ସ୍ମୃତିର ସ୍ତୁପ । ସମୟର ଋତୁ ଚକ୍ରରେ ସବୁ ପରିବର୍ତ୍ତନ । ସ୍ମୃତି କେବେ ଭଙ୍ଗା ସିଲଟରେ ଲେଖା ଯାଇଥିବା ଅକ୍ଷର ଭଳି ଗୋଟିଏ ଘାଉ ନୁହେଁ । ସ୍ମୃତି ସଦାସର୍ବଦା ଜୀବନ୍ତ ଏବଂ ମଧୁର, ସ୍ମୃତି ହୃଦୟରେ ସାଇତି ରଖିଥିବା ଗୀତଟିଏ ମିଠଟିଏ । ମନେ ପଡେ ସେଦିନର କଥା । ରଜ ପର୍ବ ପାଇଁ ଯାଇଥାଏ ମାମୁଁ ଘରକୁ । ରଜ ଦୋଳି ଖେଳୁ ଥିବା ସମୟରେ ହଠାତ୍ ତୁମ ଉପରେ ନଜର ପଡିଲା । ତୁମର ସେ ପୁରିଲା ଢଳ ଢଳ ରୂପ ଯୌବନ । ସରଳ ନୀରିହ ଚାହାଣୀ । ଆଖିରେ ଏକ ପ୍ରକାର ଯାଦୁ । ପ୍ରଥମ ଦେଖାରେ ତୁମେ ମନ କିଣିନେଲ । କଳାଜାଇ ଫଶା ପରି ତୁମର ସେ ଲହ ଲହ ଲମ୍ୱା ବେଣୀ । ମନକୁ ମୋର ମନ୍ତ୍ରମୁଗ୍ଧ କରି ନେଇଥିଲା । ତୁମର ସେହି ନୀରିହ ଚାହାଣୀରେ ଏବେ ବି ପାରିଥିଲି ଏ ଦୁନିଆ । ଯେଉଁ ଦୁନିଆରେ ଭରି ରହିଥିଲା ପ୍ରେମର ଗୋଲାପ, ସ୍ନେହର ମହକ ତରଙ୍ଗାୟିତ ଢେଉ ଓ ବିଶ୍ୱାସର ନୀଳ ସବୁଜିମା ଭରା ଉଦ୍ୟାନ । ସେତେବେଳେ ହିଁ ମୁଁ ନିଜକୁ ସମର୍ପି ଦେଲି ତୁମରି ପାଖରେ । ହୃଦୟର ଗଭୀରତମ ପ୍ରଦେଶରେ ତୁମେ ସଦାସର୍ବଦା ପାଇଁ ରହିଗଲ । ପ୍ରଥମ ଦେଖାରେ ଗଢି ସାରିଥିଲି ଜନ୍ମ ଜନ୍ମାନ୍ତରର ସମ୍ପର୍କ । ପ୍ରଥମ ଦେଖା ପ୍ରଥମ କଥାରେ ଲାଗିଥିଲ ଅତି ଆପଣାର । ଲାଗୁଥିଲା ଯେମିତି ଆମେ ଦୁହେଁ ପୂର୍ବରୁ ଅତି ପରିଚିତ । ସନ୍ଧ୍ୟାରେ ସେଦିନ ନୁଆଁଣିଆ ଚାଳଘର ଭିତରକୁ ପସିଗଲା ବେଳକୁ ଭାରି ଅନ୍ଧାର । ଘର ଭିତରର ଅନ୍ଧାରରେ ହଠାତ୍ ତୁମ ସହ ଧକ୍କା ହେବାରୁ ତୁମେ କହିଥିଲ - ଏ କେତେ ଦୁଷ୍ଟ ତୁମେ ମ... । ମୁଁ ଲାଜେଇ ଯାଇଥିଲି । ତୁମେ ମୋର ମନୋଭାବକୁ ବୁଝିପାରି କହିଲ - ହଁ ସେମିତି ବେଳେ ବେଳେ ହୋଇଯାଏ' । ତୁମେ ମୁରୁକି ହସି ଦେଇ ଗଲାବେଳେ, ମୁଁ ପଚାରିଲି ତୁମ ନାଁ ଟା କ'ଣ ? ମୋ ନାଁ ସ୍ମୃତି.. କହି ଚାଲି ଯାଇଥିଲ ଓ ମୁଁ ଅପଲକ ନୟନରେ ତୁମର ସେ ଅପରୂପ ସୌନ୍ଦର୍ଯ୍ୟକୁ ଚାହିଁ ରହିଥିଲି । ଖିଆ ପିଆ ସରିବା ପରେ ରାତିରେ ଭିଡିଓ ଦେଖିବା ପାଇଁ ଭିଡ ଜମିଥିଲା ଗାଁ ଦାଣ୍ଡରେ । ତୁମେ କେଉଁଠି ହେଲେ ବସିବାକୁ ଯାଗା ନ ପାଇ ମୋ ପାଖରେ ଅଳପ ଯାଗାରେ ଯାକ ଯୁକି ହୋଇ ବସି ଯାଇଥିଲ । ବିଳମ୍ବିତ ରାତି ଓ ଦିନରେ ଦୋଳି ଖେଳର ଥକ୍କାପଣ ଯୋଗୁଁ ତୁମେ, ତୁମର ମୁଣ୍ଡ ଅଜାଣତରେ ମୋର କାନ୍ଧ ଉପରେ ରଖି ଶୋଇ ଯାଇଥିଲ । ତୁମେ ସିନା ଶୋଇ ଯାଇଥିଲ, ମୋର କିନ୍ତୁ ଆଖିର ପଲକ ପଡି ନ ଥିଲା । ମୁଁ ତୁମର ସେ ରୂପ ଲାବଣ୍ୟ ଭରା ମୁଖ ମଣ୍ଡଳକୁ ଦେଖୁଥିଲି । ମୋ କାନ୍ଧକୁ ଯେତେ କଷ୍ଟ ହେଉଥିଲେ ମଧ, ମୁଁ ତୁମକୁ ଉଠାଇ ନ ଥିଲି । ତୁମ ସୁନ୍ଦର ମୁଖମଣ୍ଡଳ ଦେଖି ଦେଖି କେତେ ବେଳେ ରାତି ପାହିଗଲା, ତାହା ନିଜେ ଜାଣି ପାରିଲି ନାହିଁ । ନିଦ ଭାଙ୍ଗିବା ପରେ ଅଳସ ଆଖିରେ ଲାଜ ଲାଜ ଚାହାଣୀରେ ତୁମେ ଚାହିଁଥିଲ ମୋତେ । ଆଉ ମୁଁ ବି ତୁମକୁ । ଦୁହିଁଙ୍କ ଆଖି ଏକାକାର ହୋଇ ଯାଇଥିଲା ଆମର ପ୍ରେମ । କିଛି ସମୟ ପରେ ଆଖି ପତା ତଳକୁ କରି ମୁହଁ ଲୁଚାଇ କଣେଇ କଣେଇ ଲାଜରେ ଲାଜେଇ ଉଠି ଚାଲିଗଲ । ହେଲେ ତୁମର ସେ ଅଭୁଲା ସ୍ମୃତି, ସେ ସୁନ୍ଦର ମୁଖମଣ୍ଡଳ ମୋ ହୃଦୟ ବଗିଚାରେ ଆଙ୍କି ଦେଲ ଏକ ନିଆରା ଗାର । ତୁମର ସେହି ଲାଜୁଆ ଚାହାଣୀ, ମୋ ଖୋଲା ହୃଦୟରେ ଲେଖି ହୋଇ ଯାଇଥିଲା ଏକ ଅଭିନ୍ନ କାହାଣୀ । ତୁମର ସେ ଚିତ୍ରପଟଟି ମୋ ମନ ହୃଦୟରେ ସବୁଦିନ ପାଇଁ ଆଙ୍କି ହୋଇ ରହି ଯାଇଥିଲା । ରଜ ସରିଲା, ମାମୁଁହର ଗାଁରୁ ପଳାଇ ଆସିଥିଲି । ପରେ ଶୁଣିଲି ତୁମେ ଘନ ସାର୍‌ଙ୍କ ଝିଅ । ତୁମକୁ ପୁନର୍ବାର ଦେଖିବା ପାଇଁ ଯେତିକି ବ୍ୟାକୁଳତା ଥିଲା, ପରେ ସେତିକି ସମୟ ପାଇ ପାରି ନାହିଁ । ନିଜର ପାଠପଢା କ୍ୟାରିୟର ଗଠନ କରିବା ଦିଗରେ ଗୁରୁତ୍ୱାରୋପ କରିଥିଲି । କିନ୍ତୁ ମନର କେଉଁ କୋଣରେ ହେଉ ନା କାହିଁକି ତୁମେ ସଦାସର୍ବଦା ବସା ବାନ୍ଧି ରହି ଯାଇଥିଲ । ହେଲେ ବିଡମ୍ବନାର ବିଷୟ ସେହି ପ୍ରଥମ ଦେଖା ଆମର ଶେଷ ଦେଖା ହୋଇ ଯାଇଥିଲା । ମୁଁ ଆଉ କେବେ ସେତେ ସମୟ ମାମୁଁ ଘରେ ରହିବାର ସୁଯୋଗ ପାଇ ନାହିଁ । ବୟସ ବଢିବା ସାଙ୍ଗକୁ ଆଉ ସମୟ ସାଥି ଦେଇ ନାହିଁ । ନିରୋଳା ବେଳାରେ ବେଳେ ବେଳେ ଖୋଜେ । ଭାବେ ପୁନେଇ ଚାନ୍ଦା ବୋଧହୁଏ



ଥରୁଟିଏ ଦେଖା ଦେଇ, ଏତେବଡ ଆକାଶରେ କୁଆଡେ ଉଭାନ ହୋଇଗଲା ଯେ, ଆଉ ଦେଖାଦେଲା ନାହିଁ । ସ୍ମୃତିର ଝରକା ଖୋଲି ସ୍ମୃତିକୁ ପ୍ରତୀକ୍ଷା କରେ । ହେଲେ ତୁମେ ଆଉ ଦ୍ୱିତୀୟ ଥର ଦେଖା ହେବାର ସୁଯୋଗ ଦେଲ ନାହିଁ କି ପୁର୍ନବାର ମୋ ଜୀବନରେ ଆସିଲା ନାହିଁ । ତୁମ ଗାଁ ଠାରୁ ମୋ ଗାଁ'ର ଦୂରତା ଯଦିଓ ଅଧିକ ନ ଥାଏ, ତଥାପି କାହିଁକି କେଜାଣି ମନର ହୃଦୟରେ ଏକ ଲକ୍ଷ୍ମଣ ରେଖା ଟାଣି ଦେଲା ପରି ଲାଗେ । ମନେମନେ ତୁମକୁ ଅନେକ ଥର ଖୋଜିଛି । ମୌସୁମୀର ବର୍ଷାର ଛିଟାରେ ଦେହଟା ଓଦା ହେବା ସମୟରେ ତୁମ ମୁହଁ ଜଳଜଳ ଦିଶେ । ଶୀତ ସକାଳର କୁହୁଡିରେ ବି ତୁମ ପ୍ରତିଛବିକୁ ପାଇଛି । ସେ କୁହୁଡି ଭିତରୁ ତୁମେ ସାଧବ ବୋହୁ ବେଶରେ ଆସିବାର ଦେଖିଛି । କେବଳ ମୁଁ ଠକି ଯାଇଛି ନିଜେ ଓ ମନ ମାୟା ମରୀଚିକା ପଛରେ ଦୌଡିଛି । ଦିନେ ଦୁଇଦିନ ନୁହେଁ, ଏମିତି ଅନେକ ଥର ସ୍ୱପ୍ନରେ ଦେଖିଛି । ସ୍ୱପ୍ନରେ ତୁମ ସହ କଥା ହୋଇଛି । ହାତରେ ହାତ ଛନ୍ଦି ନଈ ପଠାରେ ବୁଲିଛି । ପୋଖରୀ କୂଳରେ ବସିଛି । ତୁମ ପାଇଁ ଗୋଲାପ ତୋଳିଛି । ମାତ୍ର ଆଖି ଖୋଲିବା ପରେ ସବୁ ସ୍ୱପ୍ନ ସ୍ୱପ୍ନରେ ରହିଯାଇଛି । ଯେମିତି ମୋ ସ୍ୱପ୍ନରେ କାହାର ନଜର ଲାଗି ଯାଇଛି । ଏମିତି ସ୍ୱପ୍ନ ଦେଖିବା ଓ ଭାଙ୍ଗିବା ଭିତରେ କଲେଜ୍ ପାଠ ପଢା ସାରି ଅନ୍ୟ ରାଜ୍ୟରେ ଚାକିରୀ କରିଛି । ତୁମେ ଚାହିଁଥିଲେ ସ୍ୱପ୍ନ ଉଜ୍ଜୀବିତ ଥାଆନ୍ତା । ତୁମେ ଚାହିଁ ଥିଲେ ମୋବାଇଲ୍ ମାଧ୍ୟମରେ ଥରେ କାନରେ ପ୍ରେମ ମନ୍ତ୍ର ଫୁଙ୍କିଥାନ୍ତ ? ମୋର ପ୍ରେମର ସ୍ୱପ୍ନ କିପରି କେଉଁ ପରିସ୍ଥିତିରେ ଭାଙ୍ଗିଗଲା, ତାହା କହିବା ମୋ ପକ୍ଷେ ସମ୍ଭବ ନୁହେଁ । ଯାହା ହେଉନା କାହିଁକି ମୋ ମନ ରାଇଜର ପ୍ରେମ ପକ୍ଷୀଟା କେଉଁଠି ନା କେଉଁଠି ଆଘାତ ପାଇ ମୂର୍ଚ୍ଛିତ ହୋଇ ଯାଇଥିଲା । ମୁଁ ବହୁତ ଖୋଜି ଖୋଜି ନିରାଶ ହୋଇ ତୁମର ଚିତ୍ରପଟକୁ ମନରେ ଆଣିନାହିଁ । ବେଳେ ବେଳେ ଭାବିନିଏ ତୁମେ ବୋଧେ ଆଉ କାହା ହାତର ସିନ୍ଦୁର ପିନ୍ଧି ସାରିଥିବ ଓ ଆଉ କାହାର ଚଉଁରା ମୂଳେ ସଞ୍ଜବତୀ ଦେଉଥିବ । ମୋତେ ଅବା ମନେ ରଖିଥିବ କାହିଁକି ? ତୁମର ସେ ଖିଲିଖିଲି ହସ, ଫୁଲେଇ କଥା ଅନ୍ୟ କାହା ହୃଦୟ ବଗିଚାର ପୂଜାରିଣୀ ସାଜି ସାରିଥିବ । ତୁମେ ଏବେ କାହା ପାଇଁ ସାବିତ୍ରୀ ବ୍ରତ ରଖୁଥିବ । ମୁଁ କିନ୍ତୁ ତୁମକୁ ମୋ ମନର ବଗିଚାରେ ସଦାବେଳ ପାଇଁ ଗୋଲାପଟିଏ ଭାବି ସଜାଇଦେଲି । ଏମିତି ଅନେକ ଭାବିବା ପରେ ମୋ ହୃଦୟରେ ପୁରଣ କରିବାକୁ ଯାଉଥିବା ଶୂନ୍ୟସ୍ଥାନକୁ ପୁର୍ନବାର ମୁଁ ଶୂନ୍ୟ କରିଦେଲି । ଫଗୁଣର ପ୍ରଥମ ପ୍ରେମ ସିଡି ଚଢୁ ଚଢୁ ଆଘାତ ଲାଗିଥିଲା । ସେଦିନ ଠାରୁ ତୁମକୁ ମୁଁ ଆଉ କେବେ ମନେ ରଖି ପାରିଲି ନାହିଁ । ସମୟର କାଳ ଗର୍ଭରେ ତୁମେ ମନର ହୃଦୟରୁ ଧିରେ ଧିରେ ଲୀନ ହୋଇ ଯାଉଥିଲ । ବୋଉର ହଠାତ୍ ମୃତ୍ୟୁ ପରେ ମୋତେ ବାପା ବିବାହ କରିବା ପାଇଁ ବାଧ କରିଥିଲେ । ବାପା ଇଚ୍ଛା କରିଥିଲେ ଘର'ର ଯତ୍ନ ପାଇଁ ବୋହୁଟିଏ ନିହାତି ଦରକାର । ସେଥିପାଇଁ ସେ ଝିଅ ଦେଖି ସବୁକିଛି ଠିକ୍ କରି ସାରିଥିଲେ । ମୋତେ ଦେଖିବାକୁ ବାରମ୍ୱାର କହିଥିଲେ । ମୁଁ କଥାକୁ ଏଡେଇ ଦେଉ ଥିଲି, ଯେହେତୁ ମୁଁ ବାହାରେ ରହୁଥିଲି । ତୁମର ପସନ୍ଦ ମୋର ପସନ୍ଦ ବୋଲି ବାପାଙ୍କୁ ମନର କଥା କହିଥିଲି । କିନ୍ତୁ ଝିଅଘର ଲୋକ ବାଧ କରିଥିଲେ ମୋତେ ଦେଖିବାକୁ, ଏବଂ ମୋର ଚାକିରୀ ବିଷୟରେ ବୁଝିବା ପାଇଁ । ବାପା ସେମାନଙ୍କୁ ଟ୍ରେନ୍‌ରେ ନେଇ ଆସିଥିଲେ । ଦୁଇ ତିନି ଦିନ ରହି ବୁଝାବୁଝି କରି, ଦେଖାଦେଖି କରି ଫେରି ଯାଇଥିଲେ । ମୋର ଛୁଟି ନ ଥିବାରୁ ଆସି ନ ଥିଲି, କିନ୍ତୁ ବାପାଙ୍କ ଉପରେ ମୋର ପୂର୍ଣ୍ଣ ଭରସା ଥାଏ । ତେଣୁ ଝିଅର ଫଟୋ ଦେଖିବା ପାଇଁ ମଧ କେବେ ଇଚ୍ଛା ପ୍ରକାଶ କରିନାହିଁ । ମନର କଥା ମନରେ ରଖି ନିଜ ଭାଗ୍ୟକୁ ଆଦରି ନେଇଥିଲି । ଶେଷରେ ବିବାହର ତିଥି ସ୍ଥିର ହେଲା । ଏକ ବଡ ମନ୍ଦିରରେ ବିବାହ ସ୍ଥିର ହେଲା । ବିବାହ ଦିନ ମୁଁ ବର ବେଶରେ ମନ୍ଦିରରେ ପହଞ୍ଚି ସାରିଥାଏ । କିଛି ସାଙ୍ଗମାନେ ମୋର ଶୁଖିଲା ମୁହଁକୁ ଦେଖି ବାରମ୍ବାର ପ୍ରଶ୍ନ ପଚାରୁଥାନ୍ତି । ତୋର ପ୍ରେମିକା କୁଆଡେ ଗଲା । ମୁଁ ବି ବାପାଙ୍କ ମନରେ ଦୁଃଖ ନ ଦେବା ପାଇଁ କିଛି ନ କହି ଚୁପ୍ ଚାପ୍ ରହି ଯାଇଥିଲି । ଯଦି କହିଥାନ୍ତି କଣ ବା କରି ପାରିଥାଆନ୍ତି ? ଯେତେବେଳେ ମୁଁ ନିଜେ ଜାଣିନାହିଁ ତାହାର ବିବାହ ସରିଛି କି ନାହିଁ ? ସେ ମୋତେ ଏବେ ଭଲପାଏ କି ନାହିଁ ? ଏହି ସମୟରେ କଣ ବା କରି ପାରିଥାନ୍ତି । ଚୁପଚାପ୍ ନୀରବ ଦ୍ରଷ୍ଟା ସାଜି ରହିଲି ମୁଁ । ବିବାହର ଶୁଭ ସମୟ ଆସି ସାରିଥିଲା । ମନ୍ଦିରରେ ମାଳ ମାଳ ହୋଇ ଘୁରି ବୁଲୁଥିବା ବରକନ୍ୟାଙ୍କ ସ୍ରୋତ । ସେ ସ୍ରୋତରେ ମୁଁ ବି ଥିଲି ଏକ ଧାର । ସେମାନଙ୍କ ଭିତରେ ଖୋଜି ବୁଲୁଥାଏ ମୁଁ ସ୍ମୃତିର ସେହି ଖିଲିଖିଲି ହସର ମୁହଁ । ବିବାହ ଆରମ୍ଭ ହୋଇ ସାରିଥିଲା । ସମସ୍ତ ଝିଅଘର ଓ ଆମ ତରଫରୁ ବନ୍ଧୁ ପ୍ରିୟଜନ ମାନେ ମନ୍ଦିର ବେଢାର ବେଦୀ ଚାରିପାଖେ ବସିଥାନ୍ତି । ବ୍ରାହ୍ମଣଙ୍କ ମନ୍ତ୍ର ଧ୍ୱନୀ ସହିତ ଶୁଭ ଶଂଖ ହୁଳାହୁଳି ଦ୍ୱାରା ଚର୍ତୁଦ୍ଦିଗ କମ୍ପୁଥିଲା । ମୋର ଆଖିରେ ଝଲସି ଯାଉଥିଲା, ମୋ କାନ୍ଧରେ ମୁଣ୍ଡ ରଖି ଶୋଇଥିବା ସେହି ନୀରିହ ମୁହଁଟି । ହଠାତ୍ ବ୍ରାହ୍ମଣଙ୍କ ଡାକରେ ମୋର ତନ୍ଦ୍ରା ଭାଙ୍ଗିଗଲା ଓ ବ୍ରାହ୍ମଣ କହୁଥିଲେ କନ୍ୟାର ମଥାରେ ସିନ୍ଦୁର ଲଗାଅ । ମୁଁହ ତଳକୁ କରି ସିନ୍ଦୂର କନ୍ୟାର ମଥାରେ ନ ଲଗାଇ, ତାର ନାକରେ ଲଗାଇ ଦେଲି । ସମସ୍ତେ ହସିଥିଲେ ଓ ବ୍ରାହ୍ମଣ କହିଲେ କନ୍ୟାକୁ ଚାହିଁ ତାର ମଥାରେ ସିନ୍ଦୂର ଲଗାଅ । କନ୍ୟାର ମଥାରୁ ସାମାନ୍ୟ ଓଢଣା ହଟି ଯାଇଥିଲା ଓ ସିନ୍ଦୁର ନେଇ ମଥାରେ ଲଗାଇବା ସମୟରେ ମୁଁ ଆବାକ୍ ହୋଇ ଯାଇଥିଲି । କନ୍ୟାର ମଥାରେ ସିନ୍ଦୁର ଦେବା ପରିବର୍ତ୍ତେ ମୁଁ ଅନେକ ପ୍ରଶ୍ନରେ ଛନ୍ଦି ହୋଇ ଯାଇଥିଲି । ଦୀର୍ଘ ସମୟ ଧରି ଅପଲକ ନୟନରେ ଚାହିଁ ରହିଥିଲି ସେ ଝିଅକୁ । ସମସ୍ତେ ମୋତେ ଅନେଇ ହସିବା ଆରମ୍ଭ କଲେଣି, ସେଥିପ୍ରତି ମୋର ନିଘା ନାହିଁ । ହଠାତ୍ ଭଉଣୀର ଚିମୁଟାରେ ମୋ ଆଖି ଫେରି ଯାଇଥିଲା, ସେ ଝିଅର ସୁନ୍ଦର ମୁଖମଣ୍ଡଳରୁ । ସେ ଝିଅ ଆଉ କେହି ନଥିଲା, ସେ ଥିଲା ମୋ ହୃଦୟର ମନର ମାନସୀ ସ୍ମୃତି । ଯାହାକୁ ମୁଁ ସେତେବେଳେ ମାମୁଁ ଘରେ ଦେଖିଥିଲି । ଯେଉଁ ପୁନେଇ ଚାନ୍ଦକୁ ପ୍ରେମିକା ରୁପେ ପାଇବା ପାଇଁ ବାରମ୍ୱାର ସ୍ୱପ୍ନ ଦେଖୁଥିଲି, ସେ ଆଜି ମୋ ସଙ୍ଗିନୀ । ଏମିତି ଲାଗୁଥିଲା ସତେ'କି ବର ବେଶରେ ଟିକିଏ ନାଚି ପକାନ୍ତି କି ? ମୁହଁରେ ଗଡ ଜିତିବାର ଏକ ଖୁସିର ଲହର । ଚତୁର୍ଥି ରାତିରେ ମୁଁ ତାର ଆଖିରେ ଦେଖି ପାରିଥିଲି ଅଭିମାନ ଓ ରାଗ । ସେ ବି ମୋତେ ମନେ ମନେ ଭଲ ପାଉଥିଲା । ମୋ ମାମୁଁଘର ଠାରୁ ମୋ ନମ୍ବର ନେଇ କଥା ହେବାକୁ ଇଚ୍ଛା କରିଛି, ସାହାସ ଯୋଗାଡ କରି ପାରି ନାହିଁ । ସେ ଭାବେ କାଳେ ମୁଁ ତାକୁ ଚିହ୍ନି ପାରିବି ନାହିଁ । ତାର ଭଲପାଇବାକୁ ଅସ୍ୱୀକାର କରିବି । ଏହି ଭୟର ଆଶଙ୍କାରେ ସେ ପ୍ରେମ ପକ୍ଷୀର ଡେଣାଟିକୁ କାଟି ଦେଇଛି । ଯାହା ହେଉନା କାହିଁକି ଆଜି ମୋ ଝୁରିଲା ଫଗୁଣକୁ ଫେରି ପାଇଛି । ସେ ଫଗୁଣ ଆଜି ମୋ ସମ୍ମୁଖରେ ମଥାରେ ଓଢଣୀ ଦେଇ ଫୁଲେଇ ଫୁଲେଇ ଦାନ୍ତ ଚିପି ଚିପି ହସୁଛି । ମୁଁ ମୋର ଚାନ୍ଦକୁ ହାତ ମୁଠାରେ ପାଇ ଭାବୁଛି ସତରେ ନିଚ୍ଛକ ପ୍ରେମ କେବେ ମରେନା । ତାହା ଆସେ ଜୀବନ ସାଗରରେ ଶତ ତରାଙ୍ଗାୟିତ ଖୁସୀର ଲହରୀ ନେଇ । ଯେଉଁ ଖୁସିରେ ଉଲ୍ଲସିତ ହୋଇ ଉଠେ ଦେହ, ମନ ଓ ପ୍ରାଣ । ଆଉ ସେ ସ୍ମୃତି ଚିରଦିନ ପାଇଁ ସ୍ମୃତି ନ ହୋଇ ସ୍ୱାକ୍ଷର ହୋଇଯାଏ... ।

+କୁରାଳ, ନୟାଗଡ଼
ମୋ:୯୪୩୭୯୮୫୮୬୬

# ଅଳ୍ପ ଦିନର ସାଥି

ଜୟନ୍ତ ନାୟକ



ଅଜଣା ରାସ୍ତାରେ ଚାଲୁ ଚାଲୁ ଝୁଣ୍ଟି ପଡିବାର ସମ୍ଭାବନା ଅନିର୍ବାଜ । ଅଜଣା ରାସ୍ତାଟି ଯଦି କଣ୍ଟକିତ ଓ ଅଣଓସରିଆ ହୋଇଥାଏ, ତ ସରିଗଲା କଥା । କେଉଁ ମୁହୂର୍ତ୍ତରେ ସମୟ ଆସି ଠେଲି ଦେଇ ଯିବ କିଛି ଠିକଣା ନାହିଁ । ଏମିତି ଏକ ରାସ୍ତାରେ ଦିନେ ଚାଲିଥିଲା ଆରାଧ୍ୟା ।

ପିଜିର ପ୍ରଥମ ଦିନ ହିଁ କଲେଜରେ ଜଣେ କ୍ଲାସମେଟ ପୁଅ ସହ ଝଗଡା ହୋଇ ଯାଇଥିଲା, କମେଣ୍ଟ ମରାକୁ ନେଇକି । ପୁଅଟି ଦେଖିବାକୁ ଭାରି ହ୍ୟାଣ୍ଡସମ । ଅରୁଣ ବର୍ମପୁର ବିଶ୍ୱବିଦ୍ୟାଳୟର ଗଣିତ ବିଭାଗର ଉଭୟେ ପଢ଼ନ୍ତି । ନୂଆ ନୂଆ ପିଲାଙ୍କ ପିଜି ଭାରି ଆନନ୍ଦ ଦାୟକ ଓ ବେଦନା ଦାୟକ । ସିନିଅରମାନଙ୍କ ରାଗିଙ୍ଗ ସହିବାକୁ ପଡେ ମଥା ନୁଆଁଇ । ବହୁତ ବର୍ଷ ତଳେ ଛାଡ଼ି ଥିବା ସିଲଟ ଖଡ଼ିରେ ପାଠ ପଢେଇ ଦିଅନ୍ତି ସିନିଅରମାନେ । କଦର୍ଯ୍ୟ ବ୍ୟବସ୍ଥା ଏ ରାଗିଙ୍ଗ । ଅରୁଣ ଏ କମେଣ୍ଟ ମରା କଥାର ବିରୋଧୀ ।

ବାସ୍ତବ କଥା ହେଲା ଅନ୍ୟ ଏକ ଝିଅକୁ ସିନିଅରମାନେ ରାଗିଙ୍ଗ କରୁଥିଲେ । ଅରୁଣ ସେମାନଙ୍କୁ ଅଟକେଇବାକୁ ବହୁତ ଚେଷ୍ଟା କରି ନିଜେ ଅଧିକା କଷ୍ଟ ପାଇଛି । କିନ୍ତୁ ସେ ଝିଅକୁ କିଛି ଲଜ୍ଜିତ ହେବାକୁ ଦେଇ ନାହିଁ । ଅରୁଣ ବୁଝିଥିଲା ଝିଅମାନଙ୍କ ସମ୍ମାନ ସବୁଠାରୁ ଅଧିକ । ହେଲେ ସେ ଝିଅକୁ ବୁଝେଇବା ସମୟରେ ଆରଧ୍ୟା ଦେଖିଥିଲା । ମନେ ମନେ ବୁଝିଲା ଯେ ଅରୁଣ ବୋଧେ ତାକୁ ବାଧ କରିଛି କାନ୍ଦିବା ପାଇଁ । ସେଠି ପାଇଁ ସେ ପ୍ରଥମ ଦେଖାରେ ଅରୁଣ ସହ ଝଗଡା କରିବା ଆରମ୍ଭ କରିଦେଲା । ମନର ଭାଷାକୁ ଅରୁଣ ଓଠରେ ପ୍ରକାଶ କରିବାକୁ ଯେତେ ଚେଷ୍ଟା କଲେବି ଆରଧ୍ୟା ତାକୁ ସେ ସୁଯୋଗ ଦେଇ ନଥିଲା । ଅରୁଣ କେବଳ ତାକୁ ଅପଲକ ନେତ୍ରରେ ଚାହିଁ ରହିଥିଲା । ହଜି ଯାଇଥିଲା ଆରଧ୍ୟାର ଆଖି ଭିତରେ । ଗାଳି ଶୁଣି ମଧ ମନେ ମନେ ହସି ଦେଉଥିଲା । ଆଉ ଚେଷ୍ଟା ବି କରିନି ତାକୁ ବୁଝେଇବା ପାଇଁ । ମନ ଅନନ୍ଦ ରେ କେବଳ ତାର ଦୁଇ ଓଠର ଉତ୍ଥାନ ପତନକୁ ଚାହିଁ ରହିଥିଲା । ଆରଧ୍ୟାକୁ ବୋଧେ ସେ ପ୍ରଥମ ଦେଖାରେ ଭଲ ପାଇ ବସିଥିଲା ।

ଗାଳି ସରିବା ପରେ ଆରଧ୍ୟା ନିଜକୁ ବିରକ୍ତି ଅନୁଭବ କରି ସେଠାରୁ ଚାଲିଗଲା । ମନେ ମନେ ଅରୁଣକୁ ବହୁତ ଗାଳି କରୁଥାଏ । ଆସି ହଷ୍ଟେଲରେ ପହଁଚି ସେ ଝିଅକୁ ବହୁତ ଗାଳି ଗୁଳଜ କଲା । ନିଜକୁ ଶକ୍ତ କରି ରାଗିଙ୍ଗଠାରୁ କିପରି ରକ୍ଷା ପାଇବ ସେ ବିଷୟରେ କହିଲା । ଅରୁଣକୁ ଜୋରସେ ଗାଳି ବି କଲା । ଶେଷରେ ସେହି ଝିଅଠୁ ପ୍ରକୃତ ସତ କଥା ଜାଣିବାକୁ ପାଇଲା । ଅରୁଣ ପ୍ରତି ଥିବା ରାଗ ଓ ଘୃଣା ସମ୍ପୂର୍ଣ୍ଣ କମିଗଲା । ମନେ ମନେ ଲଜ୍ଜା ଅନୁଭବ କଲା । ଅରୁଣକୁ ନିଜ ବିଷୟରେ କନଫେସ କରିବାକୁ ଚେଷ୍ଟା କଲା । ପରଦିନ ସକାଳୁ ଡିପାର୍ଟମେଣ୍ଟକୁ ଯାଇ ପ୍ରଥମେ ଅରୁଣ ସହ ଦେଖା କରିବାକୁ ଗାର୍ଡେନକୁ ଜଣଙ୍କ ହାତରେ ଡକେଇ ପଠେଇଲା । ଅରୁଣ ଆଶ୍ଚର୍ଯ୍ୟ ହୋଇ ଚାହିଁ ରହିଲା । କିଛି ସମୟ ପାଇଁ ସ୍ଥାଣୁ ହୋଇଗଲା । ବିଶ୍ୱାସ କରି ପାରିଲାନି ନିଜକୁ । ଦଉଡି ଦଉଡି ଯାଇ କଲେଜ ଗାର୍ଡେନରେ ପହଚି ଦେଖିଲା ଅତି ଲାଜୁଆ ମୁହଁରେ ଠିଆ ହୋଇଛି ଆରଧ୍ୟା । ପାଖକୁ ଯାଇ ପଚାରିଲା 'କଣ କହୁଥିଲ' । ଆରଧ୍ୟା ଏପଟେ ସେପଟେ ଚାହିଁଲା । ଦେଖିଲା କେହି କୁଆଡେ ନାହାନ୍ତି । ଦୁଇ ହାତକୁ ଆସ୍ତେ ଆସ୍ତେ ମୁହଁ ପାଖକୁ ନେଲା ।

ଅତି କ୍ଷୀଣ କଣ୍ଠରେ କହିଲା 'ସରି' । ମୁରୁକି ହସା ଦେଇ ଅରୁଣ କହିଲା 'ଏଥିରେ ସରି କହିବାରେ କଣ ଅଛି' । ବାସ ତାପରେ ଆସ୍ତେ ଆସ୍ତେ ଦୁହେଁ କଥା ହେଲେ । ନିଜର ଭୁଲ ବୁଝାବଣା ଦୂର ହୋଇଗଲା । ଦୁହେଁ ଦୁହିଁଙ୍କ ବିଷୟରେ ଆଲୋଚନା କଲେ । ନିଜ କଥା ନିଜ ପରିବାର କଥା, ଏମିତି କେତେ କଣ । ହଜିଗଲେ କଥାରେ । କଥା ହଉ ହଉ ପାଖା ପାଖି ଦେଢ଼ ଘଣ୍ଟା ହୋଇଗଲାଣି । ଦୁଇଟି ପିରିୟଡ଼ ସାରିଗଲାଣି ଯା ଭିତରେ । ଲଞ୍ଚ ଟାଇମ ହୋଇଗଲାଣି କେତେବେଳେ କେହି ଜାଣି ପାରିଲେ ନାହିଁ । ସାଙ୍ଗମାନେ ଡାକିବାରୁ ଫେରି ଆସିଥିଲେ ।

ସେଦିନ ପରଠୁ ଦୁହେଁ ଦୁହିଁଙ୍କ ଭଲ ବନ୍ଧୁ ହୋଇଗଲେ । ସେଦିନ ରାତିରେ କାହା ଆଖିରେ ନିଦ ନାହିଁ । ଅଥଳ ସାଗର ଢେଉ ଭଳି ଦୁହିଁଙ୍କ ଆଖିରେ ସ୍ୱପ୍ନ ଗୁଡିକ ଲହଡି ଭାଙ୍ଗୁଥାନ୍ତି । ବାକି ଥିବା କଥା ସବୁ ରାତିରେ ଫୋନରେ ହେଲେ । ନୂଆ ନୂଆ ଦେଖାର ଅନୁଭୂତି ତାଜା ତାଜା ଲାଗୁଥାଏ । ମନେ ମନେ ହସୁଥାନ୍ତି ସେମାନେ । ଆପଣ, ରୁ ତମେ ସମ୍ବୋଧନ କରିବାକୁ ଲାଗିଥିଲା ମାତ୍ର ୨୪ ଘଣ୍ଟା । ରାତିରେ କଥା ହଉ ହଉ ଭୁଲି ଯାଇଛନ୍ତି ଖାଇବା କଥା । ଉଭୟେ ନିଜ ନିଜ ହଷ୍ଟେଲ ଛାତ ଉପରେ, ହାତରେ ଖଣ୍ଡେ ମଶା ଧୂପ ଧରି କଥା ହେବାରେ ବ୍ୟସ୍ତ । ହଷ୍ଟେଲରେ ସକାଳୁ ଉଠିବା ବେଲ ବାଜିବାରୁ ଦୁହେଁ ଜାଣିଲେ ଯେ ସକାଳ ହୋଇଗଲାଣି । ପୁଣି ନିତିଦିନିଆ କାମ ସବୁ କରିବାକୁ ପଡିବ । ଅଳ୍ପ ହସି ସେଇଠି ରଖି ଦେଇଥିଲେ ଫୋନ । ସକାଳୁ ନିଦୁଆ ନିଦୁଆ ଆଖିରେ ପୁଣି ଯାଇଥିଲେ ପାଠ ପଢିବାକୁ । ଦୁହେଁ ଦୁହିଁଙ୍କ ଆଖିକୁ ଆଖି ମିଶେଇବାକୁ ବି କେହି ସାହସ କରି ପାରିଲେ ନାହିଁ । ସେଦିନ କ୍ଲାସରେ ସମସ୍ତେ ପାଠ ପଢୁଥିବା ବେଳେ ଉଭୟେ ଉଭୟଙ୍କୁ କଣେଇ କଣେଇ ଚାହିଁ ହସୁଥିଲେ । ଏହିଭଳି ସବୁଦିନ ହସଖୁସିରେ ଚାଲି ଆସୁଥିଲା । ସମୟ ପାଇଲେ ପାଖରେ ଥିବା ଗୋପାଳପୁର ବନ୍ଦରରେ ପ୍ରାନ୍ତରେ ବୁଲି ଆସନ୍ତି । ଅସରନ୍ତି ବାଲୁକା ବକ୍ଷରୁ ତୋଳି ଧରନ୍ତି ନିଜ ଅନୁଭବକୁ । ସାଗର ବୁକୁରେ ସ୍ୱପ୍ନ ସବୁ ଉଙ୍କି ମାରୁଥାଏ । କେବଳ ଗୋପାଳପୁର କାହିଁକି ପାଖରେ ଥିବା ସମସ୍ତ ମନ୍ଦିରକୁ ଟିକିଏ ସମୟ ମିଳିଲେ ବୁଲିବାକୁ ଚାଲି ଯାଆନ୍ତି । କିଛି ଜିନିଷ କିଣିବାକୁ ଥିଲେ ବ୍ରହ୍ମପୁର ଯାଇ କିଣି ଆଣନ୍ତି । ଏମିତି ଛାଇ ଆଲୁଅର ଖେଳ ଭିତରେ କେତେବେଳେ ଦୁହେଁ ବନ୍ଧୁତ୍ୱକୁ ପାସୋରି ଭଲ ପାଇବାରେ ବାନ୍ଧି ହୋଇ ସାରିଛନ୍ତି ତାହା କେବଳ ଭଗବାନଙ୍କୁ ଜଣା । ଦୁହେଁ ଦୁହିଁଙ୍କୁ ଭଲ ପାଆନ୍ତି ବୋଲି କହି ନାହାନ୍ତି । କିନ୍ତୁ କିଛି କ୍ଷଣ ପାଇଁ ହେଉ କେହି କାହାକୁ ଛାଡି ରହି ପାରନ୍ତି ନାହିଁ ।

ଅରୁଣର ସେବା ମନଭାବ ତାକୁ ବେଶ ପ୍ରଭାବିତ କରିଥିଲା । ଅନ୍ୟର ଦୁଃଖ ଦେଖିଲେ ସେ ସହି ପାରେ ନାହିଁ । ଯିବା ଆସିବା ବେଳେ ଯେଉଁଠି ଦୁଃଖୀ ଲୋକଙ୍କୁ ଦେଖେ ତାଙ୍କ ସହ କଥା ହୁଏ । ତାଙ୍କୁ ଖାଇବାକୁ ଦିଏ । ଅରୁଣ ପରି ଦୟାବାନ, ନିଃସ୍ୱାର୍ଥପର ଓ ପରୋପକାରୀ ମଣିଷକୁ ପାଇ ଆରଧ୍ୟା ଖୁସିରେ ଆତ୍ମହରା ହୋଇଉଠେ । ଅରୁଣର ଲକ୍ଷ ବଡ ହେଲେ ଚାରିଟେବୁଲ ଟ୍ରଷ୍ଟ ଟିଏ କରି ଲୋକଙ୍କ ସେବା କରିବା । ଦୁଃଖୀ ଲୋକଙ୍କ ଦୁଃଖରେ ସହଯୋଗ କରିବା । ବାସହରା ଲୋକଙ୍କ ପାଇଁ ଲଢେଇ କରିବ । ଏ ସ୍ୱାର୍ଥପର ସମାଜରେ କେବଳ ସେହି ଭଳି ଲୋକଙ୍କ ସ୍ୱାର୍ଥ ପାଇଁ ଲଢେଇ କରିବ ।

ଏମିତି ଆଠ ମାସ ହୋଇଗଲା କେହି କାହା ଘରକୁ ଯାଇ ନାହାନ୍ତି । ଏପରିକି ଛୁଟିରେ ମଧ ହଷ୍ଟେଲରେ ରହି କୁଆଡେ ବୁଲିବାକୁ ଚାଲି ଯାଆନ୍ତି । ସେମିତି ଥରେ କଲେଜ ଗ୍ରାଉଣ୍ଡରେ କଥା ହେଲା ବେଳେ ହଠାତ ଆରଧ୍ୟା ଘରୁ ଫୋନ ଆସିଲା । ବାପା ଫୋନ କରି କହିଲେ ଅର୍ଜେଣ୍ଟ ଆସିବ ପାଇଁ । ମନ ଶୁଖିଗଲା । ଜେଜେ ମାଆଙ୍କ ଦେହ ଖରାପ । ନିହାତି ଯିବାକୁ ପଡ଼ିବ । ଇଚ୍ଛା ନଥିଲେ ବି ଦୁହେଁ ସାମୟିକ ଅଲଗା ହେବାର ସମୟ ଆସିଛି ବୋଲି ଦୁଃଖ ପ୍ରକାଶ କଲେ । ଜୀବନର ବେଶୀ ଦୁଃଖରେ ଉଭୟେ ଉଭୟଙ୍କୁ ବିଦାୟ ଦେଇ ଥିଲେ । ଘରେ ପହଁଚି ଆରଧ୍ୟା ଦେଖିଲା ଜେଜେମାଙ୍କ ଅବସ୍ଥା ବାସ୍ତବିକ ଖରାପ । ଗଛର ଶୁଖିଲା ପତ୍ର ପରି । କେଉଁ ମୁହୂର୍ତ୍ତରେ ଦଲକାଏ ପବନ ଆସି ତାକୁ ତଳେ ପକେଇ ଦେବ, ତାର ଠିକଣା ନାହିଁ । ଏଇ ଅଳ୍ପ ଦିନର ସମୟରେ ଜେଜେମାଙ୍କ ଶେଷ ଇଚ୍ଛା ନାତୁଣୀର ବାହାଘର ଦେଖିବ । ଘରେ ସମସ୍ତଙ୍କ ଇଚ୍ଛା, ଏଇ ଦଶ ଦିନ ଭିତରେ ଉପଯୁକ୍ତ ପାତ୍ର ଦେଖି ବାହାଘର ହେବ । ପ୍ରସ୍ତୁତି ଆରମ୍ଭ ହୋଇ ଗଲାଣି ।

ମନରେ ଅରୁଣର ଭଲ ପାଇବା ବସା ବାନ୍ଧି ସାରିଥାଏ । ଅବିଳମ୍ବେ ଅରୁଣ ସହ ଫୋନରେ କଥା ହୋଇ ସବୁକିଛି କହିଲା । ନିଜ ଭଲ ପାଇବା ବିଷୟରେ କହିବାକୁ ବହୁତ ଚେଷ୍ଟା କଲା । ପାରିଲା ନାହିଁ । ଅରୁଣ ଏ ଖବର ଶୁଣି ଭାରି ବ୍ୟସ୍ତ ହୋଇ ପଡ଼ିଲା । ଭଲ ପାଇବା ଆରମ୍ଭ ନ ହେଉଣୁ ଶେଷ ହେବାକୁ ଯାଉଛି । ଅବ୍ୟକ୍ତ ବେଦନାର ତାଡନାରେ ଦୁହେଁ ଜର୍ଜରିତ । କେହି କାହାକୁ ଛାଡି ବଞ୍ଚିବାକୁ ନାରାଜ । ହାତରେ ମାତ୍ର ୧୦ ଦିନ । କିଛି ନ କଲେ ଜୀବନ ସାରା ଅଲଗା ହୋଇ ରହିବାକୁ ପଡିବ । ଅରୁଣ ମନ କଥା ଜାଣିବା ପାଇଁ ଶେଷ ଥର ବହୁତ ଚିନ୍ତା କରି ଅରୁଣକୁ ମନ କଥା ସବୁକିଛି ଖୋଲି କହିଦେଲା । ଅରୁଣ ଖୁସିରେ ଆତ୍ମହରା ହୋଇ ଉଠିଲା । ସମ ପ୍ରେମ ସମ ହୃଦୟ ଓ ଚାହୁଁଥିବା ମନର ମଣିଷ ଆଜି ତାକୁ ହାତ ଠାରି ଡାକୁଛି । ମନର କଥାକୁ ଅରୁଣ ସେଦିନ ବାପାଙ୍କୁ କହି ପାରିଲା ନାହିଁ । ବୋଉଙ୍କୁ ତାଙ୍କ ବିଷୟରେ କହିଲା । ଅରୁଣ ଘରେ ଯଦିଓ ରାଜି ହେଲେ ନାହିଁ, ପୁଅର ଭଲ ପାଇବା ଓ ଜିଦି ଆଗରେ ମଥା ପାତି ଯାଇଥିଲେ ଆରଧ୍ୟାର ଘରକୁ ବିବାହ ପ୍ରସ୍ତାବ ନେଇ । ଆରଧ୍ୟାର ବାପା ପ୍ରଥମେ ରୋକଠୋକ ମନା କରିଦେଲେ । ହେଲେ ଝିଅର ଭଲ ପାଇବା, ଓ ମାଙ୍କର ଏ ଶେଷ ବେଳର ଇଚ୍ଛା ତାଙ୍କୁ ବିଚଳିତ କରୁଥାଏ । ଝିଅର ଖୁସିକୁ ପ୍ରାଧାନ୍ୟ ଦେଇ ରାଜି ହୋଇଗଲେ ବାହାଘର ପାଇଁ ।

ଖୁବ ଅଳ୍ପ ଦିନରେ ବାହାଘର । ମାତ୍ର ୩ଦିନ ହାତରେ । ଘରେ ଜଣାଇବା ଆଗରୁ ଆରଧ୍ୟା ଅରୁଣକୁ ଫୋନ କରି ଜଣାଇଲେ । ଅରୁଣ ଆଉ ଡେରି ନ କରି ବାହାରି ପଡ଼ିଲା ଘରକୁ । ଅଳ୍ପ ଅଳ୍ପ ନିମନ୍ତ୍ରଣ, ଅଳ୍ପ ଭୋଜି ଭାତ, ଅଳ୍ପ ସମୟ, ଏସବୁ ଅଳ୍ପ ଭିତରେ ଉଭୟ ପରିବାର ଚେଷ୍ଟା କରିଛନ୍ତି, ବାହାଘରକୁ ଭଲରେ କରିବାକୁ । ବାହାଘର ଦିନ କଥା । ଅରୁଣର ମଙ୍ଗଳକୃତ୍ୟ ସରିଲାଣି । ବନ୍ଧୁ ବାନ୍ଧବ ରୋଷଣୀ ଧରି ପ୍ରସ୍ତୁତ ହେଲେଣି ଝିଅ ଘରକୁ ଯିବା ପାଇଁ । ଆଶ୍ଚର୍ଯ୍ୟ ଲାଗିଲେ ମଧ ନୂଆ ଉନ୍ମାଦନାରେ ମନ ଫାଟି ପଡୁଥାଏ ।

ଆରଧ୍ୟା ଘରେ ବାହାଘର ଭୋଜି ଖାଇ ନିମନ୍ତ୍ରିତ ଅତିଥିମାନେ ଫେରିଲେଣି । ବନ୍ଧୁ ବାନ୍ଧବ ସବୁ ବରକୁ ଅପେକ୍ଷା କରିଛନ୍ତି । ଝିଅ ମଗ୍ଣୁଳା ସରି ସଜେଇ ହେବାରେ ଲାଗିଛି । ବେଦୀ ବନ୍ଧା ସାରି ବ୍ରାହ୍ମଣ ଭଣ୍ଡାରୀ ଅପେକ୍ଷର ତ । ଆରଧ୍ୟା ଫୋନର ଘଣ୍ଟି ବାଜିଲା । ଅରୁଣର ଫୋନ ଆସିଛି । ଅତ୍ୟନ୍ତ କୋମଳ ଆଉ ଧୀର କଣ୍ଠରେ ଫୋନ ଉଠେଇଲା । କିଛି କହିବାକୁ ଚେଷ୍ଟା କରୁଥାଏ, କିନ୍ତୁ ଚୁପ ହୋଇଗଲା । କିଛି ସମୟ ପରେ ଚିତ୍କାର କରି କାନ୍ଦିବାକୁ ଲାଗିଲା । ଆରଧ୍ୟାର ଚିତ୍କାର ଶୁଣି ସମସ୍ତେ ଧାଇଁ ଆସିଲେ ତା ପାଖକୁ । କାହାକୁ କିଛି କହିବା ଆଗରୁ ବେହୋସ ହୋଇଗଲା ଆରଧ୍ୟା । କାରଣ ଜାଣିବା ପାଇଁ ବାପା ରିଟର୍ଣ୍ଣ କଲ କଲେ । ଜାଣିବାକୁ ପାଇଲେ ବର ଆସିବା ସମୟରେ କାରଟି ଓଲଟି ଯାଇଛି । ଅରୁଣ ସମେତ ୪ ଜଣ ସବୁଦିନ ପାଇଁ ଚାଲି ଯାଇଛନ୍ତି ସେଇ ଅଜଣା ଜାଗାକୁ, ଯେଉଁଠିକି ଜଣେ ଗଲେ କେବେ ବି ଫେରେନି । ସେକଥା ଶୁଣି ସମସ୍ତଙ୍କ ପାଦତଳୁ ମାଟି ଖସିଗଲା । ସଂସାର ନ ହଉଣୁ ଉଜୁଡି ଗଲା । ଖବର ଶୁଣି କିଛି ଦିନ ବଞ୍ଚିବାକୁ ଥିବା ଜେଜେ ମା ଚାଲିଗଲେ ଆର ପାରିକୁ । ଝିଅର ଚେତା ଏଯାଏ ଫେରିନି । ସେଦିନର ଦୁଃଖ ଗୋଟେ ବାପା ହିଁ ବୋଧେ କହି ପାରିବେ । ବାତ୍ୟାର ପବନରେ ଧୂଳି ଉଡିଲା ଭଳି ଉଡ଼ିଗଲା ଆରଧ୍ୟାର ଆଶା, ଆକାଂକ୍ଷା ଓ ଭଲ ପାଇବା । ବହୁତ ଚେଷ୍ଟା କଲା ପରେ ତାର ଚେତା ଫେରିଲା । ଅରୁଣକୁ ନପାଇ ବାରମ୍ୱାର ଚେତାଶୂନ୍ୟ ହୋଇ ଯାଉଥାଏ । ଅରୁଣ ସହ ନିଜର ସବୁକିଛି ହରେଇ ବସିଛି । ସ୍ୱପ୍ନର ତାଜମହଲ ନିମିଷେ ଧୂଳିଶାତ ହୋଇଗଲା । ମଗ୍ଣୁଳା ଝିଅକୁ ବାହା ଦେବାପାଇଁ ବାପା ତେଣେ ବର ଖୋଜିବେ, ନା ନିଜ ମଲା ମାଆର ଅନ୍ତିମ ସଂସ୍କାର କରିବେ । ଏଭଳି ଏକ ଘଡିଶନ୍ଧି ମୁହୂର୍ତ୍ତରେ ଝଆରଧ୍ୟା ବାପାଙ୍କ କର୍ତ୍ତବ୍ୟକୁ ଗୁରୁତ୍ୱ ଦେଲା । ଜଣକୁ ଭଲ ପାଇ ଆଉ ଜଣଙ୍କ ପାଖରେ ଜୀବନ କାଟିବାକୁ ଚାହିଁଲା ନାହିଁ । ବାପାଙ୍କୁ ସହଯୋଗ କରି ସବୁକିଛି ବିଧି ପୂର୍ବକ ସମାପନ କଲା । ଅରୁଣର କେଇ ଖଣ୍ଡ ଛବିକୁ ଛାଡିଲେ ତା ପାଖରେ ଆଉ କିଛି ନଥିଲା ।

ଆରଧ୍ୟା ନିଜର ଭଲ ପାଇବାକୁ ଅମର କରିବାକୁ ଯାଇ ଅରୁଣର ପ୍ରତିଛବିକୁ ନେଇ ନିଜର ପରିଚୟ ସୃଷ୍ଟି କଲା । ଘର ପାଖରେ ଏକ ଛୋଟ ଘର ଟିଏ କରି 'ଅରୁଣ ଚାରିଟେବୁଲ ଟ୍ରଷ୍ଟ' ସୃଷ୍ଟି କଲା । ଲୋକଙ୍କ ପାଇଁ ନିଜ ଜୀବନଙ୍କୁ ଉତ୍ସର୍ଗୀକୃତ କରି ଭଲ ପାଇବାର ସୁନ୍ଦର ଉଦାହରଣଟିଏ ସୃଷ୍ଟି କଲା । ଯେତେବେଳେ କିଛି ଅସୁବିଧା ହୁଏ ଅରୁଣ ଫୋଟ ସହ କଥା ହୁଏ । ମଝିରେ ମଝିରେ ଯାଇ ଅରୁଣ ବାପା ମାଙ୍କ ସହ କଥା ହୋଇ ଆସେ । ସେଠି ତାଙ୍କ ଝିଅ ଭଳି ଭଲ ମନ୍ଦ ବୁଝେ । ନିଜର ସୁଖଦ ଭବିଷ୍ୟତକୁ ପଛରେ ଛାଡି ଆଗେଇ ଆସିଛି ସମସ୍ତଙ୍କ ସୁଖ ଦୁଃଖର ସାଥି ହେବା ପାଇଁ । ଅଳ୍ପ ଦିନର ସାଥି ହେଲେ ବି ଅରୁଣ ସହ ଜନ୍ମ ଜନ୍ମ ପାଇଁ ଏକ ହୋଇ ରହିଗଲା ଆରଧ୍ୟା ।

+ଜରାଛାଟ, ରିଆମାଳ, ଦେବଗଡ଼
ମୋ:୭୬୦୯୮୬୨୬୦୮

# ପଂଚାୟତ ନିର୍ବାହୀ ଅଧିକାରୀ ଚାକିରି ପାଇଁ ଶିକ୍ଷକଙ୍କ ଖୋଲା ଅଫର: '୧୪ ଲକ୍ଷ ଦିଅ, ଚାକିରି ନିଅ'

ରାଜନଗର , ୦୯/୦୭ (ନି.ପ୍ର): ଓଡ଼ିଶା ସବ୍ ଅର୍ଡିନେଟ୍ ଷ୍ଟାଫ୍ ସିଲେକ୍ସନ କମିଟି (ଓଏସ୍ଏସ୍ଏସ୍ସି) ପକ୍ଷରୁ ଜୁନିଅର ଆସିଷ୍ଟାଂଟ ଓ ପଂଚାୟତ ନିର୍ବାହୀ ଅଧିକାରୀ ପଦ ପାଇଁ ପରୀକ୍ଷା ଅନୁଷ୍ଠିତ ହେବାକୁ ଯାଉଛି । କିନ୍ତୁ ପରୀକ୍ଷା ପୂର୍ବରୁ ପଂଚାୟତ ନିର୍ବାହୀ ଅଧିକାରୀ ପଦ ପାଇଁ ୧୪ ଲକ୍ଷ ଟଙ୍କା ଦେଲେ ଚାକିରି ମିଳିବାର ପ୍ରତିଶ୍ରୁତି ଦିଆଯାଇ ଟଙ୍କା ଆଦାୟ କରାଯାଉଥିବା ଭଳି ସଂଗିନ୍ ଘଟଣା ସାମ୍ନାକୁ ଆସିଛି । ଏପରିକି ଏହି ପରୀକ୍ଷାର ପ୍ରଶ୍ନପତ୍ର ଆସି ସାରିଛି । ପିଲାମାନେ ତାହାକୁ କପି କରିବା ଆରମ୍ଭ କଲେଣି ବୋଲି ଜଣେ ଶିକ୍ଷକ ଖୋଲାଖୋଲି କହିବା ଘଟଣା ଏବେ ଚର୍ଚ୍ଚାର ପ୍ରସଙ୍ଗ ହୋଇଛି । ଏହା ପଛରେ ଏକ ବଡ଼ ରାକେଟ କାମ କରୁଥିବା ସନ୍ଦେହ କରାଯାଉଛି । ଖବର ଅନୁଯାୟୀ, ଶନିବାର ସନ୍ଧ୍ୟାରେ ରାଜନଗର ବ୍ଲକ୍ ଓସ୍ତିଆ-ବନ୍ଧପାଟଣା ନୋଡାଲ୍ ହାଇସ୍କୁଲର ଖେଳ ଶିକ୍ଷକ ରାଜେଶ କୁମାର ପ୍ରଧାନ ତାଙ୍କର ହ୍ୱାଟ୍ସଆପ୍‌ରେ ଦୁଇଟି ଷ୍ଟାଟସ୍ ଅପ୍‌ଲୋଡ୍ କରିଥିଲେ । ଗୋଟିଏରେ 'ପିଇଓ ଜବ୍ ୧୪ ଲକ୍ଷ, କଂଟାକ୍ଟ ମି ଓ ଅନ୍ୟ ଏକ ଷ୍ଟାଟସ୍‌ରେ 'ଲିମିଟେଡ୍ ଜବ୍ ଅଫର ଲେଖା ଯାଇଥିଲା । ଏହା ଜାଣିବା ପରେ ଜଣେ ପରୀକ୍ଷାର୍ଥୀ ଭାବେ ପରିଚୟ ଦେଇ ସଂପୃକ୍ତ ଶିକ୍ଷକଙ୍କ ସହ ଯୋଗାଯୋଗ କରାଯାଇଥିଲା । ସେ ପଚାରି ଥିଲେ, 'ମୋ ମୋବାଇଲ୍‌ରେ ଆପଣଙ୍କ ନମ୍ବର ସେଭ୍ ନାହିଁ, ଆପଣ ମୋର ଷ୍ଟାଟସ୍ କିପରି ଦେଖିଲେ ଜଣେ ଗାଁ ପିଲା ଦେଖାଇଲା ବୋଲି କହି ଶିକ୍ଷକଙ୍କ ସହ ପିଇଓ ନିଯୁକ୍ତି ପାଇଁ କଥା ହେବା ପରେ ସେ ପିଇଓ ପଦବି ପାଇଁ ଆପଣ ଅବେଦନ କରିଛନ୍ତି କି ଓ କେଉଁଠି ସେଂଟର ପଡ଼ିଛି ବୋଲି ପଚାରିଥିଲେ । କେନ୍ଦ୍ରାପଡ଼ା ସେଂଟର ବୋଲି କହିବା ପରେ ପିଲା ତ ପ୍ରଶ୍ନପତ୍ର ନେଇ ପଳାଇଲେଣି ବୋଲି ସେ କହିଥିଲେ । ତେବେ ସାହାଯ୍ୟ କରିବାକୁ ନେହୁରା ହେବାରୁ 'ମୋତେ ସମ୍ପୂର୍ଣ୍ଣ ବିବରଣୀ ଦିଅ ବୋଲି କହିବା ସହ ଲିପୁଙ୍କୁ ଚିହ୍ନିଛ, ସିଏ ଅବୋଧ ଭାଇ ପୁତୁରା । ତା ପାଖକୁ ଯାଇ ମୋତେ ଫୋନ୍ କରି ସମସ୍ତ ତଥ୍ୟ ଦିଅ । ଯଦି ଲିପୁଙ୍କୁ ଚିହ୍ନିନ, ତାହଲେ କାଳିଆ ଭାଇ ଅଟୋ, ନ ହେଲେ କେଶବ ଭାଇ ପାଖରେ ପହଂଚି କଥା କରାଅ, ନଚେତ୍ କନ୍‌ଫରେନ୍ସରେ କଲ୍ କରି କଥା ହୁଅ ବୋଲି ଶିକ୍ଷକ ଜଣକ କହିଥିଲେ । ଆରମ୍ଭରୁ ଆମେ ଭୁବନେଶ୍ୱରରେ ରହୁଛୁ । ଏଣୁ ଗାଁ ପିଲାଙ୍କ ସହ ସମ୍ପର୍କ ନାହିଁ ବୋଲି ଆମେ କହିବା ସହ ସହଯୋଗ କରିବାକୁ ନିବେଦନ କରିଥିଲୁ । ଏହା ପରେ ସେ କହିଥିଲେ, ପ୍ରଶ୍ନପତ୍ର ଆସିଗଲାଣି । ପିଲା ବସି କଷୁଛନ୍ତି । ତୁମେ ଆଡ୍‌ମିଟ କାର୍ଡ ପଠାଇଦିଅ । ପରୀକ୍ଷା ପୂର୍ବରୁ ଏହି ମୋବାଇଲ ନମ୍ବରକୁ ଫୋନ୍ ପେରେ ୧ ଲକ୍ଷ ଟଙ୍କା ପଠାଇବ । ତେବେ ଷ୍ଟାଟସ୍‌ରେ ୧୪ ଲକ୍ଷ ଟଙ୍କା ଲେଖିଥିବା ବିଷୟରେ ପଚାରିବାରୁ ସେ କହିଥିଲେ ୧୨ ଲକ୍ଷ ଅନ୍ୟମାନଙ୍କ ପାଖକୁ ପଳାଉଛି, ୨ ଲକ୍ଷ ଟଙ୍କା ମୁଁ ନେଉଛି । ତୁମେ ଯେହେତୁ ମୋ ସ୍କୁଲ ପିଲା କହୁଛ, ତେଣୁ ମୋତେ ୧୨ ଲକ୍ଷ ଟଙ୍କା ଦେବ । ପରୀକ୍ଷା ଦେବାକୁ ଆସିବା ବେଳେ 'ଏ-୪ ସାଦା କାଗଜର ଡାହାଣ ପାଖରେ ବାପାଙ୍କଠାରୁ ବୁଢ଼ା ଅଙ୍ଗୁଳି ଟିପ ଚିହ୍ନ ଓ ଦସ୍ତଖତ ଏବଂ ୩ଟି ବ୍ଲାଙ୍କ୍ ଚେକ୍‌ରେ ଆଗରେ ଗୋଟିଏ ଓ ପଛରେ ଦୁଇଟା ଦସ୍ତଖତ ଆଣିବ । ସୋମବାର ମୋ ସହ ଦେଖା ହେବ ବୋଲି ଶିକ୍ଷକ ଜଣକ କହିଥିଲେ । ଏଭଳି ଘଟଣା ଏବେ ଚର୍ଚ୍ଚାର ପ୍ରସଙ୍ଗ ହୋଇଥିବା ବେଳେ ଏହାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ଦାବି ହୋଇଛି ।

# ଚିନ୍ତା ବଢ଼ାଇଲାଣି ଅଭାବୀ ବର୍ଷା: ୧୫ ଜିଲ୍ଲାରେ ନିଅଣ୍ଟିଆ, କଳାହାଣ୍ଡିରେ ଉତ୍କଟ ସ୍ଥିତି

ଭୁବନେଶ୍ୱର , ୦୯/୦୭ (ନି.ପ୍ର): ନିଅଣ୍ଟିଆ ବର୍ଷା ସ୍ଥିତି ଏବେ ଚିନ୍ତା ବଢ଼ାଇଲାଣି । ବିଳମ୍ବରେ ମୌସୁମୀ ଓଡ଼ିଶା ପ୍ରବେଶ କରିଥିଲେ ହେଁ ବର୍ତ୍ତମାନ ସୁଦ୍ଧା ଭଲ ବର୍ଷା ହେଲା ନାହିଁ । ଫଳରେ ସାରା ରାଜ୍ୟରେ ବର୍ଷାକୁ ନେଇ ଉତ୍କଟ ସ୍ଥିତି ଉପୁଜିଛି । ଅଧିକାଂଶ ସ୍ଥାନରେ ଚାଷ ପ୍ରଭାବିତ ହୋଇଥିବା ବେଳେ ଅନ୍ୟ କିଛି ସ୍ଥାନରେ ଚାଷ କାର୍ଯ୍ୟ ଆରମ୍ଭ ହୋଇପାରୁନାହିଁ । ମୌସୁମୀ ଏବେ ସ୍ୱାଭାବିକ ରହିଥିଲେ ମଧ୍ୟ ରାଜ୍ୟର ନିଅଣ୍ଟିଆ ବର୍ଷା ସ୍ଥିତିକୁ ଅଣଦେଖା କରାଯାଇ ନପାରେ । ବର୍ତ୍ତମାନ ସୁଦ୍ଧା ଦେବଗଡ଼ ଓ ଝାରସୁଗୁଡ଼ା ଜିଲ୍ଲାରେ ସ୍ୱାଭାବିକଠାରୁ ଅଧିକ ବର୍ଷା ହୋଇଥିବା ବେଳେ ୧୧ ଜିଲ୍ଲାରେ ସ୍ୱାଭାବିକ ବର୍ଷା ହୋଇଛି । କିନ୍ତୁ ୧୫ଟି ଜିଲ୍ଲାରେ ନିଅଣ୍ଟିଆ ବର୍ଷା ଓ ଗୋଟିଏ ଜିଲ୍ଲାରେ ଅତି ନିଅଣ୍ଟିଆ ବର୍ଷା ହୋଇଛି । ଏବେ ରାଜ୍ୟରେ ବର୍ଷା ଜାରି ରହିଥିଲେ ମଧ, ବିଶେଷ ପ୍ରଭାବ ନାହିଁ । ଅନ୍ୟପଟେ ୧୦ ତାରିଖ ଆଡ଼କୁ ମୌସୁମୀ ଟ୍ରଫ୍‌ଲାଇନ୍ ଉତ୍ତରାଭିମୁଖୀ ହେବ । ଯାହାଦ୍ୱାରା ରାଜ୍ୟରେ ବର୍ଷା କମିବ । ଜୁଲାଇ ଶେଷ ସପ୍ତାହ ଆଡ଼କୁ ମୌସୁମୀ ବର୍ଷା ବଢ଼ିପାରେ । କିନ୍ତୁ ଏହି ବର୍ଷା ଜୁଲାଇର ନିଅଣ୍ଟିଆ ବର୍ଷା ସ୍ଥିତିକୁ ଭରଣା କରିବାରେ ଅସଫଳ ହେବ ବୋଲି ପାଣିପାଗ ବିଜ୍ଞାନୀମାନେ କହିଛନ୍ତି । ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ମୁତାବକ, ୧ ଜୁନ୍‌ରୁ ୮ ଜୁଲାଇ ମଧ୍ୟରେ ରାଜ୍ୟରେ ୨୪% କମ୍ ବର୍ଷା ହୋଇସାରିଲାଣି । ଏହି ସମୟ ମଧ୍ୟରେ ରାଜ୍ୟରେ ସର୍ବମୋଟ୍ ୨୨୭.୨ ମିମି ବର୍ଷା ରେକର୍ଡ ହୋଇଛି । ଯାହାକି ସ୍ୱାଭାବିକ ବର୍ଷା ୨୮୬.୮ ମିମି ତୁଳନାରେ ୨୪% କମ୍ । ଏଥିସହ ରାଜ୍ୟର ୧୫ ଜିଲ୍ଲାରେ ଅଭାବୀ ବର୍ଷାକୁ ନେଇ ସାଂଘାତିକ ସ୍ଥିତି ସୃଷ୍ଟି ହୋଇଛି । ସେହି ୧୫ ଜିଲ୍ଲାଗୁଡ଼ିକ ହେଲା, ମୟୂରଭଞ୍ଜ (-୫୨%), ବାଲେଶ୍ୱର (-୩୮%), ଯାଜପୁର(-୩୪%), କେନ୍ଦ୍ରାପଡ଼ା (-୪୮%), କଟକ(-୩୬%), ଜଗତସିଂହପୁର(-୪୦%), ପୁରୀ (-୪୪%), ଗଞ୍ଜାମ(-୪୫%), ଗଜପତି (-୨୪%), ରାୟଗଡ଼ା(-୫୪%), କନ୍ଧମାଳ (-୪୭%), ବୌଦ୍ଧ (-୨୦%), ସୋନପୁର (-୩୫%), ବଲାଙ୍ଗୀର (-୪୦%) ଓ ନବରଙ୍ଗପୁର (-୫୦%) । ଏଥିସହ କଳାହାଣ୍ଡିରେ ଅତି ନିଅଣ୍ଟିଆ ବର୍ଷା ରେକର୍ଡ ହୋଇଯାଇଛି । ପାଣିପାଗ କେନ୍ଦ୍ରର ସୂଚନା ମୁତାବକ, କଳାହାଣ୍ଡି ଜିଲ୍ଲାରେ ଜୁନ୍ ୧ରୁ ଜୁଲାଇ ୮ ତାରିଖ ମଧ୍ୟରେ ୧୨୩.୫ ମିମି ବର୍ଷା ହୋଇଯାଇଛି । ଯାହାକି ସ୍ୱାଭାବିକ ବର୍ଷା ୩୪୦.୬ ମିମି ତୁଳନାରେ ୬୪% କମ୍ । ଅନ୍ୟପଟେ ସାରା ରାଜ୍ୟର ନିଅଣ୍ଟିଆ ବର୍ଷା ସ୍ଥିତି ଚାଷୀ କୂଳକୁ ଚିନ୍ତାରେ ପକାଇଛି । ପାଣିପାଗ କେନ୍ଦ୍ର କହିଛି, ଆଜି ସୁନ୍ଦରଗଡ଼, ଦେବଗଡ଼, କେନ୍ଦୁଝର, ମୟୂରଭଞ୍ଜ, କୋରାପୁଟ, ରାୟଗଡ଼ା ଓ ଗଜପତି ଆଦି ଜିଲ୍ଲାର କିଛି ସ୍ଥାନରେ ପ୍ରବଳ ବର୍ଷା ହୋଇପାରେ । ସେହିଭଳି ମାଲକାନଗିରି, କୋରାପୁଟ, ନବରଙ୍ଗପୁର, ବରଗଡ଼, ଝାରସୁଗୁଡ଼ା, ସମ୍ବଲପୁର ଓ ସୁନ୍ଦରଗଡ଼ ଜିଲ୍ଲାରେ ୧୦ ତାରିଖ ଦିନ ପ୍ରବଳ ବର୍ଷିପାରେ । କିନ୍ତୁ ଏହି ବର୍ଷା ରାଜ୍ୟର ନିଅଣ୍ଟିଆ ବର୍ଷା ସ୍ଥିତି ଭରଣା କରିପାରିବ ନାହିଁ । ଆସନ୍ତା ୧୨ ତାରିଖ ଯାଏ ରାଜ୍ୟର ବିଭିନ୍ନ ସ୍ଥାନରେ ଏହିଭଳି ବର୍ଷା ହୋଇପାରେ ।

# ଆନ୍ଧ୍ର ପଶିଲା ପରେ ନିଦ ହଜିଲା

କୋରାପୁଟ , ୦୯/୦୭ (ନି.ପ୍ର): ଗାଁର ଅବସ୍ଥିତି ଓଡ଼ିଶାରେ । କିନ୍ତୁ କିଛି ମାସ ପୂର୍ବରୁ ରାସ୍ତା ନଥିଲା । ସରକାରୀ ରେକର୍ଡରେ ନାମ, ବୟସ, ଠିକଣା ରହିଛି । ଅଥଚ କେ ?ଣସି ସରକାରୀ ଯୋଜନାରେ ନାମ ନାହିଁ । ନା ମିଳୁଛି ଜୀବିକା, ନା ମିଳୁଛି ମୌଳିକ ସୁବିଧା । ବର୍ଷ ବର୍ଷ ଧରି ନିଜ ଭାଗ୍ୟକୁ ଆଦରି ରହିଛନ୍ତି କୋରାପୁଟ ଜିଲ୍ଲା ନନ୍ଦପୁର ବ୍ଲକ୍ ଅନ୍ତର୍ଗତ ରାଇପାହାଡ଼ ଗ୍ରାମବାସୀ । ଆନ୍ଧ୍ର ଅନୁପ୍ରବେଶ କରିନଥିଲେ ଏହି ଗାଁର ବାସ୍ତବ ଚିତ୍ର ଆଦୌ ସାମ୍ନାକୁ ଆସିନଥାନ୍ତା । ସେହିପରି ଆନ୍ଧ୍ର ନିଜ ଯୋଜନା କାର୍ଯ୍ୟକାରୀ କରିନଥିଲେ ଓଡ଼ିଶା ମଧ ତତ୍ପରତା ଦେଖାଇନଥାନ୍ତା । ନୁଆଁଣିଆ ଝାଟିମାଟି ଘରେ ଆଶ୍ରୟ ନେଇଛନ୍ତି ରାଇପାହାଡ଼ ଗ୍ରାମବାସୀ । କିଛି ମାସ ତଳେ ଆନ୍ଧ୍ର ୬ପରିବାରକୁ ପକ୍କାଘର ପାଇଁ କାର୍ଯ୍ୟାଦେଶ ଦେଇଛି । ନିର୍ମାଣ କାମ ଆରମ୍ଭ ହୋଇଥିଲେ ସୁଦ୍ଧା ସଂପୂର୍ଣ୍ଣ ହୋଇନାହିଁ । ଓଡ଼ିଶା ପକ୍ଷରୁ ପକ୍କାଘର କେବଳ ଘୋଷଣାରେ ସୀମିତ ହୋଇ ରହିଯାଇଛି । ସେହିପରି ଗାଁର ୧୨ଜଣ ବୃଦ୍ଧବୃଦ୍ଧା ଭତା କଣ, ସରକାର କାହିଁକି ଦେଉଛନ୍ତି ଜାଣିନାହାନ୍ତି । କାରଣ ଏମାନଙ୍କୁ ଭତା ଯୋଜନାରେ ସାମିଲ କରାଯାଇନି । ଖାଦ୍ୟ ସୁରକ୍ଷା ଯୋଜନାର କୌଣସି ଚିହ୍ନବର୍ଣ୍ଣ ଏହି ଦୁର୍ଗମ ତଥା ଅବହେଳିତ ଗାଁରେ ନାହିଁ । ସ୍ୱାସ୍ଥ୍ୟସେବା କହିଲେ ଭଗବାନ ଭରସା । ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେଲେ ଆନ୍ଧ୍ର ଡାକ୍ତରଖାନା ଉପରେ ନିର୍ଭରଶୀଳ । ଜଣେ ବି ପରିବାର ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ଅନ୍ତର୍ଭୁକ୍ତ ହୋଇନାହାନ୍ତି । ପାହାଡ଼ କୋଳରେ ରହିଥିବା ଏହି ଗାଁର ବାସିନ୍ଦାଙ୍କ ଜୀବିକା କଥା କିଏ ବା କାହିଁ ଚିନ୍ତା କରିବ । ତେଣୁ ମନରେଗା ମଧ କାର୍ଯ୍ୟକାରୀ ହେଉନି । ଏହି ଗାଁର ଜଣେ ମାତ୍ର ବୃଦ୍ଧାଙ୍କ ଓଡ଼ିଶାରେ ବ୍ୟାଙ୍କ ଆକାଉଂଟ ରହିଛି । ଅନ୍ୟପକ୍ଷରେ ଆନ୍ଧ୍ର ପକ୍ଷରୁ ବହୁ ପୂର୍ବରୁ ହିଁ ଅନେକ ଯୋଜନାରେ ସାମିଲ କରାଯାଇଥିଲା । ଆନ୍ଧ୍ରର ରାସନକାର୍ଡରେ କିଛି ବର୍ଷ ପର୍ଯ୍ୟନ୍ତ ଶସ୍ତାରେ ଚାଉଳ ପାଉଥିଲେ ଗ୍ରାମବାସୀ । ୨୦୧୯ ମସିହାରେ ସେହି ରାସନକାର୍ଡର ଅବଧି ଶେଷ ହୋଇଯିବାରୁ ଆଉ ଚାଉଳ ମିଳୁନି । ସ୍ୱାସ୍ଥ୍ୟସେବା ନିମନ୍ତେ ଆନ୍ଧ୍ର ବୀମାଭୁକ୍ତ କରିଥିଲା, ଯାହାର ଅବଧି ୨୦୧୯ ମସିହାରେ ଶେଷ ହୋଇଛି । ଅନ୍ୟ ଯୋଜନାରେ ବି ଗ୍ରାମବାସୀଙ୍କୁ ଆନ୍ଧ୍ର ସାମିଲ କରିଥିଲା । ସେଥିରୁ କିଛି ଯୋଜନାର ଅବଧି ଶେଷ ହୋଇଛି ଏବଂ କିଛି ଯୋଜନା ଏବେ ବି କାର୍ଯ୍ୟକାରୀ ହେଉଛି । ବିଡ଼ମ୍ବନା ହେଲା କେନ୍ଦ୍ର ସରକାରଙ୍କ ଯୋଜନାକୁ ଏହି ଗାଁରେ ଲାଗୁ କରିବାକୁ ମଧ ପ୍ରଶାସନ ଭୁଲି ଯାଇଛି । ଉଜ୍ଜ୍ୱଳା, ସୌଭାଗ୍ୟ, ପାଇଖାନା ଭଳି ଯୋଜନାରେ ଗ୍ରାମବାସୀ ଉପକୃତ ହେଉନାହାନ୍ତି । ଓଡ଼ିଶା ପକ୍ଷରୁ କାହିଁକି କୌଣସି ଯୋଜନାରେ ଗ୍ରାମବାସୀ ଉପକୃତ ହେଉନାହାନ୍ତି ତାହାର ଅନୁସନ୍ଧାନ କରିବାରୁ ଚକିତ କରିବା ଭଳି ତଥ୍ୟ ମିଳିଥିଲା ।

# ବିଟ୍‌କଏନ୍ ଲୋଭ ଦେଖାଇ ଠକିନେଲେ ୪୩ ଲକ୍ଷ: ଋଣ କରି ଟଙ୍କା ଲଗାଇଥିଲେ ୨ ଆଇଟି ଯୁବକ



କଟକ , ୦୯/୦୭ (ନି.ପ୍ର): କଟକ ସହରରେ ବିଟକଏନ୍ କିଣିବା ଲୋଭରେ ଫସି ଯାଇଛନ୍ତି ଦୁଇ ଆଇଟି ବୃତ୍ତିଧାରୀ ଯୁବକ । ଏକ ନକଲି ବିଟ୍ କଏନ ୱେବସାଇଟ୍‌ରେ ଟଙ୍କା ଲଗାଇ ୪୩ ଲକ୍ଷ ଟଙ୍କା ଠକେଇର ଶିକାର ହୋଇଛନ୍ତି । ଉଭୟ ଏ ନେଇ କଟକ କମିସନରେଟ୍ ପୁଲିସର ସାଇବର୍ ଥାନାରେ ଅଭିଯୋଗ କରିଛନ୍ତି । ପୁଲିସ ଦୁଇଟି ମାମଲା ରୁଜୁ କରିଥିବା ବେଳେ ଘଟଣାର ତଦନ୍ତ ଆରମ୍ଭ କରିଛି । ଏମାନେ ବ୍ୟାଙ୍କରୁ ପର୍ସନାଲ୍ ଲୋନ୍ (ବ୍ୟକ୍ତିଗତ ଋଣ) କରି ଏହି ଟଙ୍କା ଲଗାଇଥିଲେ । ସୂଚନା ଅନୁଯାୟୀ, ସିଡିଏ ଓ ପୁରୀଘାଟ ଅଞ୍ଚଳରେ ରହୁଥିବା ଏହି ଦୁଇ ଯୁବକଙ୍କୁ ଗଲା ଦୁଇ ମାସ ତଳେ ଏକ ଅଜଣା ହ୍ୱାଟସଆପ୍ ନମ୍ବରରୁ ମେସେଜ୍ ଆସିଥିଲା । ଏକ ହୋଟେଲର ରିଭ୍ୟୁ କରିବାକୁ କୁହାଯାଇଥିଲା । ଏଥିପାଇଁ ସେମାନଙ୍କୁ ଟଙ୍କା ମିଳିବ ବୋଲି ଲୋଭନୀୟ ପ୍ରତିଶ୍ରୁତି ଦିଆଯାଇଥିଲା । ଏଥିରେ ସେମାନେ ରାଜି ହୋଇ ଯାଇଥିଲେ । ହ୍ୱାଟସଆପରୁ ପରେ ସେମାନଙ୍କୁ ଟେଲିଗ୍ରାମର ଏକ ଗ୍ରୁପରେ ଯୋଡ଼ି ଦିଆଯାଇଥିଲା । ସେଠାରେ ପ୍ରଥମେ ପ୍ରତି ଟାସ୍କ ପିଛା ଟଙ୍କା ସାଙ୍ଗେ ସାଙ୍ଗେ ମିଳିଯାଉଥିଲା । ପରେ ୨୪ଟି ଟାସ୍କ କରିବାକୁ କୁହାଯାଇଥିଲା । ପ୍ରତି ଟାସ୍କ ପାଇଁ ଅଗ୍ରୀମ ଟଙ୍କା ପୈଠ କରିବାକୁ ଏହି ଦୁଇ ଯୁବକଙ୍କୁ କୁହାଯାଇଥିଲା । ଟଙ୍କା ପୈଠ କରି ଟାସ୍କ ନେଇଥିଲେ । ଟାସ୍କ ଶେଷ ହେବା ପରେ ଉକ୍ତ ଟଙ୍କା ଫେରସ୍ତ ସହିତ ୩୦ ପ୍ରତିଶତ କମିସନ ବି ପାଉଥିଲେ । ଏହାସହିତ ଅନ୍‌ଲାଇନରେ ବିଭିନ୍ନ ଭିଡିଓ, ମେସେଜ୍, ଫଟୋ ଓ ଲିଙ୍କ୍‌କୁ ଲାଇକ୍ ଓ ସେୟାର କରିବାକୁ କୁହାଯାଇଥିଲା । ଏଥିପାଇଁ ଦୈନିକ ମାତ୍ର ୧୦ରୁ ୧୫ ମିନିଟ୍ କାମ କଲେ ୧୫ଶହରୁ ୨ ହଜାର ଟଙ୍କା ମିଳିବା ନେଇ କୁହାଯାଇଥିଲା । ସେମାନେ ଏହି କାମ ପାଇଁ ରାଜି ହେବାରୁ କାମ ଆରମ୍ଭ ହୋଇଥିଲା । ଏହି ଯୁବକ ଦ୍ୱୟ ଅଗ୍ରୀମ ଟଙ୍କା ଦେଇ ଟାସ୍କ ଆଣୁଥିଲେ । ପରେ ୩୦ ପ୍ରତିଶତ କମିସନର ସହିତ ମୂଳ ଟଙ୍କା ପାଉଥିଲେ । ଏହା ସହିତ ଟେଲିଗ୍ରାମ୍ ଗ୍ରୁପ୍ ମାଧ୍ୟମରେ ଏହି ଦୁଇ ଆଇଟି ଯୁବକଙ୍କୁ ଏକ ନକଲି କ୍ରିପଟ୍ଟୋ କରେନ୍ସି ୱେବସାଇଟ ସହିତ ଯୋଡ଼ିଥିଲେ । ସେଠାରେ ବିଟ୍‌କଏନ୍ କିଣିବାକୁ କହିଥିଲେ । କଏନ କିଣିଲେ ଏଥିରୁ ଭଲ ଅର୍ଥ ରୋଜଗାର ହେଉଥିବା ନେଇ ପ୍ରଲୋଭିତ କରିଥିଲେ । ଏଥିରେ ବି ଯୁବକମାନେ ଲୋଭରେ ଟଙ୍କା ଲଗାଇଥିଲେ । କିନ୍ତୁ ହଠାତ ଟଙ୍କା ଓ କମିସନ ମିଳିବା ବନ୍ଦ ହୋଇଯାଇଥିଲା । ସିଡିଏର ଯୁବକଙ୍କ ନିକଟରୁ ୨୦ ଲକ୍ଷ ଟଙ୍କା ନେଇସାରିଥିବା ବେଳେ ଆହୁରି ୨୩ ଲକ୍ଷ ଟଙ୍କା ଜମା କରିବାକୁ କହିଥିଲେ । କିନ୍ତୁ ସେ ଠକାମିରେ ପଡ଼ିଯାଇଥିବା ସନ୍ଦେହ କରି ଟଙ୍କା ଜମା କରିନଥିଲେ । ସେହିଭଳି ପୁରୀଘାଟର ଯୁବକ ୨୩ ଲକ୍ଷ ୭୮ ହଜାର ଟଙ୍କା ଏଭଳି ଉପାୟରେ ଜମା କରି ଠକି ଯାଇଛନ୍ତି । ସାଇବର୍ ଥାନା ପୁଲିସ ଦୁଇଟି ପୃଥକ ମାମଲା ରୁଜୁ କରିଥିବା ବେଳେ ଠକଙ୍କ ହ୍ୱାଟସଆପ୍, ଟେଲିଗ୍ରାମ୍ ଓ ବ୍ୟାଙ୍କ ଆକାଉଣ୍ଟ ତଥ୍ୟ ଯାଞ୍ଚ କରିଛି । ଉଭୟ ଟେଲିଗ୍ରାମ୍ ଓ ହ୍ୱାଟସଆପ୍ ଆକାଉଣ୍ଟ ଖୋଲିବା ପାଇଁ ସାଇବର୍ ଅପରାଧୀମାନେ ଭର୍ଚୁଆଲ୍ ଆକାଉଣ୍ଟ ଖୋଲିଥିବା ତଦନ୍ତରୁ ଜଣାପଡ଼ିଛି । ଯାହା ଫଳରେ ଏହି ଆକାଉଣ୍ଟଗୁଡ଼ିକ ଟ୍ରେସ୍ କରିହେବ ନାହିଁ । ବ୍ୟାଙ୍କ ଆକାଉଣ୍ଟଗୁଡ଼ିକ ମୁମ୍ବାଇ, ଦିଲ୍ଲୀ, ଛତିଶଗଡ଼, ବିହାର, କଲିକତାରରୁ ନିୟନ୍ତ୍ରଣ ହେଉଥିବା ଜଣାପଡ଼ିଛି । ତେବେ ଯେଉଁ ବ୍ୟକ୍ତିଙ୍କ ନାଁରେ ଏହି ବ୍ୟାଙ୍କ୍ ଆକାଉଣ୍ଟ ରହିଛି, ଉକ୍ତ ବ୍ୟକ୍ତିଙ୍କୁ ଠାବ କରିବାକୁ ରାଜ୍ୟ ବାହାରକୁ ସାଇବର୍ ଥାନା ପୁଲିସ ଯିବାକୁ ଯୋଜନା କରୁଥିବା ସାଇବର୍ ଥାନା ପୁଲିସ ପକ୍ଷରୁ ସୂଚନା ମିଳିଛି ।

# ରଦ୍ଦହୋଇଛି ୩୧ ସାଂସଦଙ୍କ ସଭ୍ୟପଦ: ଓଡ଼ିଶାରୁ ୪

ବଲାଙ୍ଗୀର , ୦୯/୦୭ (ନି.ପ୍ର): ଅଦାଲତରେ ଦୋଷୀ ସାବ୍ୟସ୍ତ ହେଲା ପରେ ଅଦ୍ୟାବଧି ରାହୁଲ ଗାନ୍ଧିଙ୍କ ସମେତ ଦେଶର ୫ ଜଣ ସାଂସଦଙ୍କୁ ସମ୍ବିଧାନର ୧୦୨ (୧) (ଇ) ଅନୁଚ୍ଛେଦ ଓ ଲୋକ ପ୍ରତିନିଧି ଆଇନ-୧୯୫୧ର ଧାରା ୮ ଦ୍ୱାରା ଅଯୋଗ୍ୟ ଘୋଷଣା କରାଯାଇଛି । ଲୋକସଭା ସଚିବାଳୟ ପକ୍ଷରୁ ବଲାଙ୍ଗୀରର ବିଶିଷ୍ଟ ସୂଚନା ଅଧିକାର କର୍ମୀ ହେମନ୍ତ ପଣ୍ଡାଙ୍କୁ ଏହି ତଥ୍ୟ ପ୍ରଦାନ କରାଯାଇଛି । ଏହି ଆଇନ ଦ୍ୱାରା ଅଯୋଗ୍ୟ ଘୋଷଣା କରାଯାଇଥିବା ଲୋକସଭା ସାଂସଦମାନେ ହେଲେ ଲାଲୁ ପ୍ରସାଦ ଯାଦବ, ଜଗଦୀଶ ଶର୍ମା, ମହମ୍ମଦ ଫୈଜଲ, ରାହୁଲ ଗାନ୍ଧି ଓ ଆଫଜଲ ଅନସାରୀ । ଲାଲୁ ପ୍ରସାଦ ଓ ଜଗଦୀଶ ଶର୍ମା ପଞ୍ଚଦଶ ଲୋକସଭାର ସଭ୍ୟ ଥିବା ବେଳେ ମହମ୍ମଦ ଫେଜଲ, ରାହୁଲ ଗାନ୍ଧି ଓ ଆଫଜଲ ଅନସାରୀ ସପ୍ତଦଶ ତଥା ଚଳିତ ଲୋକସଭାର ସଭ୍ୟ ଭାବେ ନିର୍ବାଚିତ ହୋଇଥିଲେ । ରାହୁଲ ମାନହାନି ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଥିବା ବେଳେ ତାଙ୍କ ବ୍ୟତୀତ ଅନ୍ୟ ଚାରିଜଣ ଗୁରୁତର ଅପରାଧିକ ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଥିଲେ । ଏହା ବ୍ୟତୀତ ସମ୍ବିଧାନର ଦଶମ ଅନୁସୂଚୀର ପ୍ରାବଧାନ ଅନୁଯାୟୀ ଅଷ୍ଟମ ଲୋକସଭାରୁ ଆଜି ପର୍ଯ୍ୟନ୍ତ ( ୩୧ ଡିସେମ୍ବର ୧୯୮୪ ମସିହାରୁ ଆଜିସୁଦ୍ଧା) ଓଡ଼ିଶାରୁ ଜଣ ସାଂସଦଙ୍କ ସହ ମୋଟ ୨୬ ଜଣଙ୍କୁ ଅଯୋଗ୍ୟ ଘୋଷଣା କରାଯାଇଛି । ଚତୁର୍ଦ୍ଦଶ ଲୋକସଭା ପରେ ଅର୍ଥାତ ମେ ୨୦୦୯ ମସିହା ପରେ ସମ୍ବିଧାନର ଦଶମ ଅନୁସୂଚୀ ପ୍ରୟୋଗ କରାଯାଇ କାହାକୁ ଅଯୋଗ୍ୟ ଘୋଷିତ କରାଯାଇ ନାହିଁ । ଅଯୋଗ୍ୟ ଘୋଷିତ ତତ୍କାଳୀନ ସାଂସଦଙ୍କ ମଧ୍ୟରେ ଓଡ଼ିଶାର ଭାଗେ ଗୋବର୍ଦ୍ଧନ, ଦେବାନନ୍ଦ ଅମାତ, ଗୋବିନ୍ଦ ଚନ୍ଦ୍ରମୁଣ୍ଡା ଓ ହରିହର ସ୍ୱାଇଁ ରହିଥିବା ସୂଚନା ଅଧିକାର କର୍ମୀ ଶ୍ରୀ ପଣ୍ଡା ଜଣାଇଛନ୍ତି ।

# ବୈଜୟନ୍ତ ପଣ୍ଡାଙ୍କ ଉଦ୍ୟମରେ ମଧ ଆଫ୍ରିକାରୁ ଫେରିଲେ ୪ ଓଡିଆ ଯୁବକ

ଭୁବନେଶ୍ୱର, ୦୯/୦୭ (ନି.ପ୍ର): ବରିଷ୍ଠ ବିଜେପି ନେତା ତଥା ରାଷ୍ଟ୍ରୀୟ ଉପସଭାପତି ବୈଜୟନ୍ତ ପଣ୍ଡା ଉଦ୍ୟମରେ ଗବୋନ (ମଧ ଆଫ୍ରିକା)ରେ ଫସିଥିବା ୪ ଓଡିଆ ଯୁବକ ଗତ ଆଜି ସକାଳେ ନିଜର ଜନ୍ମସ୍ଥାନରେ ପହଂଚିଛନ୍ତି । ଏହି ଯୁବକ ମାନଙ୍କୁ ଭାରତ ଫେରାଇ ଆଣିବା ପାଇଁ ଭାରତୀୟ ରାଷ୍ଟ୍ରଦୂତଙ୍କୁ ହସ୍ତକ୍ଷେପ କରିବାକୁ ଏକ ଚିଠି ଲେଖି ଶ୍ରୀ ପଣ୍ଡା ନିବେଦନ କରିଥିଲେ । ଏଠାରେ ସୂଚନାଯୋଗ୍ୟ ଯେ କେନ୍ଦ୍ରାପଡା ଜିଲ୍ଲାର ରାଜନଗର ଥାନା ଅନ୍ତର୍ଗତ ଘଡିଆମାଳ ଗ୍ରାମର ବିଦ୍ୟାଧର ପ୍ରଧାନ, ପିତା- ବିଜୟ ପ୍ରଧାନ, ଶୁଭ୍ରକାନ୍ତ ପ୍ରଧାନ, ପିତା- ସୁଦର୍ଶନ ପ୍ରଧାନ, ପ୍ରଶାନ୍ତ କୁମାର ରାଉତ, ପିତା- ପରମେଶ୍ୱର ରାଉତ ଏବଂ ନିରଞ୍ଜନ ମହାନ୍ତି, ପିତା- ଭଗବାନ ମହାନ୍ତି ଅଧିକ ରୋଜଗାର ଆଶାରେ ଏକ ଏଜେଂଟଙ୍କ ଜରିଆରେ ଚଳିତ ବର୍ଷ ଫେବୃଆରୀ ୧୪ ତାରିଖରେ ଗବୋନ ଯାଇଥିଲେ । କମ୍ପାନୀ କର୍ତ୍ତୃପକ୍ଷ ମାସିକ ୨୫,୦୦୦/- ଟଙ୍କା ବେତନ ପ୍ରତିଶୃତି ଦେଇଥିଲେ କିନ୍ତୁ ୩ ମାସରୁ ଅଧିକ ସମୟ ବିତିଯାଇଥିଲେ ମଧ କୌଣସି ପାରିଶ୍ରମିକ ନଦେଇ ବିଭିନ୍ନ ପ୍ରକାର ନିର୍ଯ୍ୟାତନା ଦେଇ କାର୍ଯ୍ୟରେ ଲଗାଇଥିଲେ । ବହୁ ଅନୁରୋଧ ପରେ ମଧ ସେମାନେ ପାରିଶ୍ରମିକ ଦେଉନଥିଲେ କିମ୍ବା ସ୍ୱଦେଶ ଫେରିବାକୁ ଛାଡୁନଥିଲେ । ଉପାୟଶୂନ୍ୟ ହୋଇ ପରିବାର ଲୋକ ସେମାନଙ୍କୁ ସ୍ୱଦେଶ ଫେରାଇ ଆଣିବା ପାଇଁ ଶ୍ରୀ ପଣ୍ଡାଙ୍କ ହସ୍ତକ୍ଷେପ ଲୋଡିଥିଲେ । ଅନୁରୋଧକ୍ରମେ ଶ୍ରୀ ପଣ୍ଡା ଭାରତୀୟ ରାଷ୍ଟ୍ରଦୂତଙ୍କ ସହ ଯୋଗାଯୋଗ କରି ଏ ବିଷୟରେ ଅବଗତ କରିବା ସହ ତୁରନ୍ତ ଏ ଦିଗରେ ପଦକ୍ଷେପ ନେଇ ସମସ୍ତଙ୍କୁ ସୁରକ୍ଷିତ ଭାରତ ଫେରାଇ ଆଣିବା ସଙ୍ଗେ ସଙ୍ଗେ ସହାୟତା ଯୋଗାଇଦେବାକୁ ନିବେଦନ କରିଥିଲେ ।

# ଜିଲ୍ଲାସ୍ତରୀୟ ଲୋକ ଅଦାଲତରେ ବିଭିନ୍ନ ମାମଲା ଫଇସଲା

ଜୟପୁର, ୦୯/୦୭ (ନି.ପ୍ର): ଜାତୀୟ ଆଇନସେବା ପ୍ରାଧିକରଣ ଓ ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣଙ୍କ ନିର୍ଦ୍ଦେଶ ଅନୁଯାୟୀ ଆଜି ଜିଲ୍ଲା ଆଇନ ସେବା ପ୍ରାଧିକରଣ, କୋରାପୁଟ-ଜୟପୁର ଆନୁକୂଲ୍ୟରେ ତଥା କୋରାପୁଟ, ବୋରୀଗୁମ୍ମା, ଲକ୍ଷ୍ମୀପୁର, ସେମିଳିଗୁଡାର, ଲମତାପୁଟ ବିଭିନ୍ନ ଅଦାଲତରେ ପଡିରହିଥିବା ଭିନ୍ନ ଭିନ୍ନ ମୋକଦ୍ଦମା ଗୁଡିକର ସମାଧାନ କରାଯାଇଥିଲା । ଜିଲ୍ଲା ବିଚାରଳୟ ପରିସର ଜୟପୁର ତଥା କୋରାପୁଟ ଜିଲ୍ଲାର ଅନ୍ୟାନ୍ୟ ବିଚାରାଳୟରେ ମଧ ୨୦୨୩ର ଦ୍ୱିତୀୟ ଜିଲ୍ଲା ସ୍ତରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଅଛି । ଏହି ଜିଲ୍ଲା ସ୍ତରୀୟ ଲୋକ ଅଦାଲତରେ ପ୍ରାୟ ସମସ୍ତ ପ୍ରକାରର ବିଚାରାଧିନ ମୋକଦ୍ଦମା ଯଥା ମୋଟର ଦୁର୍ଘଟଣା ଜନିତ କ୍ଷତିପୂରଣ, ପାରିବାରିକ ବିବାଦ ମାମଲା, ଘ.ଓ. ଇମସ୍ତ୍ର ମବସ୍ତ୍ରରସ୍ତ୍ର ଟ/ସ୍ତ୍ର.୧୩୮ ମାମଲା ଇତ୍ୟାଦିର ଆପୋଷ ସହମତିରେ ସମାଧାନ କରାଯାଇଥିଲା । ଏହି ଜିଲ୍ଲା ସ୍ତରୀୟ ଲୋକ ଅଦାଲତରେ ଜିଲ୍ଲା ଦୌରା ଜଜ୍ ତଥା ଅଧ୍ୟକ୍ଷ ଜିଲ୍ଲା ଆଇନ ସେବା ପ୍ରାଧିକରଣ, କୋରାପୁଟ-ଜୟପୁର ସତ୍ୟ ନାରାୟଣ ମିଶ୍ର, ସ୍ୱତନ୍ତ୍ର ବିଚାରପତି ଭିଜିଲାନ୍ସ ରାଜେଶ ଏକ୍କା, ପରିବାର ଅଦାଲତର ବିଚାରପତି ଡଃ. ପବିତ୍ର ମୋହନ ସାମଲ, ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ତଥା ସ୍ୱତନ୍ତ୍ର ପୋକ୍ସୋ ଅଦାଲତ ଶ୍ରୀ ସି.ଏଚ. ବାସୁଦେବ ପାତ୍ର, ମୁଖ୍ୟ ବିଚାରବିଭାଗୀୟ ଦଣ୍ଡାଧିକାରୀ ଦିଲୀପ କୁମାର ସାହୁ, ରେଜିଷ୍ଟାର୍ ସିଭିଲ୍ କୋର୍ଟ, ବିଷ୍ଣୁ ପ୍ରାସାଦ ଦେବତା, ବରିଷ୍ଠ ଦେୱାନୀ ବିଚାରପତି ଶ୍ରୀମତୀ ରେଖାରାଣୀ ପଣ୍ଡା, ବରିଷ୍ଠ ଦେୱାନୀ ବିଚାରପତି(ମହିଳା ବିଚାରପତି) ଶ୍ରୀମତୀ ଅଞ୍ଜଳି ମାଛଖଣ୍ଡ, ସଚିବ ତଥା ସ୍ଥାୟୀ ଓ ନିରନ୍ତର ଲୋକ ଅଦାଲତ ବିଚାରପତି ସୁମନ ଜେନା ଏସ୍.ଡି.ଜେ.ଏମ୍, ସନ୍ତୋଷ କୁମାର ବାରିକ ଓ ଆଦର୍ଶ କୁମାର ବେହେରା ଉପସ୍ଥିତ ରହି ମୋକଦ୍ଦମା ସମାଧାନ କରିଥିଲେ । ଏହା ବ୍ୟତୀତ ଜୟପୁର ଓକିଲ ସଂଘର ବରିଷ୍ଠ ଆଇନଜୀବୀ ଶଶାନନ୍ଦ ମିଶ୍ର, ତ୍ରିନାଥ ସିଂ ଲାଲ୍, ଜେ. ସତ୍ୟନାରାୟଣ ଆଚାରୀ, ମନୋଜମାଳା ଦିନବନ୍ଧୁ ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ମାମଲା ସମାଧାନ କରିବାରେ ସହଯୋଗ କରିଥିଲେ । ଏହି ଲୋକ ଅଦାଲତରେ ସମୁଦାୟ ମୋକଦ୍ଦମା ୧୭୪ ଗୋଟିରୁ ୮ ଗୋଟି ମୋଟର ଦୁର୍ଘଟଣାଜନିତ କ୍ଷତିପୂରଣ ମାମଲା, ୮ ପାରିବାରିକ ବିବାଦ ଓ ଅନ୍ୟାନ୍ୟ ବିବାଦ ଫଇସଲା କରାଯାଇ ୧,୪୩,୯୦,୪୦୦/- ଟଙ୍କା ଧାର୍ଯ୍ୟ କରାଯାଇଥିଲା ।

# ସିପିଆଇ(ଏମ) ନେତାଙ୍କ ବଦାନ୍ୟତା: ବିଦ୍ୟାଳୟକୁ ଦେଲେ ଏକ ଲକ୍ଷ

କୋରେଇ, ୦୯/୦୭ (ନି.ପ୍ର): କୁନିନ୍ଦ-ସୁନିନ୍ଦା ନଦୀ ନାଳଭରା ଦ୍ୱୀପାଂଚଳ ଟିଏ । ଯାଜପୁର ସହର ଠାରୁ ଯାଜପୁରରୋଡକୁ ସଲଗ୍ନ କରୁଥିବା ଏକ ଚଲାପଥ । ତାରି ପାର୍ଶ୍ୱରେ ବିଲାତ ସରକାରଙ୍କର ଶୁଭଦୃଷ୍ଟିରୁ ୧୮୬୪ ମସିହାରେ ପ୍ରତିଷ୍ଠିତ ହୋଇଥିଲା ଏଲପି ସ୍କୁଲ । ପରବର୍ତ୍ତି କାଳରେ ୧୯୩୫ ମସିହାରେ ୟୁପି ସ୍କୁଲ, ୧୯୬୯ ମସିହାରେ ଇଂରାଜି ବିଦ୍ୟାଳୟ । ଶେଷରେ ୧୯୭୭ ଜୁଲାଇ ୭ ତାରିଖରେ ଗଢି ଉଠିଥିଲା ଉଚ୍ଚ ବିଦ୍ୟାଳୟ । ସେହି ବିଦ୍ୟାଳୟର ଅନତୀ ଦୂରରେ ବର୍ତମାନର ଭଗତପୁର ଠାରେ ଜନ୍ମ ଗ୍ରହଣ କରିଥିବା ମେଧାବୀ ଛାତ୍ର ସନ୍ତୋଷ ଦାସଙ୍କ ବାଲ୍ୟ ଶିକ୍ଷା ଆରମ୍ଭ ହୋଇଥିଲା ଗାଁ ସ୍କୁଲରେ । ଛାତ୍ର ଜୀବନରୁ ଆକୃଷ୍ଟ ହୋଇଥିଲେ କମ୍ୟୁନିଷ୍ଟ ଆନ୍ଦୋଳନ ସହ । ଜୀବନ ଲକ୍ଷ୍ୟ ସମାଜରେ ଅବହେଳିତ ଲୋକ ମାନଙ୍କ ଅଧିକାର ପାଇଁ ସଦାସର୍ବଦା କାମ କରିବା । ଯୁବ ବୟସରେ ୰ ଅଶୋକ ବିହାରୀଙ୍କ ପରି କିଛି ସହଯୋଗୀ ମାନଙ୍କ ସହ ମିଶି ଶେଷଦେବ ବାସନ୍ତୀ ହାଇସ୍କୁଲ ପ୍ରତିଷ୍ଠା କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ସେ ମଧ୍ୟ ଗୋଟିଏ ସମୟରେ ସେହି ବିଦ୍ୟାଳୟର ସମ୍ପାଦକ ଥିଲେ । ନିଜର ସମସ୍ତ କାର୍ଯ୍ୟବ୍ୟସ୍ତତା ସହ ପିଲାମାନଙ୍କ ପାଠପଢୁଥିବା ପିଲା ମାନଙ୍କର ଟିକିନିକି ଖବର ରଖିବା, ଆଦିବାସୀ ପିଲାମାନଙ୍କୁ ବିଭିନ୍ନ ଆବାସୀକ ବିଦ୍ୟାଳୟରେ ଅଧ୍ୟୟନର ବନ୍ଦୋବସ୍ତ କରିବା ସହ ଗାଁ ସ୍କୁଲରେ ମହାନଦୀ କୋଲ ଫିଲଡ ସହାୟତାରେ ୧୦ ଲକ୍ଷ ଟଙ୍କାର ଏକ ଶିଶୁ ବିଜ୍ଞାନାଗାର ପ୍ରତିଷ୍ଠା କରାଇ ଶିଶୁ ବୟସରୁ ପିଲାମାନଙ୍କୁ ବିଜ୍ଞାନ ଶିକ୍ଷା ପ୍ରତି ଆଗ୍ରହୀ ହେବା ବ୍ୟବସ୍ଥା କରିଛନ୍ତି । ଶେଷଦେବ ବାସନ୍ତୀ ଉଚ୍ଚ ବିଦ୍ୟାଳୟଟି ଏବେ ସରକାରୀ ୫ଟି ବିଦ୍ୟାଳୟରେ ରୂପାନ୍ତରିତ ହୋଇ ଏକ ଉତ୍କୃଷ୍ଟ ବିଦ୍ୟାଳୟରେ ପରିଗଣିତ ହୋଇପାରିଛି । ଏହି ବିଦ୍ୟାଳୟର ମୋ ସ୍କୁଲ ଯୋଜନାରେ ଶ୍ରୀଯୁକ୍ତ ସନ୍ତୋଷ ଦାସ ପୈତୃକ ସମ୍ପତି ବିକ୍ରି କରି ଏକ ଲକ୍ଷ ଟଙ୍କା ଦାନ କରି ଉଦାହରଣ ସୃଷ୍ଟି କରିଛନ୍ତି ।

# କଲ୍ୟାଣ କରୁନି କଲ୍ୟାଣ ମଣ୍ଡପ: ଅନ୍ୟତ୍ର ଖର୍ଚ୍ଚ ହୋଇଛି ଅନୁଦାନ, କାମ ଅଧାପନ୍ତରିଆ



କେନ୍ଦୁଝର, ୦୯/୦୭ (ନି.ପ୍ର): ପଞ୍ଚାୟତ ଗୁଡ଼ିକର ରୋଜଗାର ବଢ଼ାଇବା ପାଇଁ ରାଜ୍ୟ ସରକାର ପଞ୍ଚାୟତରେ କଲ୍ୟାଣମଣ୍ଡପ ନିର୍ମାଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏଥିପାଇଁ ଅଧିକାଂଶ ପଞ୍ଚାୟତକୁ ଅନୁଦାନ ରାଶି ପ୍ରଦାନ କରାଯାଇଥିଲା। କିନ୍ତୁ ଅଧିକାଂଶ ପଞ୍ଚାୟତରେ କଲ୍ୟାଣମଣ୍ଡପ ନିର୍ମାଣ ଶେଷ ହୋଇନି। କିଛି ପଞ୍ଚାୟତରେ କଲ୍ୟାଣମଣ୍ଡପ ନିର୍ମାଣ ପାଇଁ ଆସିଥିବା ଅନୁଦାନକୁ ଅନ୍ୟତ୍ର ଖର୍ଚ୍ଚ କରିଦିଆଯାଇଛି। ଯେଉଁଥି ପାଇଁ କଲ୍ୟାଣମଣ୍ଡପ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ନପାରି ଅଧାପନ୍ତରିଆ ହୋଇପଡ଼ିଛି। ଫଳରେ ସରକାର ଯେଉଁ ଉଦ୍ଦେଶ୍ୟ ରଖି ଏହି ଯୋଜନା କରିଥିଲେ ତାହା ଫଳପ୍ରଦ ହୋଇପାରୁ ନାହିଁ। ରାଜ୍ୟର ବିଭିନ୍ନ ଜିଲ୍ଲାରେ କେତୋଟି କଲ୍ୟାଣମଣ୍ଡପ ନିର୍ମାଣ କାମ ସମ୍ପୂର୍ଣ୍ଣ ହୋଇଛି ଓ ନିର୍ମାଣାଧୀନ କଲ୍ୟାଣମଣ୍ଡପ ଗୁଡ଼ିକର ସ୍ଥିତି କଣ ଅଛି ସେ ସମ୍ପର୍କରେ ଜଣାଇବା ପାଇଁ ରାଜ୍ୟ ସରକାରଙ୍କ ସ୍ୱତନ୍ତ୍ର ସଚିବ ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀମାନଙ୍କୁ ଚିଠି ଲେଖିଛନ୍ତି। ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗର ଚିଠି ନମ୍ବର ୧୩୪୪୫/୨୮.୬.୨୦୨୩ ଅନୁସାରେ, ଚତୁର୍ଥ ଓ ପଞ୍ଚମ ରାଜ୍ୟ ଅର୍ଥ କମିସନଙ୍କ ଅନୁଦାନରେ ରାଜ୍ୟର ପ୍ରତି ପଞ୍ଚାୟତରେ କଲ୍ୟାଣମଣ୍ଡପ ପାଇଁ ଅନୁଦାନ ମଂଜୁର ହୋଇଥିଲା। ଏହି କଲ୍ୟାଣମଣ୍ଡପ ନିର୍ମାଣ ପାଇଁ ସମୁଦାୟ ୩୫ ଲକ୍ଷ ଟଙ୍କା ଖର୍ଚ୍ଚ ହେବାକୁ ଥିବା ବେଳେ ପ୍ରଥମ ପର୍ଯ୍ୟାୟରେ ଅନୁଦାନ ମିଳିବା ପରେ ୨୦୧୬-୧୭ ଆର୍ଥିକ ବର୍ଷରେ କାମ ଆରମ୍ଭ ହୋଇଥିଲା। ଇତିମଧ୍ୟରେ ୫ ବର୍ଷ ପୂରିଥିବା ବେଳେ ଅଧିକାଂଶ ପଞ୍ଚାୟତରେ କଲ୍ୟାଣମଣ୍ଡପ କାମ ଅଧାପନ୍ତରିଆ ହୋଇପଡ଼ିଛି। କେଉଁଠି ପ୍ଲିନ୍ଥ ସ୍ତର ପର୍ଯ୍ୟନ୍ତ କାମ ହୋଇଛି ତ କେଉଁଠି ଛାତ ପଡ଼ିଥିଲେ ମଧ୍ୟ ଅନ୍ୟାନ୍ୟ କାମ ହୋଇନାହିଁ। ଏହି କଲ୍ୟାଣପଣ୍ଡପ ଗୁଡ଼ିକ ନିର୍ମାଣ ହୋଇଥିଲେ ଏଥିରେ ବିବାହ, ବ୍ରତଠାରୁ ଆରମ୍ଭ କରି ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରୁ ମିଳିବାକୁ ଥିବା ଟଙ୍କାରେ ପଞ୍ଚାୟତର ଆୟ ବୃଦ୍ଧି ହୋଇଥାନ୍ତା। କିନ୍ତୁ କଲ୍ୟାଣମଣ୍ଡପ ଗୁଡ଼ିକ ଅସମ୍ପୂର୍ଣ୍ଣ ହୋଇ ରହିଥିବାରୁ ପଞ୍ଚାୟତର ରୋଜଗାର ବଢୁନି କି ଲୋକେ ଉପକୃତ ହେଉନାହାନ୍ତି। ସିଏଫ୍‌ସି, ଏସ୍‌ଏଫ୍‌ସି, ମନରେଗା, ସାଂସଦ ଓ ବିଧାୟକଙ୍କ ହାତପାଣ୍ଠି ଅନୁଦାନରେ ଏହି କଲ୍ୟାଣମଣ୍ଡପ ଗୁଡ଼ିକୁ ସମ୍ପୂର୍ଣ୍ଣ କରିବା ପାଇଁ ପରାମର୍ଶ ଦିଆଯାଇଥିଲେ ମଧ୍ୟ ଏ ଦିଗରେ କେ?ଣସି ପଦକ୍ଷେପ ନିଆଯାଇ ନାହିଁ। ଉଦାହରଣ ସ୍ୱରୂପ କେନ୍ଦୁଝର ସଦର ବ୍ଲକ୍ ବୋଦାପଳଶା ପଞ୍ଚାୟତରେ ୨୦୧୬-୧୭ ଅର୍ଥିକବର୍ଷରୁ କଲ୍ୟାଣମଣ୍ଡପ ନିର୍ମାଣ କାମ ଆରମ୍ଭ ହୋଇଥିଲା। କିନ୍ତୁ ଅଦ୍ୟାବଧି ପ୍ଲିନ୍ଥ ସ୍ତର ପର୍ଯ୍ୟନ୍ତ କାମ ହୋଇଛି। ଆଉ କାମ ଆଗକୁ ବଢୁନି। ଫଳରେ ପଞ୍ଚାୟତର ଲୋକେ ବିବାହ, ବ୍ରତଘର ଆଦି କାର୍ଯ୍ୟ କରିବାକୁ ନାନା ଅସୁବିଧାରା ସମ୍ମୁଖୀନ ହେଉଛନ୍ତି। ସେହିପରି ପଦ୍ମପୁର ପଞ୍ଚାୟତରେ ମଧ୍ୟ ସମାନ ଅବସ୍ଥା। ଏହି ପଞ୍ଚାୟତ ଅନ୍ତର୍ଗତ ଜଡ଼ିଚାତର ଗ୍ରାମର ଖେଳପଡ଼ିଆ ନିକଟରେ ୨୦୧୬-୧୭ ଆର୍ଥିକବର୍ଷରେ କଲ୍ୟାଣମଣ୍ଡପ ନିର୍ମାଣ ଆରମ୍ଭ ହୋଇଥିଲା। ଏଥିପାଇଁ ପ୍ରାୟ ୨୦ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି। କିନ୍ତୁ ଏହା ଅଧାପନ୍ତରିଆ ହୋଇ ରହିଛି।

## ଆଇନସେବା ପ୍ରାଧିକରଣ ତରଫରୁ ସ୍ୱେଚ୍ଛାସେବୀ କର୍ମକର୍ତାମାନଙ୍କୁ ତାଲିମ ପ୍ରଦାନ

କେନ୍ଦ୍ରାପଡ଼ା, ୦୯/୦୭ (ନି.ପ୍ର): ଆଇନସେବା ପ୍ରାଧିକରଣ ତରଫରୁ ନିଯୁକ୍ତି ପାଇଥିବା ପାରା ଲିଗାଲ ଭଲେଣ୍ଟର ମାନଙ୍କୁ ଶନିବାର ତାଲିମ ପ୍ରଦାନ କରାଯାଇଛି । କେନ୍ଦ୍ରାପଡା ବ୍ଲକ ଅଇନ ସେବା ପ୍ରାଧିକରଣ ପଟ୍ଟାମୁଣ୍ଡାଇ ତାଲୁକ, ଆଳି ତାଲୁକ ତରଫରୁ ୬୭ ଜଣ ସ୍ୱେଚ୍ଛାସେବୀ ମାନଙ୍କୁ ସେମାନଙ୍କର ଦାୟିତ୍ୱ ଓ କର୍ତବ୍ୟ ସଂପର୍କରେ ତାଲିମ ଦିଆଯାଇଛି । ବିଭିନ୍ନ ସ୍ଥାନରେ ଏହି ସ୍ୱେଚ୍ଛାସେବୀ ମାନେ କିଭଳି ଲୋକଙ୍କୁ ସାହାଯ୍ୟ କରିପାରିବେ ଏନେଇ ସେମାନଙ୍କୁ କୋର୍ଟ ପରିସରରେ ତାଲିମ ଦିଆଯାଇଛି । ଏହି ତାଲିମ ଶିବିରରେ ମାନ୍ୟବର ଜିଲ୍ଲା ଓ ଦୌରା ଜଜ ବିଶ୍ୱଜିତ ମହାନ୍ତି, ଜିଲ୍ଲା ଆଇନସେବା ପ୍ରାଧିକରଣ ସଚିବ ସୁମିତ୍ରା ସାହୁ ତାଲିମ ଦାତା ଭାବେ ଆଇନ ମହା ବିଦ୍ୟାଳୟର ଅଧକ୍ଷ ଡ଼ଃ ଚିରଞ୍ଜିବୀ ପଣ୍ଡା, ସ୍ୱତନ୍ତ୍ର ପିପି ଗୋକୁଳ ରଞ୍ଜନ ଦାସ ପ୍ରମୁଖ ତାଲିମ ପ୍ରଦାନ କରିଥିଲେ ।

# ସୁବର୍ଣ୍ଣପୁର ଜିଲ୍ଲାରେ ଅସୁରକ୍ଷିତ ବନ୍ୟପ୍ରାଣୀ



ସୋନପୁର , ୦୯/୦୭ (ନି.ପ୍ର): ସୁବର୍ଣ୍ଣପୁର ଜିଲ୍ଲାରେ ଅସୁରକ୍ଷିତ ବନ୍ୟପ୍ରାଣୀ। ସକ୍ରିୟ ହୋଇ ଉଠିଛନ୍ତି ଶିକାରୀ ଓ ମାଫିଆ। ଜିଲ୍ଲାରୁ ବଜ୍ରକାପ୍ତା ଚାଲାଣ ଓ ହାତୀ ଶିକାର ଘଟଣା ଉଦ୍‌ବେଗଜନକ ଭାବରେ ବୃଦ୍ଧି ପାଇଛି। ଗତ ୮ ବର୍ଷ ମଧ୍ୟରେ ଜିଲ୍ଲାରେ ୮ ହାତୀଙ୍କ ମୃତ୍ୟୁ ଘଟିଛି। ବଣୁଆ ହାତୀଙ୍କ ଗତିବିଧି ଉପରେ ତୀକ୍ଷ୍ଣ ଦୃଷ୍ଟି ରଖିବା ପାଇଁ 'ଏଲିଫ୍ୟାଣ୍ଟ ଟ୍ରାକିଂ' ବ୍ୟବସ୍ଥା କରାଯାଇଥିଲେ ମଧ୍ୟ ଗଜରାଜଙ୍କ ଜୀବନ ସଙ୍କଟରେ ରହିଛି। ଅଜସ୍ର ଅର୍ଥ ବ୍ୟୟ କରାଯାଇ ଜଙ୍ଗଲ ଭିତରେ ହାତୀ ଖାଦ୍ୟ ଜଙ୍ଗଲ ସୃଷ୍ଟି କରାଯାଇଥିଲେ ମଧ୍ୟ ବିଭାଗୀୟ କର୍ମଚାରୀଙ୍କ ଦୂରଦୃଷ୍ଟିର ଅଭାବ ଯୋଗୁଁ ସେଭଳି ଯୋଜନା କେବଳ କାଗଜପତ୍ରରେ ସୀମିତ ରହିଛି। କେବଳ ଜଙ୍ଗଲ ଭିତରେ ହାତୀ ଖାଦ୍ୟର ସୁବିଧା ପାଇଁ ସୋନପୁର ବନ ବିଭାଗ ରେଞ୍ଜ ପକ୍ଷରୁ ୨୦୧୫-୧୬ ଆର୍ଥିକ ବର୍ଷରେ ଲକ୍ଷାଧିକ ଟଙ୍କା ବ୍ୟୟରେ ଶଙ୍ଖଚୋଳ ଗ୍ରାମ ନିକଟସ୍ଥ ସଂରକ୍ଷିତ ଜଙ୍ଗଲର ରାସ୍ତାକଡ଼ରେ ବଣୁଆ ହାତୀମାନଙ୍କ ପାଇଁ ୧୦ ହେକ୍ଟର ଜମିରେ ୧୬ ହଜାର ହାତୀ ଖାଦ୍ୟ ଚାରା ରୋପଣ କରାଯାଇଥିଲା। ଉଦ୍ଦେଶ୍ୟ ଥିଲା ବଣୁଆ ହାତୀ ଖାଦ୍ୟ ଅନ୍ୱେଷଣରେ ଆଉ ଜନବସତି ମଧ୍ୟକୁ ଯିବେ ନାହିଁ, ଚାହିଦା ମୁତାବକ ଖାଦ୍ୟ ଜଂଗଲରୁ ମଳିବ। କିନ୍ତୁ ଆବଶ୍ୟକ ରକ୍ଷଣାବେକ୍ଷଣ ଅଭାବରୁ ଏହି ପ୍ରକଳ୍ପରୁ ସଫଳତା ମିଳିଲାନି। ଜିଲ୍ଲାର ସମସ୍ତ ବନାଞ୍ଚଳରେ 'ଏଲିଫ୍ୟାଣ୍ଟ ସ୍କ୍ୱାଡ୍' ରହିଥିବାବେଳେ ପ୍ରତ୍ୟେକ ବନାଞ୍ଚଳରେ ଏକାଧିକ 'ଏଲିଫ୍ୟାଣ୍ଟ ଟ୍ରାକର' ଦଳ ରହିଛନ୍ତି। ଗତ ମେ ୧୬ ତାରିଖ ଏସ୍‌ଟିଏଫ୍ ଲଛିପୁର ସୋନପୁର ରାସ୍ତା ଖେମୁଣ୍ଡିଆମୁଣ୍ଡା ବ୍ରିଜ୍ ନିକଟରୁ ଡିଲ୍ ସମୟରେ ୨ ଜଣ ବଜ୍ରକାପ୍ତା ଚାଲାଣକାରୀକୁ ଧରିବା ସହ ସେମାନଙ୍କୁ ନିକଟରୁ ୨ଟି ଜୀବନ୍ତ ବଜ୍ରକାପ୍ତା ଉଦ୍ଧାର କରିଥିଲା। ଏହା ପୂର୍ବରୁ ବୀରମହାରାଜପୁର ଥାନା ହିକୁଡ଼ି ନିକଟରୁ ବଜ୍ରକାପ୍ତା କାତି ଓ ଅନ୍ୟ ସାମଗ୍ରୀ ଏସ୍‌ଟିଏଫ୍ ଜବତ କରିବା ସହ ୨ ଜଣକୁ ଗିରଫ କରିଥିଲା। ଏହି ଦୁଇଟି ଘଟଣାକୁ ଦେଖିଲେ ଜିଲ୍ଲାରେ ବଜ୍ରକାପ୍ତା ଚାଲାଣକାରୀ ଦଳ ସକ୍ରିୟ ଥିବା ସ୍ପଷ୍ଟ ହୋଇଛି। ବଜ୍ରକାପ୍ତା ଚାଲାଣକାରୀମାନଙ୍କୁ ଧରିବାରେ ଏସ୍‌ଟିଏଫ୍ ସକ୍ଷମ ହେଉଥିବାବେଳେ ବନ ବିଭାଗ କିନ୍ତୁ ଫେଲ୍ ମାରିଛି।

## ସତର୍କ ଘଂଟି: ବିଶୃଙ୍ଖଳାକାରୀଙ୍କ ପ୍ରତି ହେବ ଦୃଢ଼ କାର୍ଯ୍ୟାନୁଷ୍ଠାନ

ସମ୍ବଲପୁର, ୦୯/୦୭ (ନି.ପ୍ର): ରାଜ୍ୟ ବିଜେଡ଼ି ସାଙ୍ଗଠାନିକ ସମ୍ପାଦକ ତଥା ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାଶ ସମ୍ବଲପୁର ଜିଲ୍ଲା ପର୍ଯ୍ୟବେକ୍ଷକ ଦାୟିତ୍ୱ ଗ୍ରହଣ କରିବା ପରେ ଜିଲ୍ଲାର ବିଭିନ୍ନ ନିର୍ବାଚନ ମଣ୍ଡଳୀର ସାଧାରଣ କର୍ମୀଙ୍କ ସହ ସର୍କିଟ ହାଉସ ଠାରେ ସାକ୍ଷାତ କରିଛନ୍ତି। ଦଳର ସଙ୍ଗଠନକୁ ମଜବୁତ ଓ ଆଗାମୀ ନିର୍ବାଚନ ପାଇଁ ସମସ୍ତ କର୍ମୀମାନେ ଐକବଦ୍ଧ ଭାବେ କାମ କରିବାକୁ ଆହ୍ୱାନ ଦେଇଛନ୍ତି। ଦଳରେ କୌଣସି ଗୋଷ୍ଠୀ ବିବାଦକୁ ବରଦାସ୍ତ କରାଯିବ ନାହିଁ। ବ୍ୟତିକ୍ରମକାରୀଙ୍କ ପ୍ରତି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସତର୍କ କରାଇଛନ୍ତି। ଜିଲ୍ଲାର ସମସ୍ତ କ୍ଷେତ୍ର ପରିଦର୍ଶନ କରିବା ପରେ ଆବଶ୍ୟକ ସ୍ଥାନରେ ସଂଗଠନର ନେତୃତ୍ୱ ବଦଳାଇ ଉଚିତ ଲୋକଙ୍କୁ ଦାୟିତ୍ୱ ଦିଆଯିବ ବୋଲି କହିଛନ୍ତି। ଜିଲ୍ଲା ପର୍ଯ୍ୟବେକ୍ଷକଙ୍କ ଏହି ଆଲୋଚନା ବେଳେ ଭଟଲି ବିଧାୟକ ସୁଶାନ୍ତ ସିଂ, ରେଢ଼ାଖୋଲ ବିଧାୟକ ରୋହିତ ପୂଜାରୀ, ସମ୍ବଲପୁରର ପୂର୍ବତନ ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀ, ରେଙ୍ଗାଲୀ ପୂର୍ବତନ ବିଧାୟକ ରମେଶ ପଟୁଆ, କୁଚିଣ୍ଡା ବିଧାୟକ କିଶୋର ନାୟକ, ଜିଲ୍ଲା ପରିଷଦ ଅଧକ୍ଷା କୁମୁଦିନୀ ନାୟକ, କାଳିଆ ଯୋଜନା ଉପଦେଷ୍ଟା ସଞ୍ଜୟ ବାବୁ, ଜିଲ୍ଲା ସଭାପତି ସିଦ୍ଧାର୍ଥ ଦାସ, ସଞ୍ଜିତ ମହାନ୍ତି, ଏମ୍ ବି ଜଟିଆ, ସିଦ୍ଧାର୍ଥ ସାହା, ପ୍ରଫୁଲ କୁମାର ଦାଶ, ପ୍ରଶାନ୍ତ କୁମାର ଥାପ୍ପା, ଆରଏ ଶିବ କୁମାର, ଦୁଲାଲ ଚନ୍ଦ୍ର ରାୟ, ବସନ୍ତ ମିଶ୍ରଙ୍କ ସମେତ ବହୁ ସମର୍ଥକ ମାନେ ଯୋଗ ଦେଇଥିଲେ।

# ଗଣ୍ଡିବେଡ ହାଇସ୍କୁଲରେ ଟପ୍ପରଙ୍କୁ ସମ୍ବର୍ଦ୍ଧନା




ଖଇରା, ୦୯/୦୭ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଗଣ୍ଡିବେଡହାଇସ୍କୁଲରେ ଚଳିତ ବର୍ଷ ବୋର୍ଡ ପରୀକ୍ଷାରେ ଏ-୧ରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରୀଛାତ୍ରଙ୍କୁ ଶନିବାର ବିଦ୍ୟାଳୟ ପରିସରରେ ସମ୍ବର୍ଦ୍ଧିତ କରାଯାଇଛି । ପୁରାତନ ଛାତ୍ର ପରିଷଦ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରଧାନଶିକ୍ଷକ ପ୍ରମୋଦ କୁମାର ମହାପାତ୍ର ପୌରହିତ୍ୟ କରିଥିଲେ ।ପ୍ରାକ୍ତନ ଅଧ୍ୟକ୍ଷ ମଦନମୋହନ ମହଲା ମୁଖ୍ୟଅତିଥି, ପ୍ରଧ୍ୟାପକ ଡଃ ଅଭୟ କୁମାର ମହାନ୍ତି ମୁଖ୍ୟବକ୍ତା, ଅଧ୍ୟାପକ ଉମାକାନ୍ତ ନାୟକ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ । ମାବାପା ଓ ଗୁରୁଜନଙ୍କୁ ଭକ୍ତି କରିବା ସହ କଠୋର ପରିଶ୍ରମ କଲେ ପିଲାମାନଙ୍କର ଲକ୍ଷ ନିଶ୍ଚୟ ପୁରଣ ହୋଇ ପାରିବ ବୋଲି ଅତିଥି ମାନେ ପ୍ରକାଶ କରିଥିଲେ । ସଫଳତା ପାଇଥିବା ଛାତ୍ରୀ ମୋନାଲିସା ପୋଥାଳ,ବବିତା ପାତ୍ର ଓ ଛାତ୍ର ଦେବପ୍ରିୟ ମହାପାତ୍ରଙ୍କୁ ମାନପତ୍ର ଉତ୍ତରୀୟ ପ୍ରଦାନ ପୁର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା । ପୁରାତନ ଛାତ୍ର ପରିଷଦର ସମ୍ପାଦକ ଅଭିମନ୍ୟୁ ରାଉଳ ଅତିଥି ପରିଚୟ ପ୍ରଦାନ କରିଥିଲେ । ମୁନା ଦାସ, ରାଧାକାନ୍ତ ବେହେରା, ମଧୁସୁଦନ ଜେନା, ଶିକ୍ଷକ ତାପସ ରଞ୍ଜନ ଦାସ, ବିନୟ ନାୟକ, ଶିକ୍ଷୟତ୍ରୀ ଇତିଶ୍ରୀ ମିଶ୍ରଙ୍କ ସମେତ ସମସ୍ତ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ବିଜେପିର ମଣ୍ଡଳ ସ୍ତରୀୟ ଜନସଭା: ରାଜ୍ୟ ସରକାରଙ୍କ ଉପରେ ବର୍ଷିଲେ ନେତୃବୃନ୍ଦ

ଖଇରା, ୦୯/୦୭ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ୬ନଂ ଜୋନର ଝିଙ୍କିରିଆ ପଞ୍ଚାୟତ ପଡିଆରେ ଭାଜପାର ମଣ୍ଡଳ ସ୍ତରୀୟ ଜନସଭା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି ।ମୋଦି ସରକାରଙ୍କ ୯ବର୍ଷ ପୂର୍ତ୍ତୀ ଅବସରରେ ଆୟୋଜିତ ଏହି କାର୍ଯକ୍ରମରେ ବୁଲୁ ଲେଙ୍କା ସଭାପତିତ୍ୱ କରିଥିଲେ । ଭାଜପା ଜିଲା ସଭାପତି ଉମାକାନ୍ତ ମହାପାତ୍ର,ପୁର୍ବତନ ମନ୍ତ୍ରୀ ପଦ୍ମଲୋଚନ ପଣ୍ଡା,ଏମ୍‌ପି ପ୍ରାର୍ଥି ଅଭିମନ୍ୟୁ ସେଠୀ,ଜିଲା ସମ୍ପାଦିକା ମିନାକ୍ଷୀ ମହାପାତ୍ର ଓ ଭାରତୀ ମଲ୍ଲିକ,ଖଇରା ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ,ଜିଲା ପରିଷଦ ସଭ୍ୟ ରମେଶ ଚନ୍ଦ୍ର ସାହୁ,ବିଧାନସଭା ସଂଯୋଜକ ନିରାକାର ପଣ୍ଡା,ଯୁବନେତା ଅଶୁମାଧବ ପଣ୍ଡା,ଜିଲା ସାଧାରଣ ସମ୍ପାଦକ ଭଗବାନ ପାତ୍ର ଓ ପର୍ଶୁରାମ ପରିଡା ପ୍ରମୁଖ ନେତୃବୃନ୍ଦ ଓ ଲୋକପ୍ରତିନିଧି ଯୋଗ ଦେଇଥିଲେ । ଭାଜପାର ଜଣେ ସୁସଙ୍ଗଠକ କୈଳାସ ମାଝୀ ଏକ୍ତ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ....

## ଉତ୍ତର ଭାରତ ରାଜ୍ୟ ଗୁଡ଼ିକରେ ପ୍ରବଳରୁ ...

ହିମାଚଳ ପ୍ରଦେଶରେ ଲଗାଣ ବର୍ଷାରେ ବିଭିନ୍ନ ସ୍ଥାନରେ ଜଳବନ୍ଦୀ ସ୍ଥିତି ସୃଷ୍ଟି ହୋଇଛି । ଏହାସହ ୫ରୁ ଅଧିକଙ୍କ ଜୀବନ ଗଲାଣି । ମଣ୍ଡିରେ ୫୦ ବର୍ଷର ଏକ ପୁରୁଣା ପୋଲ ବନ୍ୟା ଜଳରେ ଭାଙ୍ଗିପଡ଼ିଛି । କୁଲୁରେ ବିଅସ୍ ନଦୀ ଜଳ ବିପଦ ସଙ୍କେତ ଛୁଇଁ ସାରିଲାଣି । ଚଣ୍ଡିଗଡ଼-ମନାଲି ଜାତୀୟ ରାଜପଥ ୩ କୁଲୁରେ ଧୋଇଯାଇଛି । ରାଜଧାନୀ ଦିଲ୍ଲୀ ଲଗାଣ ବର୍ଷାରେ ଅସ୍ତବ୍ୟସ୍ତ ହୋଇପଡ଼ିଛି । ଏଥର ଏତେ ବର୍ଷା ହୋଇଛି ଯେ, ଦିଲ୍ଲୀରେ ୪୦ ବର୍ଷର ରେକର୍ଡ ଭାଙ୍ଗିଛି । ମାତ୍ର ୨୪ ଘଣ୍ଟା ମଧ୍ୟରେ ଦିଲ୍ଲୀରେ ୧୫୩ ମିଲିମିଟର ବର୍ଷା ରେକର୍ଡ ହୋଇଛି । ଭାରତୀୟ ପାଣିପାଗ ବିଭାଗର କହିବା ଅନୁସାରେ ୧୯୮୨ ମସିହା ଜୁଲାଇ ପରଠାରୁ ଦିଲ୍ଲୀରେ ଏତେ ପରିମାଣର ବର୍ଷା ହୋଇଛି । ଜମ୍ମୁ-କାଶ୍ମୀରରେ ଲଗାଣ ବର୍ଷା ଯୋଗୁଁ ଝେଲମ ନଦୀର ଜଳସ୍ତର ବଢ଼ିଚାଲିଛି । ଏହାସହ ଭୂସ୍ଖଳନ ମଧ୍ୟ ଘଟିଛି । ବର୍ଷା ଓ ଭୂସ୍ଖଳନ ଯୋଗୁଁ ଅମରନାଥ ଯାତ୍ରାକୁ ଲଗାତର ଦ୍ୱିତୀୟ ଦିନ ପାଇଁ ବନ୍ଦ ରଖାଯାଇଛି । ଅନ୍ୟପଟେ ଭୂସ୍ଖଳନ ଯୋଗୁଁ ୨ ଯବାନଙ୍କ ମଧ୍ୟ ଜୀବନ ଯାଇଥିବାର ସୂଚନା ମିଳିଛି । ପଞ୍ଜାବରେ ଜୋରଦାର ବର୍ଷା ଯୋଗୁଁ ବିଭିନ୍ନ ସ୍ଥାନରେ ଜଳ ଭରିଯାଇଛି । ଅମ୍ରିତସର, ଲୁଧିଆନା, ପଟିଆଲା, ପଠାନକୋଟ ପରି ଅଧିକାଂଶ ଜାଗାରେ ପ୍ରବଳ ବର୍ଷା ହୋଇଛି । କେତେକ ସ୍ଥାନରେ ଘରେ ପାଣି ପଶିଯାଇଛି । ହରିୟାଣାରେ ମଧ ଲଗାଣ ବର୍ଷା ସ୍ଥିତି ବିଗାଡ଼ି ଦେଇଛି । ରାଜସ୍ଥାନରେ ଲଗାଣ ବର୍ଷା ଯୋଗୁଁ ସାଧାରଣ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି । ବନ୍ୟା ଜଳ ସମ୍ପର୍କିତ ଘଟଣାରେ ଏଯାଏଁ ସେଠାରେ ୪ ଜଣଙ୍କ ମୃତ୍ୟୁ ହୋଇସାରିଲାଣି । ସେପଟେ ଉତରାଖଣ୍ଡରେ ବର୍ଷା ଯାଗୁଁ ବନ୍ୟା ସହ ଭୂସ୍ଖଳନ ଘଟୁଛି । ବନ୍ୟା ସ୍ଥିତି ନେଇ ଗୃହମନ୍ତ୍ରୀ ଅମିତ ଶାହା ବୈଠକ କରିବା ସହ ପ୍ରଭାବିତ ରାଜ୍ୟର ମୁଖ୍ୟମନ୍ତ୍ରୀମାନଙ୍କ ସହ ଆଲୋଚନା କରିଛନ୍ତି ।

## ପଶ୍ଚିମବଙ୍ଗରେ ନିର୍ବାଚନ ପରବର୍ତ୍ତୀ...

ତାଙ୍କୁ ଏନେଇ କୌଣସି ସହାୟତା କରିନଥିବା ସେ ଅଭିଯୋଗ କରିଛନ୍ତି । ଶେଖ୍ ଇସଲାମଙ୍କୁ ସେମାନେ ନିସ୍ତୁକ ପିଟିଥିଲେ । ଶେଖ୍ ଙ୍କ ପତ୍ନୀ ତଥା ପରିବାରର ଅନ୍ୟ ସଦସ୍ୟ ମାନେ ମଧ ଏଥିରୁ ବର୍ତି ନଥିଲେ। ମାଲଦାରେ ସ୍ଥାନୀୟ ବିଡ଼ିଓଙ୍କ ନେତୃତ୍ୱରେ ବାଲାଟ ବାକ୍ସକୁ ଷ୍ଟ୍ରଙ୍ଗରୁମ୍ କୁ ନିଆଯିବା ପୂର୍ବରୁ ଏହାକୁ ଖୋଲି ଖାଲି କରାଯାଇଥିଲା । ପୁଣି ଛପା ଭୋଟିଂ ହୋଇଥିଲା । ପୂର୍ବରୁ ମୁଦ୍ରଣ କରି ରଖାଯାଇଥିବା ବାଲାଟ ପେପରରେ ତୃଣମୂଳ କଂଗ୍ରେସର ପ୍ରାର୍ଥୀଙ୍କ ନାମ ଆଗରେ ମୋହର ଲଗାଇ ଏହି ବାକ୍ସରେ ରଖିଦିଆଯାଇଥିବା ଅଭିଯୋଗ ହୋଇଛି । ଖବର ପାଇ ଉତର ମାଲଦାରୁ ସାଂସଦ ଖଗେନ୍ ମୁର୍ମୁ ଏବଂ ଭାଜପା ବିଧାୟକ ଚିନ୍ମୟ ଦେବ ବର୍ମନ ଘଟଣାସ୍ଥଳରେ ପହଂଚି ଥିଲେ । ହେଲେ ତାଙ୍କୁ ସେଠାକୁ ଯିବାକୁ ଦିଆଯାଇନଥିଲା । ସେହିପରି ଆସନସୋଲର ମୟୂରେଶ୍ୱରରେ ପୋଲିସ ବିଳମ୍ବିତ ରାତି ପର୍ଯ୍ୟନ୍ତ ଭାଜପା କାର୍ଯ୍ୟକର୍ତା ମାନଙ୍କ ଘରେ ପଶି ସେମାନଙ୍କୁ ମାରପିଟ୍ କରିଥିଲା । ଆଜି ଭାଜପା ନେତୃମଣ୍ଡଳି ସେହି କାର୍ଯ୍ୟକର୍ତା ମାନଙ୍କ ଘରକୁ ଯାଇ ସେମାନଙ୍କୁ ଭେଟିବାର କାର୍ଯ୍ୟକ୍ରମ ରହିଛି ।

## ଶ୍ରାବଣରେ ନାହିଁ ବର୍ଷା: ଫାଟି ଆଁ କରିଛି ...

ବର୍ଷା ଅଭାବରୁ ଚାଷ କାର୍ଯ୍ୟ ଆଗେଇ ପାରୁନାହିଁ । ଯେଉଁମାନେ ଧାନ ରୋଇବା ପାଇଁ ଧାନ ତଳି ପକାଇଛନ୍ତି, ଏବେ ଅଭାବୀ ବର୍ଷା ଯୋଗୁଁ ତଳି ଘେରା ଫାଟି ଆଁ କରିଛି । ପୁରୀ ଜିଲ୍ଲାର ଅସ୍ତରଙ୍ଗ ଓ ନିମାପଡାରେ ଧାନ ଚାଷ ପ୍ରଭାବିତ ହୋଇଛି । ପାଣି ଅଭାବରୁ ତଳି ସବୁ ହଳଦିଆ ପଡ଼ିଗଲାଣି । ସେପଟେ କେତେକ ଚାଷୀ ସୁଖିଲା ଜମିକୁ ହଳ କରି ପ୍ରସ୍ତୁତ ରଖିଥିବା ବେଳେ ଅଧିକାଂଶ ଚାଷୀ ବର୍ଷା ହେଲେ ହଳ କରିବେ ବୋଲି ଅପେକ୍ଷା କରିଛନ୍ତି । ଉପକୂଳ ଓଡିଶାରୁ ପଶ୍ଚିମ ଓଡିଶା, ସବୁଆଡେ ପାଣି ପାଇଁ ଚାଷ କାମ ପଛେଇ ଯାଇଛି। କେନ୍ଦ୍ରାପଡା ଜିଲ୍ଲାର ଗରଦପୁର, ମାର୍ଶାଘାଇ ଓ ମହାକାଳପଡା ବ୍ଲକରେ ବର୍ଷା ଅଭାବରୁ ଗଜା ମରୁଡି ଆଶଙ୍କ କରିଛନ୍ତି ଚାଷୀ । ଆଷାଢ଼ ଯାଇ ଶ୍ରାବଣ ହେଲାଣି, ହେଲେ ପାଣି ଅଭାବରୁ ଚାଷ କାମ ଆଗେଇ ପାରୁନାହିଁ। ଏହି ସମୟରେ ଧାନ ରୁଆ ଓ ବେଉଷଣ ହେବା କଥା, ହେଲେ ଏଯାଏଁ ତଳି ପଡିପାରିନାହିଁ । ତେଣୁ ଚଳିତ ବର୍ଷର ଧାନ ଚାଷକୁ ନେଇ ଦ୍ୱନ୍ଦ୍ୱରେ ପଡିଛନ୍ତି ଚାଷୀ । ତେବେ ଆସନ୍ତା ତିନିରୁ ଚାରି ଦିନ ଭିତରେ ବର୍ଷା ନହୁଏ ତେବେ ଏବର୍ଷ ଧାନ ଅମଳ ପ୍ରଭାବିତ ହେବ ବୋଲି ଚାଷୀମାନେ କହିଛନ୍ତି ।

## କାହିଁକି ଅଟକିଛି ପାଇକ ବିଦ୍ରୋହ ସ୍ମାରକୀ...

ତେବେ ପ୍ରକଳ୍ପ କାର୍ଯ୍ୟ ବିଳମ୍ବ ହେଉଥିବା ନେଇ କ୍ଷୋଭ ପ୍ରକାଶ କରିଥିଲେ ଧର୍ମେନ୍ଦ୍ର । ଏପଟେ ପାଇକ ବିଦ୍ରୋହକୁ ତୁରନ୍ତ ପ୍ରଥମ ସ୍ୱାଧୀନତା ସଂଗ୍ରାମ ଭାବେ ଘୋଷଣା କରିବାକୁ ଦାବି କରିଥିଲେ । ତେବେ ସ୍ମାରକୀକୁ ନେଇ ଦୁଇ ଦଳ ମଧ୍ୟରେ କଥା କଟାକଟି ଚାଲିଥିବା ବେଳେ ବିବାଦକୁ ଆଉ ଏକ ପାଦ ଆଗକୁ ବଢ଼ାଇଛି ବିଜେପି । ପ୍ରେସମିଟ୍ କରି ବିଜେଡିର ଆଭିମୁଖ୍ୟକୁ କଡ଼ା ସମାଲୋଚନା କରିଛି ଦଳ । ଅନ୍ୟପଟେ ପାଇକ ବିଦ୍ରୋହ ସ୍ମାରକୀକୁ ନେଇ ବିଜେଡି-ବିଜେପି ମଧ୍ୟରେ ତୁତୁ ମେମେ ଚାଲିଥିବା ବେଳେ କଂଗ୍ରେସ ବିଧାୟକ ସୁର ରାଉତରାୟ କହିଛନ୍ତି, ସ୍ମାରକୀ କାର୍ଯ୍ୟ ବିଳମ୍ବ ପାଇଁ ଉଭୟ ବିଜେଡି-ବିଜେପି ଦାୟୀ । ସେହିପରି ରାଜ୍ୟ ପାଇକ ଆଖଡ଼ା ମହାସଂଘର ସାଧାରଣ ସଂପାଦକ ଦିଲ୍ଲୀପ ଶ୍ରୀଚନ୍ଦନ କହିଛନ୍ତି, ଏ ନେଇ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଆଲୋଚନା କରି ସମାଧାନ ବାଟ ବାହାର କରିବା ଉଚିତ ।

## ନନ୍ଦନକାନନ ସିଂହ ସଫାରୀରେ ଫସିଗଲା ବସ୍ ...

ପାଇଁ ପ୍ରାଣୀ ଉଦ୍ୟାନର ସହକାରୀ ବନ ସଂରକ୍ଷକକୁ ନିର୍ଦ୍ଦେଶ ଦେଇଛନ୍ତି ନନ୍ଦନକାନନ ଉପ ନିର୍ଦ୍ଦେଶକ । ତେବେ ପ୍ରାଥମିକ ଯାଂଚରୁ ଜଣାପଡିଛି ଯେ ବର୍ଷା ଯୋଗୁଁ ରାସ୍ତାର ଗୋଟିଏ ପଟେ ବଡ ଗାତ ହୋଇଯାଇଥିଲା। ଡ୍ରାଇଭରର ସାମାନ୍ୟ ଅବହେଳା ଯୋଗୁଁ ଗାଡିଟି ରାସ୍ତାରୁ ତଳକୁ ଖସି ଯାଇ ଗାତରେ ପଡିଯାଇଥିଲା ବସ ଚକ । ଟୟ ଟ୍ରେନ ଆରମ୍ଭ ହେବା ପରଠାରୁ ଏହାର ଚଳାଚଳ ନେଇ ଅନେକ ସମସ୍ୟା ହୋଇଛି । ଟ୍ରେନ ବନ୍ଦ ହୋଇଯିବାରୁ ଯାତ୍ରୀମାନଙ୍କୁ ଅନେକ ବାଟ ଚାଲିବାକୁ ବି ପଡିଛି । ଆଉ ଏବେ ସଫାରୀରେ ଏମିତି ସମସ୍ୟା ପର୍ଯ୍ୟଟକଙ୍କୁ ଚିନ୍ତାରେ ପକାଇଛି ।

## ଦିଲ୍ଲୀରେ ଲାଗୁ ହେବ ଗୁଜରାଟର ...

ଏହି ଆଇନକୁ ରଦ୍ଦ କରିବାକୁ ଅନେକ ଥର ଦାବି କରିସାରିଛନ୍ତି । ହେଲେ ଏବେ ଦିଲ୍ଲୀ ଉପରାଜ୍ୟପାଳ ଖୋଦ୍ ଏହି ଆଇନକୁ ରାଜଧାନୀ ଦିଲ୍ଲୀରେ ଲାଗୁ କରିବାକୁ ସୁପାରିଶ କରିଛନ୍ତି । ସୂଚନାଯୋଗ୍ୟ ଯେ, ଗୁଜରାଟ ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଗତ ମେ ମାସରେ ଗୁଜରାଟ ସରକାର ଅସାମାଜିକ ଗତିବିଧି ରୋକିବା ପାଇଁ ଏକ ଗାଇଡଲାଇନ୍ ଜାରି କରିଥିଲେ । ଏହାପରେ ମେ ୩ ତାରିଖରେ ଗୁଜରାଟର ଗୃହ ବିଭାଗ ଅଧିକାରୀମାନଙ୍କ ପାଇଁ ମଧ ନିର୍ଦ୍ଦେଶ ଜାରି କରିଥିଲେ ।

## ଲୋକନାଥଙ୍କ ପୀଠରେ କାଉଡ଼ିଆଙ୍କ ଭିଡ଼ ...

ନିକଟରେ ପ୍ରବେଶ କରିବେ । କାଉଡ଼ିଆମାନଙ୍କ ରହଣୀ ନିମନ୍ତେ ଟେଣ୍ଟ ତିଆରି କରାଯାଇଛି । ହଜାର ହଜାର କାଉଡ଼ିଆ ମାନେ ଆସି ଗଛ ମୂଳରେ ବିଶ୍ରାମ କରୁଥିବା ବେଳେ ମନ୍ଦିର ଚାରିପଟେ ବସି ବୁଲିବା ସହ ଟେଣ୍ଟରେ ବିଶ୍ରାମ ନେଉଛନ୍ତି । ଲୋକନାଥ ମନ୍ଦିର ସମ୍ମୁଖରେ ଦୀପ,ଫୁଲ,ନଡ଼ିଆ,କଦଳୀ ସହ ବେଲପତ୍ର ଓ ଗୋଭ ସାମଗ୍ରୀ ଦୋକାନ ଖୋଲିଛି । ଲୋକାନଥ ମନ୍ଦିର ଟ୍ରଷ୍ଟ ପକ୍ଷରୁ ଜଳଲାଗି,ଶ୍ୟଙ୍ଖଳିତ ଦର୍ଶନ ଓ ପାନୀୟ ଜଳ ଯୋଗାଣ ସହ ସମସ୍ତ ବ୍ୟବସ୍ଥା କରାଯାଇଛି । ଶୃଙ୍ଖଳିତ ଦର୍ଶନ ଓ ଜଳଲାଗି ପାଇଁ ପୋଲିସ ପକ୍ଷରୁ ମଧ ବ୍ୟାପକ ବ୍ୟବସ୍ଥା କରାଯାଇଛି । ରାତି ପାହିଲେ ଶ୍ରଦ୍ଧା,ନିଷ୍ଠା ଓ ଭକ୍ତି ସହ ଲୋକନାଥ ବାବାଙ୍କୁ ସୋମବାର ଜଳଲାଗି ପାଇଁ କାଉଡ଼ିଆ ମାନେ ପ୍ରସ୍ତୁତ ହୋଇ ରହିଛନ୍ତି ।

# ଫେରାର ଶିକାରୀ ଆକ୍ରମଣରେ ବନ କର୍ମଚାରୀ ଗୁରୁତର

ନୀଳଗିରି , ୦୯/୦୭ (ନି.ପ୍ର): ଜଣେ ଫେରାର ଶିକାରୀ ଆକ୍ରମଣରେ ବନ ବିଭାଗର ସବୁଜବାହିନୀ କର୍ମଚାରୀ ଗୁରୁତର ହୋଇ ନୀଳଗିରି ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ସୂଚନା ଅନୁଯାଇ ଗତ ମାର୍ଚ୍ଚ ମାସରେ କୁଲଡ଼ିହା ଅଭୟାରଣ୍ୟ ବାବନ୍ଧ ବିଟ୍ ଅନ୍ତର୍ଗତ କଳମାଚତୁରୀ ନିକଟରେ ଗୋଟିଏ ଗଳିତ ହାତୀର ଶବ ବନବିଭାଗ ଉଦ୍ଧାର କରିଥିଲା। କିନ୍ତୁ ଘଟଣା ସ୍ଥଳରେ ହାତୀର ଦାନ୍ତ ଚୋରି ହୋଇଯାଇଥିଲା। ପରେ ବିଭାଗ ୨ଟି ଦାନ୍ତ ଜବତ କରିଥିବା ବେଳେ ଘଟଣାରେ ୪ଜଣଙ୍କର ସଂପୃକ୍ତି ଥିବା ସନ୍ଦେହ କରି ଜଣକୁ ଗିରଫ କରାଯାଇଥିଲା। ଅନ୍ୟ ୩ଜଣ ଫେରାର ଥିଲେ। ତେବେ ଉକ୍ତ ଘଟଣାର ସଂପୃକ୍ତି ଥିବା ଜଣେ ଶିକାରୀ ଖୁମଖୁଟ ଗ୍ରାମର ସୁନାରାମ ସିଂ ଙ୍କ ପୁଅ ବସନ୍ତ ସିଂ (୩୦) ଫେରାର ଥିବାବେଳେ ଗତ ୮ତାରିଖ ଶନିବାର ସନ୍ତରକ୍ଷଗଡିଆଫରେଷ୍ଟ ବିଟ୍ ରେ କାର୍ଯ୍ୟରତ ସବୁଜବାହିନୀ କର୍ମଚାରୀ ବୁଦ୍ଧିଆ ସିଂ (୪୦) ସନ୍ଧ୍ୟାରେ ଡିଉଟି ସାରି ଘରକୁ ଫେରିଥିବା ବେଳେ ଘର ସାମ୍ନାରେ ବସନ୍ତ ସିଂ ତାଙ୍କୁ ଅଟକାଇ ଅଭଦ୍ର ଭାଷାରେ ଗାଳିଗୁଲଜ କରିବା ସହିତ ଜଙ୍ଗଲରେ ଲୁଚାଇ ରଖିଥିବା ମୋ ବନ୍ଧୁକ କାହିଁ ମୋତେ ଫେରା ନହେଲେ ଜୀବନରୁ ମାରିଦେବି ବୋଲି ଧମକ ଦେଇଥିଲା। ପରେ ଉଭୟଙ୍କ ମଧ୍ୟରେ ଠେଲାପେଲା ଓ କଥା କଟାକଟି ହେବାରୁ ବସନ୍ତ ସିଂ ବୁଦ୍ଧିଆକୁ ମରଣାନ୍ତକ ଆକ୍ରମଣ କରିଥିଲା। ଫଳରେ ବୁଦ୍ଧିଆ ଗୁରୁତର ହୋଇ ଈଶ୍ୱରପୁର ମେଡିକାଲରେ ଭର୍ତ୍ତି ହୋଇଥିଲେ। ଏନେଇ ଈଶ୍ୱରପୁର ଫାଣ୍ଡିରେ ଅଭିଯୋଗ କରିଛନ୍ତି। ବୁଦ୍ଧିଆର ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ନୀଳଗିରି ହସ୍ପିଟାଲ୍ ସ୍ଥାନାନ୍ତର କରାଯାଇଛି। ଏନେଇ ଉଭୟ ବନବିଭାଗ ଓ ପୋଲିସ ଚଢ଼ାଉ କରି ମଧ ରାତ୍ରୀରେ ଅଭିଯୁକ୍ତ ବସନ୍ତକୁ ଗିରଫ କରିଛି। ଏନେଇ କୁଲଡ଼ିହା ବନବିଭାଗ ପକ୍ଷରୁ ୩୬/୨୩ ମୂଳେ କୋର୍ଟ ଚାଲାଣ କରାଯାଇଛି।

ଧ୍ୱନି ପ୍ରତିଧ୍ୱନି
ପୃଷ୍ଠା

# ନୁହାସ ଉଜ୍ଜ୍ୱଳା ତରଫରୁ ଏକ ଅନାଥ ଝିଅର ବିବାହ

ଭଦ୍ରକ, ୦୯/୦୭ (ନି.ପ୍ର): ନୁହାସ (ନିଖିଳ ଉତ୍କଳ ହରିଜନ ଆଦିବାସୀ ସେବା ସଙ୍ଘ ତରଫରୁ) ଭଦ୍ରକ ଏରେଇ ଠାରେ ପରିଚାଳିତ ନୁହାସ ଉଜ୍ଜଳା ଗୃହରେ ଜଣେ ଅନାଥ ଝିଅ ଉତ୍କଳିକା ପୁହାଣର ବିବାହ ଉତ୍ସବ ସମ୍ପୂର୍ଣ୍ଣ ହୋଇ ପାରିଛି, ଅନୁଷ୍ଠାନର ସଭାପତି ଶ୍ରୀଯୁକ୍ତ ରମେଶ ଚନ୍ଦ୍ର ଦୀକ୍ଷିତଙ୍କ ତତ୍ୱାବଧାନରେ ଶ୍ରୀମତୀ ଉଷାରାଣି ବେହେରା, ଶ୍ରୀଯୁକ୍ତ ହରେକୃଷ୍ଣ ବେହେରା, ଶ୍ରୀ ଗୌରାଙ୍ଗ ମହାରଣା, ସଂଯୁକ୍ତା ମହାନ୍ତି, ଜୟସ୍ମିତା ଦାସଙ୍କ ଉଦ୍ୟମ କ୍ରମେ ଏହା ସଂଗଠିତ ହୋଇଛି, ମୟୁରଭଞ୍ଜ ଜିଲ୍ଲା ବଡ଼ସାହି ବ୍ଲକର ବୈସିଙ୍ଗା ଥାନା ଅନ୍ତର୍ଗତ ବିଜିପୁର ଗ୍ରାମର ଶ୍ରୀଯୁକ୍ତ ଲକ୍ଷ୍ମଣ ବିନ୍ଧଶଣିଙ୍କ ପୁଅ ଶ୍ରୀ ଜୟକୃଷ୍ଣ ବିନ୍ଧାଣିଙ୍କ ସହିତ ବୈଦିକ ରୀତିରେ ଶୁଭ ବିବାହ ସମ୍ପୂର୍ଣ୍ଣ ହୋଇଛି, ଝିଅଟି ସମ୍ପୂର୍ଣ୍ଣ ଭାବେ ମୂକ ବଧିର ଅଟେ, ଉକ୍ତ ବିବାହରେ ଭଦ୍ରକ ଜିଲ୍ଲାର ଜିଲ୍ଲାପାଳ ମହୋଦୟ ଶ୍ରୀ ସିଦ୍ଧେଶ୍ୱର ବଳିରାମ ବନ୍ଦୋରଙ୍କ ପ୍ରୋତ୍ସାହନ ଓ ଶୁଭେଚ୍ଛାରେ ଉକ୍ତ କାର୍ଯ୍ୟକ୍ରମ ସଫଳତା ସହିତ ସମ୍ପୂର୍ଣ୍ଣ ହୋଇପାରିଛି ଏବଂ ତାଙ୍କ ନିର୍ଦ୍ଦେଶରେ ଜିଲ୍ଲା ମହିଳା ସୁରକ୍ଷା ଅଧିକାରୀ ଶ୍ରୀମତୀ ଚନ୍ଦ୍ରା ସାହୁ ଏବଂ ରଶ୍ମିଲତା ନାଏକ ଏବଂ ଜିଲ୍ଲା ଶିଶୁ ମଙ୍ଗଳ ସମିତିର ଚେୟାରମ୍ୟାନ ଓ ସଦସ୍ୟ ସଦସ୍ୟାଙ୍କ ଉପସ୍ଥିତିରେ ବିବାହ କାର୍ଯ୍ୟ ନିଖିଳ ଉତ୍କଳ ହରିଜନ ଆଦିବାସୀ ସେବା ସଂଘ ନୁହାସ ଉଜ୍ଜଳା ପୁନଃ ଥଇଥାନ କେନ୍ଦ୍ରରେ ସମାପନ ହୋଇ ଯାଇଅଛି।



# ଜଳେଶ୍ୱର ବ୍ଲକର ନୂତନ ଆବାସ ତାଲିକାରେ ଚଞ୍ଚକତା : ମୃତ ବ୍ୟକ୍ତିଙ୍କ ନାମରେ ଘର

ଜଳେଶ୍ୱର,୯/୭(ନି.ପ୍ର): ଗତ ୩ମାସ ତଳେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ତାଲିକାରେ କେତେକ ତ୍ରୁଟିଥିବାରୁ ଯୋଗ୍ୟ ହିତାଧିକାରୀ ଚୟନଲାଗି ଗ୍ରାମ୍ୟ ସଭା ମାନ ଅନୁଷ୍ଠିତ ହୋଇଥିଲା । ତ୍ରୁଟିଥିବା ଗୃହ ଗୁଡିକୁ ଚିହ୍ନଟ କରି ବାଦ ଦେବାର ନିଷ୍ପତ୍ତି ହୋଇଥିଲା । କିନ୍ତୁ ନୂତନ ତାଲିକାରେ ନାମ୍ପୋ ପଂଚାୟତର ଦେଉଳବାର୍ଡ ଗାଁ ମୃତବ୍ୟକ୍ତି ଜ୍ୟୋତିର୍ମୟ ମହାନ୍ତି, ନାମ୍ପୋ ଗାଁର ସରସ୍ୱତୀ ଦତ୍ତ ନାମରେ ଆବସଗୃହ ତାଲିକା ହୋଇଛି । ପୁଣି ପକ୍କା ଘର ଓ ୪ଚକିଆ ଯାନଥିବା ବ୍ୟକ୍ତିଙ୍କ ନାମରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ତାଲିକାରେ ଆସିଥିବାରୁ ବହୁ ଯୋଗ୍ୟ ତାଲିକାଧରୀଙ୍କ ନାମ ନାହିଁ । ସେହିପରି ଦକ୍ଷିଣ ପ୍ରହରାଜପୁର ପଂଚାୟତର ମହେଶ୍ୱର ଘୋଷ, ଅଶୋକ ବାରିକ, ଶ୍ରୀପତି ଦଣ୍ଡପାଟ, ବିଜୟ ଜେନା, ରଂଜନ ସେଠୀ, ବିନତୀ ଘୋଷ ଓ କମଳଲୋଚନ ପାତ୍ର, ରାଜପୁର ପଂଚାୟତର କମଳାକାନ୍ତ ଦେ, ତପନ ବିଶ୍ୱାଳ, ଆଦିକନ୍ଦ ପାତ୍ର, ସୁଗୋ ପଂଚାୟତର ବାଣିଦା ଗାଁର ଶରତଚନ୍ଦ୍ର ମହାନ୍ତି, ଉମେଶ ଚନ୍ଦ୍ର ପାତ୍ର, ସୁଗୋ ଗାଁର ଦେବେନ୍ଦ୍ର ପରିଡା, ଧାନସିମୁଳିଆ ଗାଁର ପଲ୍ଟୁ ଜେନା, ମମତା ରାଜ ପ୍ରମୁଖ ବହୁ ଯୋଗ୍ୟ ହିତାଧିକାରୀ ଆବାସ ଯୋଜନାରୁ ବଂଚିତ ହୋଇଥିବାରୁ ସେମାନେ ଜିଲାପାଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ଏ ସଂପର୍କରେ ଗୋପାଳ କୃଷ୍ଣ ଜେନା ବିଡିଓଙ୍କ ନିକଟରେ ଅଭିଯୋଗ କରି ୧୦ ଦିନ ମଧ୍ୟରେ ତଦନ୍ତ କରି ସଂଶୋଧନ ନ କଲେ କଂଗ୍ରେସ ପକ୍ଷରୁ ପଂଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଅନଶନ ହେବବୋଲି ଚେତାବନୀ ଦେଇଛନ୍ତି ।

# ଲୁଟ ମାମଲାରେ ଜଣେ ଗିରଫ

ଜୟପୁର, ୦୯/୦୭ (ନି.ପ୍ର): ଲୁଟ ମାମଲାରେ ଜଣେ ଅଭିଯୁକ୍ତକୁ ଗିରଫ କରିଛି ଜୟପୁର ଟାଉନ ପୋଲିସ । ଗିରଫ ଅଭିଯୁକ୍ତ ଜଣକ ହେଲା ଜୟପୁର ସମ୍ଧାର ତୋଟାର ଟି. ଭାସ୍କର (୨୧) । ସଦର ପୋଲିସ ସୂଚନା ଅନୁଯାଇ ଜୟପୁର ସମ୍ଧାର ତୋଟା ଟି ଭାସ୍କର (୨୧) ବିକ୍ରମ ନଗର ଏଲ ଅଖିଳ (୨୨) କୃିଷ୍ଣା ନାୟକ (୧୯) ତିନି ଜଣ ମିଶି ଜୟପୁର - ବୈପାରିଗୁଡା ରାସ୍ତା ପେଟ୍ରୋଲ ପମ୍ପ ନିକଟରେ ଲୁଟ କରିବା ପାଇ ଯୋଜନା କରିଥିଲେ । ପରେ ଦେଓଘାଟ ରେ ରହୁଥିବା ଅମିର କୁମାର ନାଗଙ୍କ ଘରେ ଥିବା ବାଇକକୁ ଲୁଟ କରି ନେଇଥିଲେ । ୩ ଅଭିଯୁକ୍ତ ପୁଣି ପାତ୍ରପୁଟ ତ୍ରିନାଥ ମନ୍ଦିର ନିକଟରେ ଥିବା ଏକ ଟ୍ରକ ଡ୍ରାଇଭର ଗଜପତି ଅଡବାର ସୁରେଶ କୁମାର ସାହୁ (୨୪) ଓ ହେଲପେର ପିଂଟୁ ସାହୁ ଅଭିଯୁକ୍ତ ମାନେ ଛୁରି ଦେଖାଇ ଧମକ ଦେଲେ । ମାରିପିଟ କରି ୧୨ ହଜାର ଟଙ୍କା ମୋବାଇଲ ଚାର୍ଜର ଲୁଟ୍ କରି ଚମ୍ପଟ ମାରିଥିଲେ । ଏନେଇ ଅଭିଯୋଗ ହେବାରୁ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କିରଥିଲା । ତଦନ୍ତରେ ଜାଣି ପୋଲିସ ଟି ଭାସ୍କରକୁ ଗିରଫ କରି ଲୁଟ ବାଇକକୁ ଜବତ କରିଛି । ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ସଦର ଥାନା ଅଧିକାରି ଇଶ୍ୱର ତାଣ୍ଡି ସୁଚନା ଦେଇଛନ୍ତି ।



ରେମୁଣା ସାହିତ୍ୟ ସଂସଦ ତରଫରୁ ଏକାଡେମୀ ସମ୍ବର୍ଦ୍ଧନା ପ୍ରାପ୍ତ ଔପନ୍ୟାସିକ ସୃଷ୍ଟିଧର ପରିଡାଙ୍କୁ ସମ୍ବର୍ଦ୍ଧନା ପ୍ରଦାନ ।

# ଭୀଷଣ ବର୍ଷା ଏବଂ ବରଫପାତ ଯୋଗୁଁ ଅମରନାଥ ଯାତ୍ରା ତୃତୀୟ ଦିନ ମଧ ବନ୍ଦ

ଜମ୍ମୁ, ୯ ଜୁଲାଇ (ହି.ସ.)- ଜମ୍ମୁ-କାଶ୍ମୀରରେ ଲଗାତାର ଭୀଷଣ ବର୍ଷା ଏବଂ ବରଫପାତ ଯୋଗୁଁ ଅମରନାଥ ଯାତ୍ରା ରବିବାର ତୃତୀୟ ଦିନ ମଧ ବନ୍ଦ ରହିଛି । ଜମ୍ମୁ-କାଶ୍ମୀରରେ ସମସ୍ତ ଆଧାର ଶିବିରରେ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ରହିଥିବାରୁ ଶ୍ରଦ୍ଧାଳୁଙ୍କ ଅନ୍ୟ ଦଳକୁ ଲଖନୁରରୁ ଜମ୍ମୁକୁ ପ୍ରବେଶ ଅନୁମତି ଦିଆଯାଇନାହିଁ । ଜମ୍ମୁ ଜିଲ୍ଲା ପ୍ରଶାସନ ରବିବାର ଦିନ ଟୋକନ୍ ଏବଂ ତତ୍କାଳ ପଞ୍ଜିକରଣକୁ ସ୍ଥଗିତ ରଖିଛି ।

# କମଳ କୁମାରୀ ସଂସ୍କୃତ ମହିଳା ମହାବିଦ୍ୟାଳୟ ପରିସରରେ ବୃକ୍ଷ ରୋପଣ



ଲଙ୍ଗଳେଶ୍ୱର ୯/୭(ନିପ୍ର) ବାଲିଆପାଳ ବ୍ଲକ ଅନ୍ତର୍ଗତ ପଞ୍ଚୁପାଲି ଠାରେ ଥିବା କମଳ କୁମାରୀ ସଂସ୍କୃତ ମହିଳା ମହାବିଦ୍ୟାଳୟ ପରିସରରେ ସବୁଜ ସୁନ୍ଦର ପ୍ରାକୃତିକ ପରିବେଶ ସୃଷ୍ଟି କରିବା ପାଇଁ କଲେଜ ପରିସରରେ ଶନିବାର ଅଧକ୍ଷ ରାଜକିଶୋର ବାରିକ ଙ୍କ ନେତୃତ୍ୱରେ ବନ ମହୋତ୍ସବ ଅନୁଷ୍ଠିତ ହୋଇଥିଲା ଏଥିରେ ଫଳ,ଫୁଲ, ଔଷଧୀୟ ଗୁଣ ଥିବା ଗଛ ରୋପଣ ଛାତ୍ରୀ ମାନଙ୍କ ସହଯୋଗ ଏହି ଉତ୍ସବ ପାଳନ କରାଯାଇଥିଲା । ଅଧ୍ୟାପକ ବନମାଳୀ ପରିଡ଼ା, ଡଃ ଲକ୍ଷ୍ମୀ କାନ୍ତ ରଥ, କୃଷ୍ଣାନନ୍ଦ ପାତ୍ର, ସୁଧୀର କୁମାର ନନ୍ଦ, ସବିତା ସାହୁ, ଚନ୍ଦନ ନନ୍ଦ, ସରୋଜିନୀ ପରିଡ଼ା, ଏବଂ ଛାତ୍ରୀ ପ୍ରତିମା ମାନ୍ନା, ବର୍ଷା ରାଣୀ ମଣ୍ଡଳ, ସୁଭଦ୍ରା ମଣ୍ଡଳ, ଶିବାନୀ ମାନ୍ନା, ପ୍ରମୁଖ ସହଯୋଗ କରିଥିଲେ।

# ସ୍ୱେଚ୍ଛାସେବୀମାନଙ୍କ ପକ୍ଷରୁ ଅସହାୟ ବୃଦ୍ଧ ଆଦିବାସୀ ଦମ୍ପତ୍ତିଙ୍କୁ ପକ୍କାଗୃହ ପ୍ରଦାନ





ବାଲେଶ୍ୱର, ୦୯/୦୭ (ନି.ପ୍ର): ବାଲେଶ୍ୱର ସହର ଉପକଣ୍ଠ ଟୋଲଗଂସାହି ଆଦିବାସୀ ବସ୍ତିରେ ସରକାରୀ ଜମିରେ ବହୁଦିନ ଧରି ଅସହାୟ ବୃଦ୍ଧ ଦମ୍ପତି ବୋକା ମାରାଣ୍ଡି ଓ ଫୁଲ ମାରାଣ୍ଡି ଏକ ପଲିଥିନ୍ ଛପର ଝୁପୁଡ଼ିରେ ରହିଆସୁଥିଲେ। ସେମାନଙ୍କୁ ଜମିର ପଟ୍ଟା ଦିଆଯାଇନଥିବାରୁ ସେମାନେ ଗୃହନିର୍ମାଣ ପାଇଁ ସରକାରୀ ସହାୟତାରୁ ବଞ୍ଚିତ ଥିଲେ। ଏହି ଦମ୍ପତ୍ତିଙ୍କ ଏତାଦୃଶ ଦୁରାବସ୍ଥା ଦେଖି ସହରର ସମାଜସେବୀ ତଥା ଚାଟାର୍ଡ଼ ଏକାଉଣ୍ଟାଣ୍ଟ ସଞ୍ଜିବ କୁମାର ନାୟକ, ହରିଶ ଚନ୍ଦ୍ର ସାହୁ, ସରପଞ୍ଚ ମୁକୁନ୍ଦ ଭାରତୀ, ବସନ୍ତଲତା ପଟ୍ଟନାୟକ, ଲକ୍ଷ୍ମୀପ୍ରିୟା ଜେନା, ସାବିତ୍ରୀ ଦାସ, ଶଚୀନ୍ଦ୍ର ଦାସ, ଡକ୍ଟର ପ୍ରଣବ ଦାସ, ଆଇଟିଆଇର ଅଧକ୍ଷ ଇଂ କୃଷ୍ଣଚନ୍ଦ୍ର ରାଉତ, ଡ. କ୍ଷିତୀଶ୍ୱର ଦାଶ, ଗୁଣାକର ଦେ, କେଶବ ଚନ୍ଦ୍ର ମହାନ୍ତି ଓ ବିଜୟ କୁମାର ଦାସଅଧିକାରୀ ପ୍ରମୁଖଙ୍କ ସହାୟତାରେ ପ୍ରାୟ ଏକଲକ୍ଷ ଟଙ୍କାର ପକ୍କା ଘର ତିଆରି କରି ଅସହାୟ ଦମ୍ପତ୍ତିଙ୍କୁ ରହିବା ପାଇଁ ରବିବାର ଦିନ ହସ୍ତାନ୍ତର କରିଛନ୍ତି। ଏଥିପାଇଁ ଆୟୋଜିତ କାର୍ଯ୍ୟକ୍ରମରେ ସ୍ଥାନୀୟ ୱାର୍ଡ଼ମେମ୍ବର ରମେଶ ଚନ୍ଦ୍ର ନାୟକଙ୍କ ସମେତ କୃପାସିନ୍ଧୁ ମହାନ୍ତି, ସନାତନ ବାରିକ ଓ ସମାଜସେବୀ ଗୌରାଙ୍ଗ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ। ସମାଜସେବୀମାନଙ୍କର ଏତାଦୃଶ ମହତ କାର୍ଯ୍ୟପାଇଁ ସ୍ଥାନୀୟ ବସ୍ତିବାସିନ୍ଦାମାନେ ସାଧୁବାଦ ଜଣାଇଛନ୍ତି ଓ ସହରର ପ୍ରମୁଖ ସଂଗଠନମାନେ ଯଦି ସରକାରୀ ସାହାଯ୍ୟରୁ ବଞ୍ଚିତ ତଥା ଅବହେଳିତ ଓ ଅସହାୟ ବାସହୀନମାନଙ୍କୁ ଗୃହ ନିର୍ମାଣ ପାଇଁ ସହାୟତା ଯୋଗାଇ ପାରନ୍ତେ ତେବେ ତାହା ସେବାକ୍ଷେତ୍ରରେ ଏକ ମାଇଲଖୁଣ୍ଟ ହୁଅନ୍ତା ବୋଲି ପ୍ରକାଶ କରିଥିଲେ।

# ମହାକାଶ କ୍ଷେତ୍ରରେ ଆଧୁନିକ ବଜାରରେ ଓ ବିଶ୍ୱ ଭାଗିଦାରୀ ସମ୍ଭାବନା

ନୂଆଦଲ୍ଲୀ, ୦୯।୦୭: ପୃଥିବୀର କକ୍ଷପଥରର ଘୂରିବୁଲୁଥିବା ଉପଗ୍ରହର ପୁନବାର ଇନ୍ଧନ ଭରିବା ଠାରୁ ଆରମ୍ଭ କରି ପୃଥିବୀର ସ୍ୱାସ୍ଥ୍ୟ ଉପରେ ନଜର ରଖିବା ପର୍ଯ୍ୟନ୍ତ, ଭାରତୀୟ ଷ୍ଟାର୍ଟଅପ୍‌ଗୁଡ଼ିକି ମହାକାଶ ଭଳି ଏକ ଗୁରୁତ୍ୱପୂର୍ଣ୍ଣ ବଜାରରେ ନିଜର ସମ୍ଭାବନା ଖୋଜୁଛନ୍ତି। ସେମାନେ ଏହାକୁ ବିଶ୍ୱସ୍ତରରେ ଏକ ଭାଗିଦାରୀର ସୁଯୋଗ ରୂପରେ ଦେଖୁଛନ୍ତି। ଇତିମଧ୍ୟରେ ଭାରତ 'ଆର୍ଟେମିସ୍ ଚୁକ୍ତି'ରେ ସ୍ୱାକ୍ଷର କରିଛି। ନିକଟରେ ପ୍ରଧାନମନ୍ତ୍ରୀ ଆମେରିକା ଗସ୍ତ କରିବା ଅବସରରେ ମହାକାଶ କ୍ଷେତ୍ର, ବିଶେଷ କରି ରପ୍ତାନି ଉପରେ ନିୟନ୍ତ୍ରଣ ଓ ପ୍ରଯୁକ୍ତି ହସ୍ତାନ୍ତର ସହ ଜଡ଼ିତ ସମସ୍ୟାର ସମାଧାନ ଉପରେ ଗୁରୁତ୍ୱାରୋପ କରାଯାଇଛି। ଏହାଫଳରେ ଘରୋଇ କ୍ଷେତ୍ରର କମ୍ପାନୀଙ୍କ ପାଇଁ ଅଧିକ ସୁଯୋଗ ସୃଷ୍ଟି ରହବାର ସମ୍ଭାବନା ରହିଛି। ଭାରତ ୨୦୨୦ରେ ନିଜର ମହାକାଶ କ୍ଷେତ୍ରକୁ ଘରୋଇ ଉଦ୍ୟୋଗ ପାଇଁ ଉନ୍ମୁକ୍ତ କରିଥିଲା। ଏହାପରର ୧୫୦ ଷ୍ଟାର୍ଟଅପ୍ ପ୍ରତିଷ୍ଠା କରାଯାଇଛି ଯେଉଁମାନେ ରକେଟ୍ ଓ ଉପଗ୍ରହ ନିର୍ମାଣ, ମହାକାଶ ଯାତ୍ରୀଙ୍କ ପାଇଁ ପ୍ରଶିକ୍ଷଣ ସୁବିଧା ଯୋଗାଣ ଏବଂ ମହାକାଶ ପର୍ଯଟନ ସମ୍ଭାବନା ଖୋଜିବା ଦିଗରେ କାର୍ଯ୍ୟ କରୁଛନ୍ତି। ମନସ୍ତୁ ସ୍ପେସ୍‌ର ସହ ପ୍ରତିଷ୍ଠାତା ତୁଷାର ଯାଦବ କହିଛନ୍ତି, ୧-୧୫ ବର୍ଷ ପୂର୍ବରୁ ଆମେରିକା ଭଳି ଦେଶ ମହାକାଶ କିମ୍ବା ପ୍ରତିରକ୍ଷା କ୍ଷେତ୍ରରେ ପ୍ରଯୁକ୍ତି ହସ୍ତାନ୍ତର କରିବା ରାଜି ହେଉନଥିଲା । ବର୍ତ୍ତମାନ ଆମେ ଏହି କ୍ଷେତ୍ରରେ ମିଳିତ ଭାବେ କାମ କରିବା ଲାଗି ଆଲୋଚନା କରୁଛୁ। ତେଣୁ ଏହାକୁ ଏକ ଭଲ ଆରମ୍ଭ ବୋଲି କୁହାଯାଇ ପାରିବ। ମୁମ୍ବାଇରେ ଅବସ୍ଥାପିତ ମନସ୍ତୁ କମ୍ପାନୀ ଉପଗ୍ରହ ପାଇଁ ସବୁଜ ତଥା ପରିବେଶ ଅନୁକୂଳ ପ୍ରପଲସନ୍ ବା ଉତ୍କ୍ଷେପଣ ପ୍ରଣାଳୀ ବିକଶିତ କରିବା ଦିଗରେ କାମ କରୁଛି। କମ୍ପାନୀ ଆସନ୍ତା ବର୍ଷ ପରୀକ୍ଷଣ ପରେ ଏହି ଜ୍ଞାନ କୌଶଳକୁ ମାନ୍ୟତା ଦେବା ଲକ୍ଷ୍ୟରେ ରହିଛି। ମନସ୍ତୁ କମ୍ପାନୀ ମହାକାଶରର ଏକ ଇନ୍ଧନ କେନ୍ଦ୍ର ମଧ ଡିଜାଇନ କରୁଛି ଯାହାଦ୍ୱାରା ପୃଥିବୀର କକ୍ଷପଥରେ ଘୂରି ବୁଲୁଥିବା ସମୟରେ ଉପଗ୍ରହରେ ଇନ୍ଧନ ଭର୍ତ୍ତି କରାଯାଇପାରିବ । ବର୍ତ୍ତମାନ କୌଣସି ଉପଗ୍ରହର ଇନ୍ଧନ ସରିଗଲେ ତାହା ଅକାମି ହୋଇଯାଏ। ଇଣ୍ଡିଆ ସ୍ପେସ୍ ଏସୋସିଏସନର ମହାନିର୍ଦ୍ଦେଶକ ଲେଫଟନାଣ୍ଟ ଜେନରାଲ ଏ. କେ. ଭଟ୍ଟ (ଅବସରପ୍ରାପ୍ତ) କୁହନ୍ତି, ମହାକାଶ କ୍ଷେତ୍ରରେ ଅନେକ ପ୍ରର୍ଯୁକ୍ତିର ଦ୍ୱୈତ ଉପଯୋଗିତା ରହିଛି। କିନ୍ତୁ ଏହି ପ୍ରକ୍ରିୟା ଆଗକୁ କିଭଳି ସରଳ ହେବ, ତାହାର ସଙ୍କେତ ମିଳପାରୁଛି।

# ସମାଜର ହିତରେ ସାହିତ୍ୟ, ସଂସ୍କୃତିର ହୁଏ ରକ୍ଷା କବଚ : ଲଙ୍ଗଳେଶ୍ୱରରେ ଭ୍ରାମ୍ୟମାଣ ସାହିତ୍ୟ ସଭା

ଲଙ୍ଗଳେଶ୍ୱର,୯/୭( ନି ପ୍ର ) ସମାଜର ହିତରେ ସାହିତ୍ୟ ସଦା ଗତିଶୀଳ । ସଂସ୍କୃତିକୁ ସୁରକ୍ଷା ଦେବାରେ ଏହା ଏକ ରକ୍ଷା କବଚ ହୋଇଥାଏ। ସାହିତ୍ୟ ଓ ସଂସ୍କୃତି ବିନା ସମାଜ ତିଷ୍ଠି ପାରିବ ନାହିଁ ବୋଲି ରବିବାର ଲଙ୍ଗଳେଶ୍ୱର ସ୍ଥିତ ସ୍ୱାମୀ ବିବେକାନନ୍ଦ ଶିକ୍ଷା କେନ୍ଦ୍ର ପରିସରରେ ବାଲିଆପାଳ ସାରସ୍ୱତ ସହର ଅଭିଯାନ କମିଟି ପକ୍ଷରୁ ଆୟୋଜିତ ଭ୍ରାମ୍ୟମାଣ ସାହିତ୍ୟ ସଭାରେ ଅତିଥିମାନେ ଯୋଗ ଦେଇ ଉପରୋକ୍ତ ମତବ୍ୟକ୍ତ କରିଛନ୍ତି।କମିଟିର ଆବାହକ ଅଧ୍ୟାପକ ଡ଼ଃ ସୁକାନ୍ତ ଗିରିଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ସଭାରେ ଅପରାହ୍ନର ସମ୍ପାଦକ ବଂଶୀଧର ଜେନା, ପ୍ରକାଶିକା ଲକ୍ଷ୍ମୀ ପ୍ରିୟା ଦାସ, ବଣିଆଡିହା ସରପଞ୍ଚ କାଳି ଚରଣ ଜେନା, ପୂର୍ବତନ ଡ଼ି ଆଇ ସୁବାସ ଚନ୍ଦ୍ର ଚୌଧୁରୀ, ସମାଜସେବୀ ଚିତ୍ତରଞ୍ଜନ ଜେନା, ଅନୁଷ୍ଠାନର ପୃଷ୍ଠପୋଷକ ନିତ୍ୟାନନ୍ଦ ଦାସ, ପ୍ରାକ୍ତନ ଶିକ୍ଷକ ଅମୂଲ୍ୟ ଘଡାଇ ପ୍ରମୁଖ ଅତିଥି ଭାବରେ ଯୋଗ ଦେଇ ଉଦବୋଧନ ପ୍ରଦାନ କରିଥିଲେ। ଆଶୁକବି ହରେକୃଷ୍ଣ ମଲ୍ଲିକ, ସମାଜସେବୀ ଭୀଷ୍ମ ଚରଣ ମଲ୍ଲିକ, ସୁରେନ୍ଦ୍ର କୁମାର ପରିଡା, ବିଜୟ କୁମାର ପାତ୍ର, କବୟିତ୍ରୀ ବିଷ୍ଣୁ ପ୍ରିୟା ମହାପାତ୍ର, ମହେଶ୍ୱରୀ ଗିରି, ବୈଜୟନ୍ତୀ ରାଉଳ,ବର୍ଷିୟାନ ସାହିତ୍ୟିକ ଅନିରୁଦ୍ଧ ମଣ୍ଡଳ, ସୁଶାନ୍ତ କୁମାର ବେହେରା, ସୁଧାକର ଦାସ, ବିନୋଦ ବିହାରୀ ଦାସ, ଆଇନଜୀବୀ ପ୍ରଦୀପ କୁମାର ସାହୁ, ଅନଙ୍ଗ କୁମାର ସାହୁ,କାଶୀନାଥ ଦାସ, ଭୈରବ ଚରଣ ବେହେରା ସୀତାରାମ ଦାସ ପ୍ରମୁଖ କଥା ଓ କବିତା ପାଠ ଜରିଆରେ ସାହିତ୍ୟର ସ୍ୱରୂପ ବର୍ଣ୍ଣନା କରିଥିଲେ।କମିଟିର ସମ୍ପାଦକ ଗୋପାଳ କୃଷ୍ଣ ବିଶ୍ୱାଳ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଅମୂଲ୍ୟ ପଟ୍ଟାୟତ, ଦିବାକର ଜେନା, ସମ୍ପାଦିକା ପ୍ରତିମା ଜେନା ପ୍ରମୁଖ ଏହାକୁ ପରିଚାଳନା କରିଥିଲେ। କମିଟିର ସଭ୍ୟ ସାମ୍ବାଦିକ ରବି ରଞ୍ଜନ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।



# ବିଷାକ୍ତ ଛତୁତରକାରୀ ଖାଇ ପରିବାରର ତିନି ଗୁରୁତର

ନୀଳଗିରି, ୦୯/୦୭ (ନି.ପ୍ର): ନୀଳଗିରି ବ୍ଲକ୍ ନରଣପୁର ଗ୍ରାମର ଗୋଟିଏ ପରିବାରର ତିନି ଜଣଲୋକ ବିଷାକ୍ତ ଛତୁଖାଇ ଗୁରୁତର ହେବାରୁ ତାଙ୍କୁ ନୀଳଗିରି ହସ୍ପିଟାଲ୍ରେ ଭର୍ତି କରାଯାଇଛି। ସୂଚନା ଅନୁଯାଇ ରବିବାର ନରଣପୁର ଗ୍ରାମର ସ୍ୱର୍ଗତ ପ୍ରଭାକର ବେହେରାଙ୍କ ପୁଅ ସରୋଜ ବେହେରାଙ୍କ ନାବାଳକ ପୁତ୍ର ସମ୍ବିତ ବେହେରା ପାଖବାଡିରୁ ଛତୁ ଆଣି ରାନ୍ଧି ପରିବାରର ମା ବାପା ଓ ପୁଅ ତିନିଜଣ ମିଶି ଖାଇଥିଲେ। ଖାଇ ସାରିବା ର କିଛି ସମୟରେ ଲଗାତାର ତିନିଜଣକୁ ବାନ୍ତିହୋଇ ଥିଲା। ଗୁରୁତର ହେବାରୁ ତାଙ୍କୁ ୧୦୮ଯୋଗେ ନୀଳଗିରି ମେଡିକାଲରେ ଭର୍ତ୍ତି କରାଯାଇଛି। ତେବେ ସରୋଜ ଅଧିକ ଗୁରୁତର ଥିବା ଜଣାପଡିଛି।



# ମାନବୀୟ ଗୁଣାତ୍ମକ ବିଦ୍ୟାଳୟର ପ୍ରତିଭା ପୂଜନ ଉତ୍ସବ



ରୂପସା, ୦୯/୦୭ (ନି.ପ୍ର): ରୂପସା ସ୍ଥିତ ବୀଣାପାଣି ଶିଶୁ ମନ୍ଦିର ପରିସରରେ ଦୀର୍ଘ ବର୍ଷ ଧରି ପରିଚାଳିତ ହେଉଥିବା, ମାନବୀୟ ଗୁଣାତ୍ମକ ଶିକ୍ଷା ବିଷୟକ ମୁକ୍ତ ବିଦ୍ୟାଳୟ ରେ ପ୍ରତିଭା ପୂଜନ ଉତ୍ସବ ବିଦ୍ୟାଳୟ ର ପ୍ରଧାନ ଆଚାର୍ଯ୍ୟ ଶ୍ରୀ ସମ୍ଭୁନାଥ ବେହେରା ଙ୍କ ସଭାପତିତ୍ୱରେ ପାଳିତ ହୋଇଯାଇଅଛି।।ଏହି ସଭାରେ ମୁଖ୍ୟ ଅତିଥି ଭାବେ ପିଞ୍ଚାବଣିଆ ଗୁରୁକୁଳର ସଂଚାଳକ ଆଚାର୍ଯ୍ୟ ବିଜୟ ଜୀ ଯୋଗଦାନ କରି ବିଦ୍ୟାଳୟ ର ଆଦର୍ଶ ଶିକ୍ଷା ଗୁରୁ ପଣ୍ଡିତ ଗୌରହରି ପ୍ରହରାଜଙ୍କୁ ସମ୍ବର୍ଦ୍ଧନା କରିଥିଲେ। ବିଦ୍ୟାଳୟ ର ପ୍ରତିଷ୍ଠାତା ଶ୍ରୀଯୁକ୍ତ ତାପସ କୁମାର ପଣ୍ଡା, ପଣ୍ଡିତ ଗୌରହରି ପ୍ରହରାଜଙ୍କ କର୍ତ୍ତବ୍ୟ ନିଷ୍ଠ ଶିକ୍ଷା ଦାନ ଓ ଜୀବନ ଶୈଳୀ ର ଭୂଇୟସି ପ୍ରଶଂସା କରିଥିଲେ। ଶ୍ରୀଯୁକ୍ତ ନିତ୍ୟାନନ୍ଦ ପଟ୍ଟନାୟକ ବରେଣ୍ୟ ଅତିଥି ଭାବେ ଯୋଗଦାନ କରିବା ସଂଗେ ସଂଗେ ଆରତୀ ଗୁରୁମା ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଦ୍ୟାଳୟ ର ଛାତ୍ରଛାତ୍ରୀ ମାନେ ସ୍ୱାଗତ ସଂଗୀତ ପରିବେଷଣ କରିବା ସହିତ ଗୁରୁଙ୍କ ପ୍ରତି ନିଜର ଶ୍ରଦ୍ଧା ସମ୍ମାନ ଅର୍ପଣ କରିଥିଲେ। ପରିଶେଷରେ ସଭାର ସଭାପତି ଶ୍ରୀଯୁକ୍ତ ସମ୍ଭୁନାଥ ବେହେରା ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ।

# ନିମ ପରିବାର ପକ୍ଷରୁ ନିମ୍ବ ଚାରା ରୋପଣ



ବାରିପଦା, ୦୯/୦୭ (ନି.ପ୍ର): ଗ୍ଲୋବାଲ ନୀମ ପ୍ଲାଣ୍ଟେସନ ନିମ ପରିବାର ପକ୍ଷରୁ କଲେଜ ପ୍ରିନସିପାଲ ନଟବର ଗିରି ଙ୍କ ଅଧକ୍ଷ୍ୟତରେ ଶ୍ରୀ ମା କଲେଜ ପରିସରେ ନିମ୍ବ ଚାରା ରୋପଣ କରାଯାଇଛି. କଲେଜର ଅଧ୍ୟାପିକା, ଗୀତା ଶତପଥୀ, ସ୍ମିତା ଭଞ୍ଜ, ମାନସୀ ରାଣୀ ବାରିକ, ରୁପାଲୀ ବିଶୋଇ, ମାମୁନି ମାରାଣ୍ଡି, ମୋହନ ସିଂ, ଏବଂ ଛାତ୍ରୀ ରୁପାଲୀ ହାତୀ, ପ୍ରିୟଙ୍କା ମହାନ୍ତି, ସସ୍ମିତା ରାଉତ, ମୌସୁମୀ ସାମନ୍ତ ସିଂହାର, ମିନା ଚପେୟାର, ସ୍ମିତା ହାଁସଦା, ଲିସାରଣୀ ବେହେରା,ରୁଜି ବେହେରା, ରଶ୍ମିତା ପ୍ରଧାନ, ସୋନମତି ସିଂ, ଯମୁନା ସୋରେନ, ଗୀତ ମାନି ହାଁସଦା, ପାଉରା ମଣ୍ଡି, ଏବଂ ନିମ ପରିବାର ତରଫରୁ ବିମ୍ବାଧର ସାହୁ, ଅଜିତ କୁମାର କବାଟ, ବିଜୟର ଲକ୍ଷ୍ମୀ ନାୟକ, ଭାସ୍ୱତୀ ପଣ୍ଡା, ପପୁ ସିଂ ପ୍ରମୁଖ ଯୋଗଦେଇ ଶତାଧିକ ନିମ୍ବ ଚାରା ରୋପଣ କରିଥିବାର ଜଣାଯାଇଛି ।

# ଡ. ରଜନୀ ରଂଜନ ଓଡ଼ିଶା ଫିଲ୍ମ ଟେଲିଭିଜନ ରାଇଟରସ ଆସୋସିଏସନ୍‌ର ସଭାପତି ହେଲେ



ଭୁବନେଶ୍ୱର, ୦୯/୦୭ (ନି.ପ୍ର): ଓଡ଼ିଶା ଓଡ଼ିଶା ଫିଲ୍ମ ଟେଲିଭିଜନ ରାଇଟର୍ସ ଆସୋସିଏସନ୍ ପୁନଃ ଗଠିତ ହୋଇଛି । ସଭାପତି ଭାବରେ ଡ ରଜନୀ ରଞ୍ଜନ ନିର୍ବାଚିତ ହୋଇଥିଲାବେଳେ କାର୍ଯକାରୀ ସଭାପତି ଭାବରେ ଶଙ୍କର ତ୍ରିପାଠୀ, ଉପସଭାପତି ଭାବରେ ବିଜୟ ମଲ୍ଲ ଓ ଦିଲ୍ଲୀପ ଚୌଧୁରୀ ନିର୍ବାଚିତ ହୋଇଛନ୍ତି । ସେଇଭଳି ସାଧାରଣ ସମ୍ପାଦକ ଚିନ୍ମୟ ଦାସ ପଟ୍ଟନାୟକ ଓ ସଂଗଠନ ସମ୍ପାଦକ ଭାବରେ ଅରୁଣ ନାୟକ ଓ ପ୍ରିୟବ୍ରତ ପଣ୍ଡା, ଯୁଗ୍ମ ସମ୍ପାଦକ ଭରଦ୍ୱାଜ ପଣ୍ଡା, କୋଷାଧକ୍ଷ ଭାବରେ ବାପୁ ଗୋସ୍ୱାମୀ ନିର୍ବାଚିତ ହୋଇଛନ୍ତି । କାର୍ଯକାରୀ କମିଟି ସଭ୍ୟ ଭାବରେ ଶ୍ରୀହର୍ଷ କର, ପ୍ରଦୀପ୍ତ ନନ୍ଦ, ବସନ୍ତରାଜ ସାମଲ, ଡ ନିର୍ମଳ ନାୟକ, ଆଲୋକ ରୟ, ସଂଜିତ୍ ରଥ, ବିଜୟ ରାଉଳ, ସରଣାରବିନ୍ଦ ଓଝା,ଏବଂ ମାନସ୍ ମଲ୍ଲିକଙ୍କୁ ମନୋନୀତ କରାଯାଇଛି ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo